୬ ▶ ରାଜସ୍ଥାନ ରୟାଲ୍ସ ପରେ ବିକ୍ରି ହୋଇଗଲା ଆରସିବି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୫୫ ● ୨୬ ମାର୍ଚ୍ଚ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-55 ● 26th March 2026, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ବିଧାନସଭାରେ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ପାରିତ

# ବିରୋଧୀଙ୍କୁ କଡ଼ା ଜବାବ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିଧାନସଭାରେ ବିରୋଧୀ ଦଳ ଉଭୟ ବିଜେଡି ଓ କଂଗ୍ରେସକୁ ଶାଣିତ ସ୍ୱରରେ ଟାର୍ଗେଟ କରିଛନ୍ତି। ବିରୋଧୀଙ୍କ ଦୁର୍ବଳ ମୁଖ୍ୟମନ୍ତ୍ରୀ କଟାକ୍ଷର ସେ କଡ଼ା ଜବାବ ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟସଭା ଆଉ ନୂଆପଡ଼ା ନିର୍ବାଚନରୁ କିଏ କେତେ ଦୁର୍ବଳ ଆଉ ସବଳ ତାହା ସ୍ପଷ୍ଟ ହୋଇଛି। ବିଧାନସଭାରେ ବିରୋଧୀ ଦଳର ବିଧାୟକମାନେ ଗୃହରେ ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇବାକୁ ଯାଇ କଳା ରଙ୍ଗର ଟି-ସାର୍ଟ ପିନ୍ଧିଥିଲେ, ଯେଉଁଥିରେ ଦୁର୍ବଳ ମୁଖ୍ୟମନ୍ତ୍ରୀ ଓ ସବଳ ସ୍ୱାସ୍ଥ୍ୟମନ୍ତ୍ରୀ ଲେଖାଯାଇଥିଲା। ବିରୋଧୀର ଦଳର ଏଭଳି କଟାକ୍ଷକୁ ଦୃଢ଼ ଜବାବ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ୨୦୧୯ରୁ ୨୪ ଯାଏଁ ରାଜ୍ୟର ମୁଖ୍ୟମନ୍ତ୍ରୀ କେତେ ସବଳ ଥିଲେ ତାହା ସମସ୍ତେ ଜାଣନ୍ତି। ତାଙ୍କ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କିଏ ଓ କାହିଁକି ହତ୍ୟା କଲେ ସେକଥାର ଉତ୍ତର କିଏ ରଖିବେ? ସ୍ୱାସ୍ଥ୍ୟମନ୍ତ୍ରୀ ସେତେବେଳେ ସବଳ ହେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିଲା ବୋଲି ପ୍ରଚାର ହେଲା। ଗଲା ରାଜ୍ୟସଭା ନିର୍ବାଚନ ବେଳେ ଲୁଙ୍ଗି ପିନ୍ଧି ବସିଲେ। ଏହାଦ୍ୱାରା କେବଳ ଖୋର୍ଦ୍ଧା ଲୁଙ୍ଗିର ବିଜ୍ଞାପନ ଭଲ ହେଲା। ତାହା ଛଡ଼ା ଆଉ କିଛି ହେଲାନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୁଧବାର ଗୃହରେ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ଆଲୋଚନାର ଉତ୍ତର ଦେବା ବେଳେ ଏପରି କହିଥିଲେ।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୁଧବାର ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗର ଯଥାକ୍ରମେ ୧୦୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ଏବଂ ୭୭୩ କୋଟି ୯୯ ଲକ୍ଷ ୪୧ ହଜାର ଟଙ୍କାର ଖର୍ଚ୍ଚ ଦାବି ଗୃହର ମଞ୍ଜୁରୀ ନିମନ୍ତେ ଉପସ୍ଥାପନ କରିଥିଲେ। ତେବେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ ପୂର୍ବରୁ କକ୍ଷ ତ୍ୟାଗ କରି ଚାଲି ଯାଇଥିବାରୁ ସେମାନେ ଏହି ଆଲୋଚନାରେ ଭାଗ ନେଇନଥିଲେ। କେବଳ ଶାସକ ବିଜେପି ବିଧାୟକମାନେ ଏହି ଖର୍ଚ୍ଚ ଦାବି (ପୃଷ୍ଠା ୭ରେ)

### ||| ରତ୍ନଭଣ୍ଡାର ଗଣତିମଣତି |||

# ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ୮୦% ଗଣତି ଶେଷ

**ପୁରୀ, ୨୫।୩**
**ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁଙ୍କର ରତ୍ନଭଣ୍ଡାରର ଗଣତିମଣତି ବୁଧବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ଅଳଙ୍କାର ଗଣତିମଣତି କରାଯାଇଛି। ପୂର୍ବ ନିର୍ଦ୍ଧାରିତ ଶୁଭବେଳା ଏବଂ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ବୁଧବାର ଚଳନ୍ତି ଭଣ୍ଡାରର ୮୦ ପ୍ରତିଶତ ଅଳଙ୍କାର ଗଣତି କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, କଡ଼ା ସୁରକ୍ଷା ବଳୟ ମଧ୍ୟରେ ମୂଲ୍ୟବାନ ରତ୍ନ ଅଳଙ୍କାରର ଗଣତି କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି ବିଶେଷ ବୁଧବାର ମଧ୍ୟାହ୍ନରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପ୍ରାୟ ୬ଘଣ୍ଟା ଊର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ଏହି ଗଣତି କରାଯାଇଥିଲା। ଚଳନ୍ତି ଭଣ୍ଡାରର ପ୍ରାୟ ୮୦ ପ୍ରତିଶତ ଅଳଙ୍କାର ଗଣତି କରିଥିଲେ। ପ୍ରଥମ ଦିନରେ ମହାପ୍ରଭୁଙ୍କର ଦୈନନ୍ଦିନ ବ୍ୟବହୃତ ସୁବର୍ଣ୍ଣର ଗଣତି ହୋଇଛି। ଅଳଙ୍କାର ଗଣତି ସମୟରେ ୩ଡି ମ୍ୟାପିଂ, ଫଟୋଗ୍ରାଫି ଓ ଭିଡିଓ ରେକର୍ଡିଂ କରାଯାଇଛି।



ଡ. ପାଢ଼ୀ କହିଛନ୍ତି ଯେ, ଚଳନ୍ତି ଭଣ୍ଡାର ପରେ ବାହାର ଭଣ୍ଡାର ଗଣତି ହେବ। ଶେଷରେ ଭିତର ରତ୍ନଭଣ୍ଡାର ଗଣତି ହେବ। ରାଜ୍ୟ ସରକାରଙ୍କ ଏସ୍‌ଓପି ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ନିର୍ଦ୍ଦେଶ ଅନୁସାରେ ପ୍ରକ୍ରିୟା ଜାରି ରହିଛି। ଆମେ କହିପାରିବା ଯେ, ଭଣ୍ଡାର ମେକାପ ସେବକ ନିର୍ଦ୍ଦେଶ ଅନୁସାରେ ଗଣତିମଣତି ବୁଧବାର ସରିଛି। ପୂର୍ଣ୍ଣାଙ୍ଗ ଗଣତି ପରେ ତଥ୍ୟ ପ୍ରଦାନ କରାଯିବ। ୧୯୭୮ର ତାଲିକା ପରେ ମଧ୍ୟ ଭଣ୍ଡାର ମେକାପ ପାଖରେ ଥିବା ଗହଣାର ମଧ୍ୟ ତାଲିକା କରାଯାଉଛି।

ସୂଚନାଯୋଗ୍ୟ, ଶୁଦ୍ଧପୁତ ଭାବେ ସ୍ୱତନ୍ତ୍ର ଏକକ ପାରମ୍ପରିକ ପରିଧାନ (ପୃଷ୍ଠା ୭ରେ)

## ସୋନିଆ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି

**ନୂଆଦିଲ୍ଲୀ, ୨୫।୩**

କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ମଙ୍ଗଳବାର ରାତିରେ ପେଟର ସଂକ୍ରମଣ ଅଭିଯୋଗ ପରେ ଦିଲ୍ଲୀର ସର ଗଙ୍ଗା ରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରମାନଙ୍କ କହିବା ଅନୁସାରେ, ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଅଛି।

ବୁଧବାର ଦିନ ହସ୍ପିଟାଲ ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ, ସୋନିଆ ଗାନ୍ଧୀଙ୍କୁ ମଙ୍ଗଳବାର ରାତି ୧୦:୨୨ରେ ସର ଗଙ୍ଗା ରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ହସ୍ପିଟାଲର ଅଧକ୍ଷ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଆନ୍ଧ୍ର ପ୍ରଦେଶରେ ଆତଙ୍କବାଦୀ ମଡ୍ୟୁଲ୍ ସହିତ ଜଡିତ ୧୨ ସନ୍ଦିଗ୍ଧ ଗିରଫ, ହାଇଦ୍ରାବାଦରୁ ଜଣେ ମହିଳା ମଧ୍ୟ ଗିରଫ।
- ନବରାତ୍ରିରେ ମାତା ବୈଷ୍ଣୋ ଦେବୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼; ୨.୪ ଲକ୍ଷ ତୀର୍ଥଯାତ୍ରୀ ପ୍ରାର୍ଥନା କରିଛନ୍ତି।
- ଆପ୍ ବିଧାୟକ ହରମିତ୍ ସିଂହ ପଠାନ ମାଜରା ମଧ୍ୟପ୍ରଦେଶରୁ ଗିରଫ।
- ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ନାଗାଲାଣ୍ଡ, ବିହାରର ରାଜ୍ୟପାଳ ଓ ମଣିପୁରର ମୁଖ୍ୟମନ୍ତ୍ରୀ।
- ରାମ ନବମୀ ପୂର୍ବରୁ କଡା ସୁରକ୍ଷା ବ୍ୟବସ୍ଥା ସହ ପୁଲିସ ଦ୍ୱାରା ପତାକା ମାର୍ଚ୍ଚ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୬୭ (+୩୭୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୪୪୫ (+୩୪୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୦୧ (+୨୮୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୧୦)

# ଗ୍ୟାସ୍ ସଙ୍କଟ ମଧ୍ୟରେ ସରକାର ନେଲେ ବଡ଼ ପଦକ୍ଷେପ

**ନୂଆଦିଲ୍ଲୀ, ୨୫।୩**

ଏଲପିଜି ସଙ୍କଟ ମଧ୍ୟରେ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପେଟ୍ରୋଲ ଏବଂ ଡିଜେଲ ଅଭାବର ଗୁଜବକୁ ମଧ୍ୟ ସ୍ପଷ୍ଟ କରାଯାଇଛି। ଲୋକଙ୍କୁ ଏଥିପ୍ରତି ଧ୍ୟାନ ନ ଦେବାକୁ ଅନୁରୋଧ କରାଯାଇଛି।

ଦେଶରେ ପେଟ୍ରୋଲ, ଡିଜେଲର କୌଣସି ଅଭାବ ନାହିଁ। ପ୍ରେସ୍‌ମିଟ୍‌ରେ ସ୍ପଷ୍ଟ କରିଛନ୍ତି ପେଟ୍ରୋଲିୟମ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା। ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ରିଫାଇନାରୀଗୁଡ଼ିକ ମଧ୍ୟ ସର୍ବୋତ୍ତମ କ୍ଷମତାରେ ଚାଲୁଛି। ଆମର ପ୍ରତିବର୍ଷ ତୈଳ ଶୁଦ୍ଧିକରଣ କ୍ଷମତା ପାଖାପାଖି ୨୬ କୋଟି ଟନ୍ ରହିଛି। ତେଣୁ କେହି ପେଟ୍ରୋଲ କିମ୍ବା ଡିଜେଲ ପାଇଁ ଲମ୍ବା ଲାଇନ କରନ୍ତୁ ନାହିଁ। ପେଟ୍ରୋଲ କିମ୍ବା ଡିଜେଲ ଦାମ ବଢ଼ିନି, କେହି ଭୟଭୀତ ହୁଅନ୍ତୁ ନାହିଁ ବୋଲି ସେ ଲୋକଙ୍କୁ ସଚେତନ କରାଇଛନ୍ତି।



ସରକାରଙ୍କ ଧ୍ୟାନ ପାଇପ୍ ନ୍ୟାଚୁରାଲ ଗ୍ୟାସ୍‌କୁ ପ୍ରୋତ୍ସାହିତ କରିବା ଉପରେ ରହିଛି। ଏହା ପିଏନ୍‌ଜି ସଂଯୋଗର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛି। ଏହା ବ୍ୟତୀତ ଯେଉଁ ଗ୍ରାହକମାନେ ପିଏନ୍‌ଜି ବ୍ୟବହାର କରିବା ସତ୍ତ୍ୱେ ତାହା ବ୍ୟବହାର ନ କରି ଘରୋଇ ରନ୍ଧନ ଗ୍ୟାସ (ଏଲ୍‌ପିଜି) ବ୍ୟବହାର କରୁଛନ୍ତି ସେମାନଙ୍କର ଯୋଗାଣ ବନ୍ଦ କରାଯିବ। ସରକାର ଏହି ମର୍ମରେ ଏକ ନିର୍ଦ୍ଦେଶ ଜାରି କରିଛନ୍ତି।

ସରକାରଙ୍କ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଗ୍ୟାସ ନେଟ୍‌ୱର୍କକୁ ବଢ଼ାଇବା ଏବଂ ଗୋଟିଏ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା। ପଶ୍ଚିମ ଏସିଆରେ ଯୁଦ୍ଧ ସେଠାକାର ପ୍ରମୁଖ ଉତ୍ସରୁ ଯୋଗାଣକୁ ପ୍ରଭାବିତ କରିଛି। ଏଲପିଜି ଅଭାବକୁ ଦୂର କରିବା ପାଇଁ, ସରକାର ଘରୋଇ ଏବଂ (ପୃଷ୍ଠା ୭ରେ)

### ବିଧାନସଭାରେ ଶ୍ୱେତପତ୍ର ଉପସ୍ଥାପିତ

# ରାଜ୍ୟରେ ଆଇନ ଶୃଙ୍ଖଳା ଶାନ୍ତିପୂର୍ଣ୍ଣ ରହିଛି

**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍‌ବ୍ୟୁରୋ**

୨୦୨୫ ମସିହାରେ ରାଜ୍ୟରେ ସାମଗ୍ରୀକ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା। ସମସ୍ତ ପର୍ବପର୍ବାଣୀ ସୁରୁଖୁରୁରେ ସମ୍ପାଦିତ ହୋଇଥିବା ବେଳେ ସାମ୍ପ୍ରଦାୟିକ ପରିସ୍ଥିତି ମଧ୍ୟ ଶାନ୍ତିପୂର୍ଣ୍ଣ ରହିଥିଲା ବୋଲି ବୁଧବାର ବିଧାନସଭାରେ ଉପସ୍ଥାପିତ ସ୍ୱରାଷ୍ଟ୍ର ବିଭାଗର 'ଶ୍ୱେତପତ୍ର'ରେ ଉଲ୍ଲେଖ କରାଯାଇଛି। ୨୦୨୫ ମସିହାରେ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦୀ ଜନିତ ସାମଗ୍ରିକ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ ୯ଟି ଜିଲ୍ଲା ଯଥା କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା, ବଲାଙ୍ଗୀର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାଉରକେଲା ପୋଲିସ୍ ଜିଲ୍ଲାର କିଛି ଅଞ୍ଚଳରେ ସାମାନ୍ୟ ମାଓବାଦୀ କାର୍ଯ୍ୟକଳାପ ଦେଖାଯାଇଥିଲା। ମାଓବାଦୀ ବିରୋଧୀ ଅଭିଯାନ ସମୟରେ ମାଓବାଦୀଙ୍କ ସମେତ ୮ଟି ଗୁଳି ବିନିମୟ ଘଟଣାରେ ସିପିଆଇ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ ସମେତ ସମୁଦାୟ ୮ଜଣ ମାଓବାଦୀ ନିହତ ହୋଇଥିଲେ। ଏହା ବ୍ୟତୀତ ରାଜ୍ୟରେ ୯ଜଣ ସିପିଆଇ ମାଓବାଦୀ କ୍ୟାଡ଼ର ଓ ମିଲିସିଆ ଗିରଫ ହୋଇଥିବା ବେଳେ ୨୯ଜଣ ସିପିଆଇ ମାଓବାଦୀ କ୍ୟାଡ଼ର ଓ ମିଲିସିଆ ୯ଜଣ ଏରିଆ କମିଟି ସଦସ୍ୟ ଆତ୍ମସମର୍ପଣ କରିଥିଲେ। ନକ୍ସଲ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀ ଦ୍ୱାରା ୪୬ ବନ୍ଧୁକ, ୬୦ଟି ଉନ୍ନତ ବିସ୍ଫୋରକ, ଓ୍ୱାକିଟକି ସେଟ୍, ଲାପଟପ୍ ସମେତ ବହୁ ପରିମାଣର ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

ରାଜ୍ୟର ଅପରାଧ ସ୍ଥିତି ସମ୍ପର୍କରେ ଶ୍ୱେତପତ୍ରରେ କୁହାଯାଇଛି ୨୦୨୫ରେ ୨୨୯୮୮୧ ଧର୍ତ୍ତବ୍ୟ ଅପରାଧ ଘଟିଥିବା ବେଳେ ୧୩୦୪ ହତ୍ୟା ମାମଲା, ୩୫୩ ଡକାୟତି ମାମଲା, ୧୮୦୨ ଲୁଣ୍ଠନ ମାମଲା, ୬୦୮୨ ସିନ୍ଧିଚୋରି, ୨୧୧୯୨ ଚୋରି ମାମଲା, ୬୦୫୩ ପ୍ରତାରଣା ମାମଲା, ୧୦୯୫ ଦଙ୍ଗା ମାମଲା, ୨୯୯୪ ଦୁଷ୍କର୍ମ ମାମଲା, ୧୨୭୮୨ ମୋଟରଯାନ ଦୁର୍ଘଟଣା ମାମଲା, ୨୮୦୩ ସାଇବର ଅପରାଧ ମାମଲା ପଞ୍ଜିକୃତ (ପୃଷ୍ଠା ୭ରେ)

# ମଧ୍ୟପ୍ରାଚ୍ୟ ସଙ୍କଟର ମୁକାବିଲା ପାଇଁ ସର୍ବଦଳୀୟ ବୈଠକ



**ନୂଆଦିଲ୍ଲୀ, ୨୫।୩**

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ଏବଂ ବୈଶ୍ୱିକ ଚିନ୍ତାକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକ ଆରମ୍ଭ ହୋଇଛି। ହେଲେ ତୃଣମୂଳ କଂଗ୍ରେସ ଏହି ବୈଠକକୁ ବର୍ଜନ କରିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ବୈଠକରେ ସାମିଲ ହୋଇନାହାନ୍ତି, କାରଣ ଗୋଟିଏ ଦିନ ପୂର୍ବରୁ ସେ ଘୋଷଣା (ପୃଷ୍ଠା ୭ରେ)

### ବିରୋଧୀଙ୍କ ହଟ୍ଟଗୋଳ ନେଇ ଆଇନମନ୍ତ୍ରୀଙ୍କ କ୍ଷୋଭ

# ୧୨ କୋଟି ଟଙ୍କା ବରବାଦ୍ ହେଲାଣି

**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍‌ବ୍ୟୁରୋ**

କଟକ ଏସସିବିରେ ଅଗ୍ନିକାଣ୍ଡ ଜନିତ ରୋଗୀ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବୁଧବାର ବିଧାନସଭାରେ କ୍ରମାଗତ ଦଶମ ଦିନ ପାଇଁ ବିରୋଧୀ ଦଳର ନାରାବାଜି, ହଟ୍ଟଗୋଳ, ପୋଷ୍ଟର ପ୍ରଦର୍ଶନ ଜାରି ରହିବାରୁ ପ୍ରଥମାର୍ଦ୍ଧରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଶୂନ୍ୟକାଳରେ ମଧ୍ୟ ବିରୋଧୀ ଦଳ ଅନୁରୂପ ପ୍ରତିବାଦ, ହଟ୍ଟଗୋଳ ଜାରି ରଖିଥିଲେ। ଯାହାଫଳରେ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡକାଇ ଗୃହକୁ ମୁଲତବୀ ରଖିଥିଲେ। ଏହା ସତ୍ତ୍ୱେ କୌଣସି ସୁଫଳ ବାହାରି ନଥିଲା।

ବୁଧବାର ଗୃହକାର୍ଯ୍ୟ ୧୦.୩୦ ରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରଶ୍ନୋତ୍ତରରୁ ଆରମ୍ଭ କରିଥିଲେ। ଏହି ସମୟରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ପ୍ରବଳ ହୋ ହାଲ୍ଲା ଓ ନାରାବାଜି ସହ ପୋଷ୍ଟର ପ୍ରଦର୍ଶନ କରିଥିଲେ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ଦୋହରାଇଥିଲେ। ତେବେ ଗୃହରେ ବିରୋଧୀ ଦଳର ଅଭିନବ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ପରିଧାନ କରିଥିବା ପୋଷାକ ଉପରେ କଳା ଟି-ସାର୍ଟ ପିନ୍ଧିଥିଲେ, ଯେଉଁଥିରେ ଦୁର୍ବଳ ମୁଖ୍ୟମନ୍ତ୍ରୀ ଓ ସବଳ ସ୍ୱାସ୍ଥ୍ୟମନ୍ତ୍ରୀ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଲେଖାଯାଇଥିଲା। ଅନ୍ୟ ପକ୍ଷରେ ଶାସକ ବିଜେପି ବିଧାୟକମାନେ ନିଜ ନିଜ ଆସନରେ ବସି ବିରୋଧୀ ଦଳ ଉଦ୍ଦେଶ୍ୟରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ ଯେଉଁଥିରେ 'ନବୀନଙ୍କ ମେଣ୍ଟ ଓଡ଼ିଶା ପାଇଁ କଷ୍ଟ' କର୍ମୀଙ୍କୁ ଧୋକା, ନବୀନ ଏବେ ଏକା ଏକା, ନବୀନ ବାବୁଙ୍କୁ ଏତେ ଡର, ଦଳ ଭିତରେ ବିଦ୍ରୋହର ସ୍ୱର ଲେଖାଥିବା ରଙ୍ଗୀନ ପୋଷ୍ଟର ବିଜେପି ବିଧାୟକମାନେ ହାତରେ ଧରି ହଲାଉଥିବା ଦେଖିବାକୁ ମିଳିଥିଲା। ଏପରି ଅବସ୍ଥା ମଧ୍ୟରେ ବାଚସ୍ପତି (ପୃଷ୍ଠା ୭ରେ)

## ଘଡ଼ଘଡ଼ି ସହ ଝଡ଼ ବର୍ଷା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍‌ବ୍ୟୁରୋ**

ଗତ କିଛିଦିନ ଧରି ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗି ରହିଛି। ଏହାରି ଭିତରେ ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ୱାର୍ଣ୍ଣିଂ ଜାରି କରାଯାଇଛି। ଘଡ଼ଘଡ଼ି ସହ ଝଡ଼ ବର୍ଷା ନେଇ ଗୁରୁବାର ପର୍ଯ୍ୟନ୍ତ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, (ପୃଷ୍ଠା ୭ରେ)

## ଏକାଳ ପଖାଳ



ପାଇପି ଲାଇନି ପଡ଼ିବ କୁଆଡ଼େ
ପୂରା ଭାରତଟା ସାରା
ଇନ୍ଧନ ଆସିବ ଘର ଘରକୁ
ଆନନ୍ଦରେ ଆତ୍ମହରା
ବଜାରେ ମିଳୁନି ବରା
ଗ୍ୟାସ୍ ନମିଳେ ବୋଲି ଏ ହାଲତ
ସପନ ଦେଖିବା ପରା !!

# ପୁଣି ଯୁଦ୍ଧ ଆରମ୍ଭ ! ଆମେରିକାର ଯୁଦ୍ଧଜାହାଜ ଉପରେ ଆକ୍ରମଣ କଲା ଇରାନ



**ତେହେରାନ, ୨୫।୩**

ୟୁଏସଏସ ଆବ୍ରାହମ ଲିଙ୍କନକୁ ବାଲିଷ୍ଟିକ୍ ମିଶାଇଲରେ ଆକ୍ରମଣ କରି ଟାର୍ଗେଟ କରିଛି ଇରାନ। ଭିଡିଓରେ ଇରାନୀ ମିଶାଇଲ୍ ଆବ୍ରାହାମ ଲିଙ୍କନ ଉପରେ ଏକ ଶକ୍ତିଶାଳୀ ଆକ୍ରମଣ କରୁଥିବାର ଦେଖାଯାଇଛି। ଏହା ସହିତ ଇରାନ ଆମେରିକାକୁ ଏକ କଡ଼ା ଚେତାବନୀ ମଧ୍ୟ ଦେଇଛି। ଇରାନୀ ନୌସେନାର କମାଣ୍ଡର ରିଅର ଆଡମିରାଲ ଶାହରାମ ଇରାନୀ, ଆମେରିକାର ବିମାନ ବାହକ ୟୁଏସଏସ ଆବ୍ରାହାମ ଲିଙ୍କନ ସମ୍ପର୍କରେ ଏକ କଡ଼ା ଚେତାବନୀ ଦେଇଛନ୍ତି।

ସେ କହିଛନ୍ତି ଯେ ଇରାନୀ ନୌସେନା ଏହି ଜାହାଜର ପ୍ରତ୍ୟେକ ଗତିବିଧି ଉପରେ ନିରନ୍ତର ନଜର ରଖିଛି। ଆଡମିରାଲ ଶାହରାମ ଇରାନୀ କହିଛନ୍ତି, "ଆମେ ନିରନ୍ତର ୟୁଏସଏସ ଆବ୍ରାହାମ ଲିଙ୍କନର ପ୍ରତ୍ୟେକ ଚାଳନା ଉପରେ ନଜର ରଖୁଛୁ। ଯେତେବେଳେ ଏହା ଆମର ମିଶାଇଲ ସିଷ୍ଟମର ପରିସରରେ ପ୍ରବେଶ କରିବ, ଆମର ନୌସେନା ଏହା ବିରୁଦ୍ଧରେ ବଡ଼ ଏବଂ ଚୂର୍ଣ୍ଣ ଆକ୍ରମଣ ଆରମ୍ଭ କରିବ।"

ଇରାନ ନୌସେନା ମୁଖ୍ୟ କହିଛନ୍ତି ଯେ ସେମାନଙ୍କର ଦୃଷ୍ଟି ଏକ ଆମେରିକୀୟ ଯୁଦ୍ଧଜାହାଜ ଉପରେ ବନ୍ଦ ଅଛି। ଏହା କେବଳ ଏହା ପରିସର (ପୃଷ୍ଠା ୭ରେ)

# ପାକିସ୍ତାନ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର, ଷଷ୍ଠରେ ଭାରତ

**ନୂଆଦିଲ୍ଲୀ, ୨୫।୩**

ପାକିସ୍ତାନ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର। ଭାରତ ଷଷ୍ଠ ସର୍ବାଧିକ ପ୍ରଦୂଷିତ ଦେଶ। ପାକିସ୍ତାନ ତଳକୁ ଯଥାକ୍ରମେ ବାଂଲାଦେଶ, ତାଜିକିସ୍ତାନ, ଚାଦ ଓ କଙ୍ଗୋ ରହିଛି। ସ୍ୱିସ୍ କମ୍ପାନୀ ଏକ୍ୟୁଏଆଇର ପକ୍ଷରୁ ବୁଧବାର ଜାରି କରାଯାଇଥିବା ୱାର୍ଲଡ ଏୟାର କ୍ୱାଲିଟି ରିପୋର୍ଟ ୨୦୨୫ରୁ ଏକଥା ଜଣାପଡିଛି। ୨୦୨୪ ତାଲିକାରେ ଭାରତ ୫ମ ସ୍ଥାନରେ ଥିଲା। ରିପୋର୍ଟ ଅନୁସାରେ ଭାରତ ତଳକୁ ସପ୍ତମରେ କୁଏତ, ଅଷ୍ଟମରେ ଉଗାଣ୍ଡା, ନବମରେ ଇଜିପ୍ଟ ଓ ଦଶମରେ ଉଜ୍‌ବେକିସ୍ତାନ ରହିଛି।



ସେହିଭଳି ସହର ମଧ୍ୟରେ ଦେଖିଲେ ଉତ୍ତରପ୍ରଦେଶର ଲୋନି ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ସହର ହୋଇଥିଲା ବେଳେ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଛି। (ପୃଷ୍ଠା ୭ରେ)





# ୨୪ କିମି ଲାଗି ୧୦୪ କୋଟି ଟଙ୍କା ବ୍ୟୟ ଅଟକଳ : ଗାର୍ଡ୍‌ୱାଲ୍ ନାହିଁ, ରାସ୍ତା ଭୁଶୁଡ଼ିବା ଆଶଙ୍କା

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଶିଳ୍ପ କରିଡ଼ର ପ୍ରତିଷ୍ଠା ପାଇଁ ପୂର୍ବ ସରକାରଙ୍କ ସମୟରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ରାସ୍ତା ନିର୍ମାଣ ୨୪ କିମି ଲାଗି ୧୦୪ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି କେନାଲ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ରାସ୍ତାର ପ୍ରଭାକରପୁର-ସୁନୀଲପଡ଼ା-ବନ୍ଧପଡ଼ା ସଂଲଗ୍ନ ପାର୍ଶ୍ୱରେ ୨୦ ଫୁଟ ଖାଲରେ ବଡ଼ ବଡ଼ କେତେଟା ପୋଖରୀ ରହିଛି। ଫଳରେ ଏହି ରାସ୍ତା ପାର୍ଶ୍ୱରେ ଗାର୍ଡ ୱାଲ୍ ନିର୍ମାଣ ହୋଇନି। ପରବର୍ତ୍ତୀ ସମୟରେ ବର୍ଷା ହେଲେ କୌଣସି ମୁହୂର୍ତ୍ତରେ ରାସ୍ତା ଭୁଶୁଡ଼ିବା ଓ ଦୁର୍ଘଟଣା ଆଶଙ୍କା ରହିଛି। କିଛିଦିନ ପୂର୍ବେ ଭାରସାମ୍ୟ ହରାଇ ଏଠାରେ ଏକ ଶ୍ରମିକ ବୋଝେଇ ଅଟୋ ଓଲଟି ପଡ଼ିଥିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସେହିପରି ଏହି ରାସ୍ତାର ଗୋପାଳପୁର ମୌଜା ନିକଟ ରାସ୍ତାପାର୍ଶ୍ୱରେ ଏକ ପୋଖରୀ ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ସେଠାରେ ଗାର୍ଡ ୱାଲ୍ ନିର୍ମାଣ କରାଯାଇଛି। ହେଲେ ଗୋପାଳପୁର ମୌଜା ନିକଟ ଗାର୍ଡ ୱାଲ୍ ନିର୍ମାଣ ଭଳି ଏଠାରେ ଗାର୍ଡ ୱାଲ୍ ନିର୍ମାଣ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିଭଳି ଏହି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଆଉ ଏକ ୨ ଲାଇନ୍ ରାସ୍ତା ନିର୍ମାଣ ଲାଗି ଜମି ଅଧିଗ୍ରହଣ ପାଇଁ ମହାକାଳପଡ଼ା ପଞ୍ଚାୟତ ଅଫିସ୍‌ରେ ଗ୍ରାମସଭା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ଶିଳ୍ପ ପ୍ରତିଷ୍ଠା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଆଗେଇ ଆସିବେ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ସବ୍‌ଡିଭିଜନ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁଙ୍କୁ ପଚାରିବାରେ ଜିଓ ସିନ୍ଥେଟିକ ନେଟ ପ୍ୟାକିଂ ନିର୍ମାଣ ହେବ। ଗାର୍ଡ ୱାଲ୍‌ଠାରୁ ଜିଓ ସିନ୍ଥେଟିକ ନେଟ ବହୁତ ସୁଦୃଢ଼ ଓ ସ୍ଥାୟୀ ବୋଲି ସେ କହିଛନ୍ତି।

# ମୁରିବାହାଲରେ ମାଳ ମାଳ ବେଆଇନ ଇଟାଭାଟି ଜଙ୍ଗଲ କାଠରେ ଜଳୁଛି ଭାଟି : ପ୍ରଶାସନ ଚୁପ୍

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ମୁରିବାହାଲ, ହଳଦୀ, ମାଲିଶିରା, ଗରେଇ, ଗୋଇମୁଣ୍ଡ, ଡଙ୍ଗରପଡ଼ା, ପତ୍ରାପାଲି, ଲେବଡ଼ା, ଲଖନା ଆଦି ପଞ୍ଚାୟତରେ ଶହ ଶହ ବେଆଇନ ଇଟାଭାଟି ଚାଲିଥିବା ଅଭିଯୋଗ ହୋଇଛି। ସରକାରୀ ନିୟମକୁ ଉଲ୍ଲଂଘନ କରି ପ୍ରଶାସନର ନାକ ତଳେ ଇଟାଭାଟି ଗଢି ଉଠିଥିଲେ ମଧ୍ୟ ତହସିଲ କିମ୍ବା ରାଜସ୍ୱ ନିରୀକ୍ଷକ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଲୋକେ ବିଭାଗର କାର୍ଯ୍ୟଧାରା ନେଇ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ ଇଟାଭାଟି ମାଲିକମାନେ ବେଧଡ଼କ ଭାବେ ଜଙ୍ଗଲରୁ କାଠ କାଟି ଇଟା ପୋଡୁଥିବା ବେଳେ ବହୁ ସ୍ଥାନରୁ ମୂଲ୍ୟବାନ ମାଟି ସବୁ ଖୋଳି ଆଣୁଥିବା ଦେଖାଯାଉଛି। ସେହିପରି ଇଟାଭାଟିରୁ ନିର୍ଗତ ବିଷାକ୍ତ ଧୂଆଁ ଯୋଗୁଁ ସ୍ଥାନୀୟ ଅଞ୍ଚଳର ବାୟୁ ପ୍ରଦୂଷଣ ହେବା ସହ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପଡୁଛି। ଅନେକ ସ୍ଥାନରେ ଜନବସତି ଓ ବିଦ୍ୟାଳୟ



ନିକଟରେ ମଧ୍ୟ ଏହି ଭାଟିଗୁଡିକ ଖୁଲମ୍‌ଖୁଲା ଚାଲିଛି। ଏସମ୍ପର୍କରେ ତହସିଲଦାର ଜଗଦୀଶ କର୍ତ୍ତାମୀଙ୍କୁ ପଚାରିବାରୁ ସମସ୍ତ ଆର୍‌ଆଇଙ୍କୁ ଇଟାଭାଟି ଗୁଡ଼ିକରେ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏସମ୍ପର୍କରେ ହଳଦୀ ରାଜସ୍ୱ ନିରୀକ୍ଷକ କୁମୁଦ ମେହେରଙ୍କୁ ପଚାରିବାରୁ ସେ କହିଲେ ମୁଁ ତହସିଲଦାର ଆଜ୍ଞାଙ୍କୁ ଇଟାଭାଟି ମାଲିକମାନଙ୍କର ଲିଷ୍ଟ ଦେଇଛି। ବେଆଇନ ଭାଟିଗୁଡିକ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅଙ୍ଗନଦୀରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ କେବେ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଆଗଲପୁର ବ୍ଲକର ଜୀବନ ଜୀବିକା କୁହାଯାଉଥିବା ଅଙ୍ଗନଦୀ ଖରା ପୂର୍ବରୁ ଶୁଖିଲା ପଡ଼ିଛି। ଦଶନ୍ଧି ପୂର୍ବେ ବର୍ଷ ତମାମ ନଦୀରେ ଧାର ବୋହୁ ଥିଲା। ଫଳରେ ଆଗଲପୁର ବ୍ଲକ୍‌ର ୩୫ଟି ଗାଁରୁ ଊର୍ଦ୍ଧ୍ୱ ଓ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ର ୧୫ଟି ଗାଁକୁ ଚାଷ ଓ ପିଇବା ପାଇଁ ପର୍ଯ୍ୟାପ୍ତ ପାଣି ମିଳୁଥିଲା। ହେଲେ ବର୍ତ୍ତମାନ ଶୀତରୁ ସ୍ରୋତ ଶୁଖି ଯାଉଛି। ଦୀର୍ଘବର୍ଷ ହେଲା ଅଞ୍ଚଳବାସୀ ଅଙ୍ଗ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଗଲପୁର ବ୍ଲକ କୁଟାସିଂହା ନିକଟରେ ଅଙ୍ଗନଦୀରେ ୨୪୭.୫୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ଜଳ ସଂରକ୍ଷଣ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ବର୍ତ୍ତମାନର ସ୍ଥାନୀୟ ବିଧାୟକ ଓ ବିଭାଗୀୟ ଅଧିକାରୀ ମଧ୍ୟ ପ୍ରସ୍ତାବିତ ସ୍ଥାନକୁ ପରିଦର୍ଶନ କରି ଯାଇଛନ୍ତି। ହେଲେ ଏହା ଭିତରେ ୨ରୁ ଅଧିକ ବର୍ଷ ବିତି ଯାଇଥିଲେ ବି ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ। ଆଗକୁ ହେବାକୁ ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ। ସୂଚନା ଯୋଗ୍ୟ ଯେ ଅଙ୍ଗ ନଦୀରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ନିର୍ମାଣ ହେଲେ ଆଗଲପୁର ବ୍ଲକ କୁଟାସିଂହା, କଣ୍ଟାପାଲି, ତେନ୍ତୁଳି ଗାଁ, ଡୁଙ୍ଗୁରିପାଲି, ସେମେଲାମୁଣ୍ଡା, ହରଭଙ୍ଗା, ମୁରଶୁଣ୍ଡ, ସାଲେଭଟା ଆଦି ୨୦ଟି ଗାଁ ଓ ଡୁଙ୍ଗୁରିପାଲି ବ୍ଲକ୍‌ର କପାଶିରା, ଡାହୁକବୁଡ଼, ଭାଟବାହାଲୀ, ତମମୁରା, ଦିଗଶିରା, ଚେରୁପାଲି ଆଦି ୧୦ରୁ ଅଧିକ ଗାଁର ଜନସାଧାରଣ ପାନୀୟ ଜଳ ପାଇବା ସହିତ ପାଖାପାଖି ୩୦ ହଜାର ହେକ୍ଟର ଜମିକୁ ପାଣି ମାଡ଼ିବା ନେଇ ଆକଳନ କରା ଯାଇଛି। ଏବଂ ଏହା ସହିତ ଭୂତଳ ଜଳସ୍ତର ବୃଦ୍ଧି ହେବା ସହ ମାଛ ଚାଷ, ପଶୁ ପାଳନ ଆଦି କ୍ଷେତ୍ରରେ ସହାୟକ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ସରକାର ସମୟ ରେ ଏହି ପ୍ରକଳ୍ପ ପାଇଁ ଅନୁଦାନ ଆସିଛି। ତେଣୁକରି ତୁରନ୍ତ କାମ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୁନାବେଡ଼ା ଅଭୟାରଣ୍ୟକୁ ଗିଳୁଛି ବନାଗ୍ନି, ମାତିଛନ୍ତି କାଠ ମାଫିଆ, ପଦା ହେଉଛି ଘଞ୍ଚ ଜଙ୍ଗଲ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାଜସ୍ଥାନୀ ମେଣ୍ଢାପଲ ଉଜାଡ଼ିଦେଲେ ବିସ୍ତୀର୍ଣ୍ଣ ଚାରଣ ଭୂମି ଏବଂ ପରିସଂସ୍ଥା। ଏହାର କ୍ଷତି ଭରଣା ହେବାକୁ କେତେ ଯେ ବର୍ଷ ଲାଗିବ ତାହା କଳ୍ପନା ବାହାରେ। ମାଓବାଦୀଙ୍କ ପ୍ରାଦୁର୍ଭାବ କମିବା ପରେ ଆଶା ଥିଲା ପ୍ରକୃତି ପର୍ଯ୍ୟଟନ ସମୃଦ୍ଧ ହେବ। ହେଲେ କାଠ ମାଫିଆଙ୍କ ଦୌରାତ୍ମ୍ୟରେ ଏହି ସମ୍ଭାବନା ବି ଧୂଳିସାତ୍ ହେବାକୁ ବସିଛି। ଏହା ଉପରେ ଏବେ ଦାଉ ସାଧିଛି ବନାଗ୍ନି। ଫି'ବର୍ଷ ଜଙ୍ଗଲ ନିଆଁରେ ଜଳିପୋଡ଼ି ଛାରଖାର ହୋଇଯାଉଛି ହେକ୍ଟର ହେକ୍ଟର ସବୁଜିମା। ନୂଆପଡ଼ାର 'ଫୁସ୍‌ଫୁସ୍' ଭାବେ ପରିଚିତ ସୁନାବେଡ଼ା ଅଭୟାରଣ୍ୟ ଉଭୟ ମନୁଷ୍ୟକୃତ ଏବଂ ପ୍ରାକୃତିକ କାରଣରୁ ଧ୍ୱଂସ ହୋଇ ଚାଲିଥିବାବେଳେ ଆଗାମୀ ଭବିଷ୍ୟତରେ ଏହାର ପରିଣତି ଭୟଙ୍କର ହେବ ବୋଲି ଆଶଙ୍କା ବ୍ୟକ୍ତ କଲେଣି ପରିବେଶବିତ୍।

ଓଡ଼ିଶା-ଛତିଶଗଡ଼ ସୀମାବର୍ତ୍ତୀ ସୁନାବେଡ଼ା ଅଭୟାରଣ୍ୟ ଦୁଇ ରାଜ୍ୟର ଶ୍ରୀବୃଦ୍ଧି କରୁଛି। ୬୦୦ ବର୍ଗ କିମି ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ସୁନାବେଡ଼ା, ସୋସେଙ୍ଗ ସମେତ ୧୨ ପଞ୍ଚାୟତ ଅଧୀନ ୫୨ ଗାଁର ୧୦ହଜାରରୁ ଊର୍ଦ୍ଧ୍ୱ ବନବାସୀ ବସବାସ କରନ୍ତି। ଜୈବ ବିବିଧତାରେ ଭରପୂର ଏହି ସ୍ଥାନରେ ବାଘ, ହାତୀ, ଗୟଳ, ଭାଲୁ, ବାରହା, ସମ୍ବର, ହରିଣ, କୁଟୁରା, ଚଉସିଙ୍ଗା, ବଜ୍ରକାପ୍ଟା, ଝିଙ୍କ, ଗାଡ଼ଭାଲୁ, ମାଙ୍କଡ଼, ଜଙ୍ଗଲୀ କୁକୁଡ଼ା ସମେତ ବିଭିନ୍ନ ପ୍ରଜାତିର ସରୀସୃପ ଏବଂ ପକ୍ଷୀ ଅଛନ୍ତି। କରଞ୍ଜ, ସେମେଲ, କୁରେଇ, ଅଁଳା, ଶତାବରୀ, ଶାଳ, ଗେଣ୍ଡୁଲି, ବେଲ, ରୋହିଣୀ, ନିମ୍ବ, କୁସୁମ, ଜାମୁ, ଅର୍ଜୁନ, ଗଙ୍ଗଶିଉଳି, ସୁମରାଜ, ଭେଲୁଆ, ଭୂଇଁନିମ୍ବ, କୁରୁଡୁ, ପୁରୁଣି, ଛତିଆନ, ତେନ୍ତୁଳି, ଚନ୍ଦନ, ପଞ୍ଚାଗଗୁଆଲି, ବଜ୍ରମୂଳି, ପାତାଳଗରୁଡ଼, ଗୁଡ଼ମାରୀ, ଅନ୍ତମୂଳ, ପେଙ୍ଗୁ, ଖଇର ଭଳି ବୃକ୍ଷରାଜିରେ ସମୃଦ୍ଧ ସୁନାବେଡ଼ା ଅଭୟାରଣ୍ୟ।

ଏଠାକାର ମୂଲ୍ୟବାନ ଔଷଧୀୟ ଗୁଳ୍ମ ସଂଗ୍ରହ କରିବାକୁ ବର୍ଷତମାମ ରାଜ୍ୟ ଓ ରାଜ୍ୟ ବାହାରର ବୈଦ୍ୟମାନେ ଡେରା ପକାଇଥାନ୍ତି। ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଆଦିମ ଆଦିବାସୀଙ୍କ ପେଟପାଟଣା କଥା ବୁଝୁଛି ଏହି ଜଡ଼ିବୁଟି। ଏହାବାଦ୍



ମହୁଲ, ଚାହାର, ହରିଡ଼ା, ବାହାଡ଼ା ଭଳି ଲଘୁ ବନଜାତ ଦ୍ରବ୍ୟ ବନବାସୀଙ୍କୁ ଆର୍ଥିକ ସ୍ତରରେ ସମୃଦ୍ଧ କରୁଛି। ଏକଦା ଅଭୟାରଣ୍ୟର ବିସ୍ତୀର୍ଣ୍ଣ ଚାରଣ ଭୂମି ତୃଣଭୋଜୀ ପ୍ରାଣୀଙ୍କ ପାଇଁ ଆଶୀର୍ବାଦ ସାଜିଥିଲା। ଏହାର ସୁଯୋଗରେ ଗତ କିଛି ବର୍ଷ ହେଲା ରାଜସ୍ଥାନର ଯାଯାବର ସମ୍ପ୍ରଦାୟର ଲୋକେ ହଜାର ହଜାର ମେଣ୍ଢା ଧରି ଏଠାରେ ଡେରା ପକାଇଲେ। ଏହି ମେଣ୍ଢାପଲ ଦୈନିକ ୨୫ ଏକର ଜମିର ଔଷଧୀୟ ଗୁଳ୍ମ ଖାଇବା ସହ ଦଳିଚକଟି ଚାରଣ ଭୂମି ନଷ୍ଟ କରିଦେଲେ। ଫଳସ୍ୱରୂପ ୫-୬ ବର୍ଷରେ ଅଭୟାରଣ୍ୟର ଚିତ୍ର ବଦଳିଗଲା। ସ୍ଥାନୀୟ ଆଦିବାସୀଙ୍କ ତୀବ୍ର ପ୍ରତିବାଦ ଏବଂ ବନ ବିଭାଗର ବିହିତ କାର୍ଯ୍ୟାନୁଷ୍ଠାନ ପରେ ଯଦିଓ ଗତ ଦୁଇବର୍ଷ ହେଲା ରାଜସ୍ଥାନୀ ମେଣ୍ଢାପଲ ଆସିବା ବନ୍ଦ କରି ଦେଇଛନ୍ତି। ତଥାପି ସେମାନେ କରିଯାଇଥିବା କ୍ଷତି ଏଯାଏଁ ଭରଣା ହୋଇପାରୁନାହିଁ।

ଅପରପକ୍ଷେ ଅଭୟାରଣ୍ୟ ପାଇଁ ଏବେ ବଡ଼ ବିପଦ ସାଜିଛି ବନାଗ୍ନି। ପ୍ରତିବର୍ଷ ଜଙ୍ଗଲ ନିଆଁରେ ହେକ୍ଟର ହେକ୍ଟର ସବୁଜ ବନାନୀ ଜଳିପୋଡ଼ି ଛାରଖାର ହୋଇଯାଉଛି। ଗତବର୍ଷ ଅଭୟାରଣ୍ୟର ପ୍ରାୟ ୫୦୦ ପଏଣ୍ଟରେ ନିଆଁ ଲାଗିଥିଲା। ଚଳିତବର୍ଷ ସୋସେଙ୍ଗ, ଦାତୁନାମା ଓ ଚକଲା ଅଞ୍ଚଳର ୯୦ଟି ପଏଣ୍ଟରେ ବନାଗ୍ନି ଠାବ କରାଯାଇଛି। ବନ ବିଭାଗର ପଦକ୍ଷେପ ପରେ ନିଆଁ ଆୟତ୍ତ ହୋଇଥିଲେ ହେଁ ବିପଦ ସମ୍ପୂର୍ଣ୍ଣ କମିନାହିଁ। ଜଙ୍ଗଲ ନିଆଁ କାରଣରୁ ବନ୍ୟପ୍ରାଣୀ ଜନବସତି ମୁହାଁ ହେଉଛନ୍ତି। ଏହା ବନ୍ୟଜୀବ-ମଣିଷ ମଧ୍ୟରେ ସଂଘର୍ଷର କାରଣ ପାଲଟିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ଅଭୟାରଣ୍ୟରେ ମାଓ ଉପଦ୍ରବ ନାହିଁ। ତଥାପି ବନ କର୍ମଚାରୀଙ୍କ ମନରୁ ଭୟ କମିନାହିଁ। ସେମାନେ କାଁ ଭାଁ ପାଟ୍ରୋଲିଂ କରୁଛନ୍ତି। ଏହାର ସୁଯୋଗରେ କାଠ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସେମାନେ ରାତିରେ ଜଙ୍ଗଲ ପଦା କରି କାଠ ଚାଲାଣ କରୁଛନ୍ତି। ଏଭଳି ବେଆଇନ କାର୍ଯ୍ୟରେ ବନ କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି। ସୁନାବେଡ଼ା ଅଭୟାରଣ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରା ନ ଗଲେ ଏହା ବର୍ଷ କେଇଟାରେ ସତ୍ତା ହରାଇବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସୁନାବେଡ଼ା ଅଭୟାରଣ୍ୟ ଏସିଏଫ୍ ସଞ୍ଜୀବ ବନ୍‌ଗୋଲା କୁହନ୍ତି, ଜଙ୍ଗଲ ନିଆଁ ରୋକିବା ବନ ବିଭାଗ ପାଇଁ ଆହ୍ୱାନ ପାଲଟିଛି। ଏଥି ନିମନ୍ତେ ଅଭୟାରଣ୍ୟର ୧୦ଟି ସେକ୍ସନ ଅଧୀନ ୨୭ ବିଟ୍‌ରେ ୧୩ଜଣ ଫରେଷ୍ଟର, ୨୫ଜଣ ଫରେଷ୍ଟ ଗାର୍ଡ ଏବଂ ୬୫ଜଣ ଅସ୍ଥାୟୀ କର୍ମଚାରୀ ନିୟୋଜିତ ହୋଇଛନ୍ତି।

## ଗଟାଙ୍ଗି ସରକାରୀ ଆଶ୍ରମ ବିଦ୍ୟାଳୟରେ କେରଳ ମଡେଲରେ ପାଠ ପଢ଼ା : ଆବଶ୍ୟକ ଅନୁଯାୟୀ ନାହାନ୍ତି ଶିକ୍ଷକ ଶିକ୍ଷୟିତ୍ରୀ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦର ପରିବେଶ ବିଦ୍ୟାଳୟ ପରିସର। ଉପାନ୍ତ ଅଂଚଳରେ ସ୍ମାର୍ଟ କ୍ଲାସ୍ ରୁମ୍ ରେ କେରଳ ମଡେଲ୍ ରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। କିନ୍ତୁ ଆବଶ୍ୟକ ଶିକ୍ଷକ, ଶିକ୍ଷୟିତ୍ରୀ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଛାତ୍ରଛାତ୍ରୀ। ଏ କେଉଁ ସହରାଞ୍ଚଳର ଦୃଶ୍ୟ ନେହେଁ। ଏ ହେଉଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଉପାନ୍ତ ସୁଡ୍ରା ପଞ୍ଚାୟତର ଗଟାଙ୍ଗି ସରକାରୀ ଆଶ୍ରମ ବିଦ୍ୟାଳୟର ଦୃଶ୍ୟ। ବିଦ୍ୟାଳୟଟି ପାହାଡ଼ ପାଦଦେଶରେ ରହିଥିଲେ ମଧ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀର୍ଥବାସୀ ଘଡ଼ାଇଙ୍କ ନିଜସ୍ୱ ଉଦ୍ୟମରେ ବିଦ୍ୟାଳୟ ପରିବେଶକୁ ଅତି ସୁନ୍ଦର ଭାବେ ସୁସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଛି। ସେପଟେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ମଧ୍ୟ ଉଚ୍ଚକୋଟୀର। ଅନ୍ୟପଟେ କେରଳ ମଡେଲରେ ପାଠ ପଢ଼ାଯାଉଥିବା ଏହି ବିଦ୍ୟାଳୟ ଜିଲ୍ଲାର ପ୍ରଥମ ବିଦ୍ୟାଳୟ ଅଟେ। ଫଳରେ ସମସ୍ତ ଛାତ୍ରଛାତ୍ରୀ ଇଂରାଜୀ ଅକ୍ଷର ୟୁ ଆକାରରେ ବସି ବେସ୍ ଖୁସିରେ ପାଠ ପଢିପାରୁଛନ୍ତି।

ଏହି ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ସମୁଦାୟ ୧୭୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଛାତ୍ରୀ ନିବାସରେ ରହୁଛନ୍ତି ୧୪୦ ଜଣ ଛାତ୍ରଛାତ୍ରୀ। ମାତ୍ର ଦୁଇ ଜଣ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଦ୍ୱାରା ବିଦ୍ୟାଳୟରେ ଚାଲିଛି ପାଠପଢ଼ା। ତଥାପି ପ୍ରଧାନଶିକ୍ଷକଙ୍କ ଶୈକ୍ଷିକ ପଦ୍ଧତି ଯୋଗୁଁ ପ୍ରତିବର୍ଷ ବିଦ୍ୟାଳୟର ଅନେକ ଛାତ୍ରୀ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। ହେଲେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁଯାୟୀ ଆବଶ୍ୟକ ଶିକ୍ଷକ, ଶିକ୍ଷୟିତ୍ରୀ ନଥିବାରୁ ପାଠ ପଢ଼ିବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ଏଣୁ ଆବଶ୍ୟକ ଅନୁଯାୟୀ ଶିକ୍ଷକ, ଶିକ୍ଷୟିତ୍ରୀ ନିଯୁକ୍ତି ଦେଲେ ଏହି ବିଦ୍ୟାଳୟ ଆହୁରି ଉନ୍ନତି କରିବ ବୋଲି କହିଛନ୍ତି ଅନ୍ତେବାସୀ ଓ ପ୍ରଧାନଶିକ୍ଷକ। ତେବେ ପ୍ରଶାସନର ଏହି ବିଦ୍ୟାଳୟ ପ୍ରତି କେବେ ଦୃଷ୍ଟି ପଡୁଛି ତାହାକୁ ଅପେକ୍ଷା।

## ଘର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ପାଇଁ ୱାର୍ଡବାସୀଙ୍କ ଗୁହାରୀ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ମହାନଗର ନିଗମ ଅଧିନ ୧୩ ନଂ ୱାର୍ଡ ଚନ୍ଦିନିଚୌକ, ଦରଜିସାହିର ମୁଖ୍ୟ ରାସ୍ତା ଓ କିଛି ଲୋକଙ୍କ ଘର ସମ୍ମୁଖରେ ବେଆଇନ ଜବରଦଖଲ କରିବା ସହିତ ଦୋକାନ ଘର କରି ବ୍ୟବସାୟ କରୁଛନ୍ତି ଯାହା ଫଳରେ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତାଟିରେ ଘଣ୍ଟା ଘଣ୍ଟା ଧରି ଯାନବାହାନ ଅଟକି ରହିବାରୁ ଭିଡ଼ହେବା ଦ୍ୱାରା ୱାର୍ଡବାସୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏପରିକି ଜରୁରୀକାଳିନ ସେବା ଯୋଗାଇ ଆସୁଥିବା ଆମ୍ବୁଲାନ୍ସ ଆସିପାରୁନାହିଁ। ଜବରଦଖଲକାରୀମାନେ କିଛି ସାଧାରଣ ଲୋକଙ୍କ ଘର ସମ୍ମୁଖରେ କେବିନ ପକାଇ ମଧ୍ୟ ମୁଖ୍ୟ ରାସ୍ତାକୁ ଜୋରଜବରଦସ୍ତ ଅକ୍ତିଆର କରୁଥିବାରୁ ସେମାନେ ମଧ୍ୟ ତାଙ୍କ ବାସଘରକୁ ଯାଆସ ନିମନ୍ତେ ବହୁ ସମସ୍ୟାରେ ଚଳୁଛନ୍ତି। ଏପରିକି ଭଙ୍ଗା କୁଡ଼ିଆ ଏବଂ ପଲିଥିନ୍ ତଳେ ଦିନରାତି ବହୁ ଦୟନୀୟ ଅବସ୍ଥାରେ ଜୀବନ ବିତେଇବା ସହିତ ରାତ୍ର ସମୟରେ ସାପ ବେଙ୍ଗ ଇତ୍ୟାଦି ସରୀସୃପ ଜନ୍ତୁ ଘରେ ପଶି ଯାଉଥିବାରୁ ଶାନ୍ତିରେ ମଧ୍ୟ ଟିକେ ଶୋଇପାରୁନାହାନ୍ତି କିମ୍ବା ଖାଇ ପାରୁନାହାନ୍ତି କାରଣ ଏହି ଭଙ୍ଗା କୁଡ଼ିଆ ଘରକୁ ନିର୍ମାଣ ନିମନ୍ତେ ସରାମ ତାଙ୍କ ଘର ନିକଟକୁ ଯାଇପାରୁନାହିଁ ଯାହାଦ୍ୱାରା ଘର ନିର୍ମାଣରେ ବାଧା ସୃଷ୍ଟି ହେଉଛି ବୋଲି ମୃତ୍ୟୁଞ୍ଜୟ ଗୁପ୍ତା, ପଙ୍କଜ ମହାରଣା ଓ ରିଙ୍କି ଦାସ ପ୍ରମୁଖ ସି.ଏମ୍.ସି କମିଶନରଙ୍କ ନିକଟରେ ହାଜର ହୋଇ ଜବରଦଖଲ ଉଚ୍ଛେଦପାଇଁ ଲିଖିତ ଗୁହାରୀ କରିଛନ୍ତି। ଏହି ରାସ୍ତାକୁ ମମତା ଦାସ ନାମକ ବ୍ୟକ୍ତି ମୁଖ୍ୟତଃ ଜବରଦଖଲ କରି ରଖିଛନ୍ତି ବୋଲି ଅଭିଯୋଗ କରିବା ସହିତ ଏହାର ଅନୁସନ୍ଧାନ କରି ଅଭିଯୋଗକୁ ବିଚାରକୁ ନେଇ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ କମିଶନରଙ୍କ ନିକଟରେ ଗୁହାରୀ

## ଚୌଦ୍ୱାର କଲେଜ ମୁଖପତ୍ର 'ସୁଦେଷ୍ଣା' ଉନ୍ମୋଚିତ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ମହାବିଦ୍ୟାଳୟର ମୁଖପତ୍ର 'ସୁଦେଷ୍ଣା'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁପ୍ରତିଷ୍ଠିତ ସଂଗୀତ ନିର୍ଦ୍ଦେଶକ ତଥା କବି ମୋହିତ୍ ଚକ୍ରବର୍ତ୍ତୀ, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ, ଅମୀୟ ରଞ୍ଜନ ମହାନ୍ତି, ସ୍ୱର୍ଣ୍ଣପ୍ରଭା ରାଉତ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଡ. ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାଶ୍ରୀ ମିଶ୍ର, ପ୍ରମୁଖ ଯୋଗଦେଇ ମୁଖପତ୍ର ସୁଦେଷ୍ଣା ଉନ୍ମୋଚନ କରିବା ସହିତ ନବ ପ୍ରସ୍ତୁତ କ୍ୟାଲେଣ୍ଡରର ଉନ୍ମୋଚନ କରିଥିଲେ। ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ସୁମନ୍ତ କୁମାର ସାହୁ, ସଂଗ୍ରାମ ବିହାରୀ, ଲକ୍ଷ୍ମଣ କରଣ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ବନୀତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜାମରେ ଗ୍ୟାସ୍ ସମସ୍ୟା: ଅଧିକାଂଶ ଫାଷ୍ଟଫୁଡ୍-ହୋଟେଲ ବନ୍ଦ, ଖାଉଟି ଅସନ୍ତୁଷ୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ସହରରେ କିଛିଦିନ ହେବ ଜାଳେଣି ଗ୍ୟାସ ସମସ୍ୟା ଦେଖା ଦେଇଛି। ଲୋକଙ୍କୁ ମିଳୁନି ଗ୍ୟାସ୍। ଫଳରେ ଖାଉଟି ତଥା ଗ୍ୟାସ୍ ଉପଭୋକ୍ତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଉଥିବା ଜଣାପଡ଼ିଛି। ଏଥିସହ ଗ୍ୟାସ କଳାବଜାର ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଗୋଟେ ସିଲିଣ୍ଡରକୁ ୧୭ ଶହ ଟଙ୍କାରୁ ୨ ହଜାର ଟଙ୍କାରେ କିଣୁଛନ୍ତି ଲୋକେ। ଅନ୍ୟପଟେ ଏହି ଜାଳେଣି ଗ୍ୟାସ ମିଳୁ ନ ଥିବା ଯୋଗୁ ସହରର ଅଧାରୁ ଅଧିକ ଫାଷ୍ଟଫୁଡ୍ ଦୋକାନ ଓ ହୋଟେଲ ଆଦି ବନ୍ଦ ରହୁଥିବା ଦେଖିବାକୁ ମିଳିଛି।

# ବେପାରୀଙ୍କ ଜୁଲମ୍, ଅଭାବୀ ବିକ୍ରିର ଚାଷୀ ଶିକାର : ଶୀତଳଭଣ୍ଡାର ନାହିଁ, ଝାଳବୁହା ଚାଷର ମିଳୁନି ଉଚିତ ମୂଲ୍ୟ

**ଅସ୍ତରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଟମାଟୋ ଦର କେଜି ପିଛା ୨୦ ଟଙ୍କା। ହେଲେ ବଜାରଠାରୁ ୪ କିଲୋମିଟର ଦୂର ଖଣ୍ଡାସାହି, ବେଗୁନିଆବସ୍ତ ଅଞ୍ଚଳ ଚାଷୀଙ୍କ ବିଲ ମୁଣ୍ଡରେ କେଜି ପିଛା ମାତ୍ର ୨ ଟଙ୍କା। ଅମଳ ସମୟରେ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଦର କମୁଛି। ବେପାରୀଙ୍କ ଜୁଲମ୍ ଆଗରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଚାଷ ଖର୍ଚ୍ଚ ଦୂରର କଥା ତୋଳିବା ମୂଲ ଉଠୁନି। ସରକାର ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଅଞ୍ଚଳର ଶତାଧିକ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

ଅସ୍ତରଙ୍ଗ ଅଞ୍ଚଳରେ ଧାନ ଅମଳ ପରେ ଚାଷୀ ବିଭିନ୍ନ ଫସଲ କରିଥାନ୍ତି। ବାଇଗଣ, କୋବି, ଟମାଟୋ, ବିନ୍ସ ଆଦି ଚାଷ ହୁଏ। ବେଗୁନିଆବସ୍ତ, ଖଣ୍ଡାସାହି, ଓସ୍ତପୁର, ଝାରିଆ, ଓସିଆ ନଦୀ ପଠାରେ ବହୁଳ ଭାବେ ପନିପରିବା ଫସଲ ହୋଇଥାଏ। ଅଦିନିଆ ବର୍ଷାରେ ଧାନ ନଷ୍ଟ ସହ ଏଫଏକ୍ୟୁ ମାନକୁ ଡରି ଅନେକ ଚାଷୀ ଦଲାଲ ହାତରେ ଧାନ ଟେକି ଦେଇଥିଲେ। ଆଶା ଥିଲା ପରବର୍ତ୍ତୀ ଫସଲରେ ଦୁଇ ପଇସା ପାଇଲେ ପରିବାର ଚଳିବ। ଅମଳ ବେଳକୁ କିନ୍ତୁ ଅଭାବୀ ବିକ୍ରି ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି।

ବେଗୁନିଆବସ୍ତ ଅଞ୍ଚଳର ଚାଷୀ ପଦ୍ମଚରଣ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି, ଟମାଟୋ ଚାଷ ପାଇଁ ଏକର ପିଛା ୨୫ରୁ ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏବେ ଅମଳ ବେଳକୁ ଦର ୨ ଟଙ୍କା ହୋଇଯିବାରୁ ଚିନ୍ତାରେ ପଡ଼ିଛୁ। ଅନ୍ୟ ଫସଲ ଭଳି ଏହା ଅଧିକ ଦିନ ରହିପାରିବ ନାହିଁ। ପଚିଯିବା ପୂର୍ବରୁ ବାଧ ହୋଇ ୨ ଟଙ୍କାରେ ବିଲ ପାଖରେ ବେପାରୀଙ୍କୁ ବିକୁଛୁ। ବେପାରୀ ୨୫ କେଜି ଟ୍ରେ ପିଛା ଶହେରୁ ୧୨୦ ପର୍ଯ୍ୟନ୍ତ



ଦେଉଛନ୍ତି। ତୋଳିବା ମଜୁରୀ ବି ଉଠୁନି। ଚାଷୀ ଆଉ ତୋଳୁ ନଥିବାରୁ ଟମାଟୋ ବିଲରେ ପଚୁଛି। ଏବେ ପ୍ରଚୁର ଅମଳ ହେଉଥିବା ବେଳେ ଦର ୨ ଟଙ୍କା ହୋଇଥିବାରୁ ଖୁବ୍ ବାଧୁଛି ବୋଲି ଚାଷୀ ପୀତବାସ ସ୍ୱାଇଁ କହିଛନ୍ତି। ଶୀତଳଭଣ୍ଡାର ନଥିବାରୁ ଚାଷୀ ନିରୁପାୟ ହୋଇପଡୁଛି। ବେପାରୀ ମାତ୍ର ୨ ଟଙ୍କାରେ କିଣି ବଜାରରେ ଅଧିକ ଦରରେ ବିକ୍ରି କରୁଛନ୍ତି।

ଅପରପକ୍ଷରେ ବଜାରରେ ଦର ପୂର୍ବ ଅପେକ୍ଷା କମିଥିଲେ ବି ଏବେ ଟମାଟୋ କେଜି ପିଛା ୧୫ରୁ ୨୦ ଟଙ୍କା ରହିଛି। ଅସ୍ତରଙ୍ଗ ପରିବା ହାଟରେ କେଉଁଠି କେଜି ୨୦ ଟଙ୍କା ରହିଥିବା ବେଳେ କେଉଁଠି ଦେଢ଼ କେଜିକୁ ୨୦ ଟଙ୍କାରେ ବିକ୍ରି ହେଉଛି। ପରିବା ବେପାରୀଙ୍କ କହିବା କଥା, ଚାଷୀଙ୍କ ପାଖରୁ ଛୋଟ, ବଡ଼, ଫଟା ଆଦି ମିଶା ଟମାଟୋ ଆସୁଛି। ଦିନକ ପରେ ବହୁ ପରିମାଣର ପଚା ବାହାରୁଛି। ଗାଡ଼ି ଖର୍ଚ୍ଚ ଆଦି ସବୁକୁ ଦେଖିଲେ ଦର ଠିକ୍ ରହିଛି ବୋଲି ଜଣେ ବ୍ୟବସାୟୀ କହିଛନ୍ତି। ଯୋଗାଣ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟିର ଅବହେଳା ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏକ ଶୀତଳଭଣ୍ଡାର ହେଲେ ଚାଷୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ଯୁଗଯୁଗ ଧରି ସବୁଜିମାରେ ଭରପୁର ନିୟମଗିରି ପାହାଡ଼, ୧୧୨ ଗାଁର ଆଦିମ ଜନଜାତିଙ୍କ ପାଇଁ ସାଜିଛି ମା'

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ନିୟମଗିରି ପାହାଡ଼। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର। ସବୁଜିମାପୂର୍ଣ୍ଣ ପାହାଡ଼ ଆକାଶକୁ ଛୁଇଁଲା ଭଳି ଦଣ୍ଡାୟମାନ। ତା'ରି ବୁକୁରୁ କାହିଁ କେଉଁ କାଳରୁ ଜୀବିକା ସାଉଁଟି ଆସୁଛନ୍ତି ଆଦିମ ଜନଜାତି ଡଙ୍ଗରିଆ କନ୍ଧମାନେ। ଏଥିଲାଗି ଏହାକୁ ନିଜ ମା' ଭଳି ପୂଜା କରିଆସୁଛନ୍ତି। ପାଦେପାଦେ ସୁରକ୍ଷା ଦେଇ ଆସୁଛନ୍ତି। ଏହି ଆଦିମ ଅଧିବାସୀମାନେ ନିରକ୍ଷର ସତ, ଅଥଚ ନିର୍ବିକାର ଭାବେ ପ୍ରକୃତିର ନିୟମକୁ ଜାବୁଡ଼ି ଧରିଛନ୍ତି। ଭଲ ଭାବେ ବୁଝିଛନ୍ତି ଯେ, ଏ ପାହାଡ଼, ଝରଣା ଓ ବୃକ୍ଷଲତା ଲୋପ ପାଇଗଲେ ଜୀବଜଗତର ଆଉ ସତ୍ତା ରହିବ ନାହିଁ। ଖାସ୍ ସେଇଥିପାଇଁ କେଉଁ ଅନାଦି କାଳରୁ ଡଙ୍ଗରିଆମାନେ ନିୟମଗିରିକୁ ଜଗି ଆସୁଛନ୍ତି। ଡଙ୍ଗରରେ ରହୁଥିବାରୁ ନାଁ ସେମାନଙ୍କର ଡଙ୍ଗରିଆ।

ସମୁଦ୍ର ପତ୍ତନଠାରୁ ପ୍ରାୟ ୬ ହଜାର ଫୁଟ୍ ଉଚ୍ଚରେ ରହିଛି ଏହି ପାହାଡ଼। ଏଠାରେ ରହୁଛନ୍ତି ୧୧୨ ଗାଁର ପ୍ରାୟ ୧୫ ହଜାର ଡଙ୍ଗରିଆ। କଲ୍ୟାଣସିଂହପୁର, ମୁନିଗୁଡ଼ା,



ବିଷମକଟକ ସମେତ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ରେ ରହିଛି ଏସବୁ ଗାଁ। ଏଠି ସବୁକିଛି ପରିଚାଳିତ ହୁଏ ନିୟମ ରାଜାଙ୍କ ନିୟମରେ। ଘଞ୍ଚ ଜଙ୍ଗଲର ଅଧିକାଂଶ ସ୍ଥାନକୁ ଆଜି ବି ଭେଦି ପାରିନି ସୂର୍ଯ୍ୟାଲୋକ। ଆଧୁନିକତା ଠାରୁ ବହୁ ଦୂରରେ ଆଜି ବି ଏଠାକାର ବନବାସୀ। ପିଢ଼ି ପରେ ପିଢ଼ି ଏହି ପାହାଡ଼କୁ ସୁରକ୍ଷା ଦେଇ ଆସିଛନ୍ତି। କିମ୍ବଦନ୍ତୀ କହେ, ଏକଦା ମହାଦେବ ନିୟମଗିରି ପାହାଡ଼କୁ ଆସି କିଛିବର୍ଷ ଧ୍ୟାନ କରିଥିଲେ। ସେଥିପାଇଁ ଶୈବ ସଂସ୍କୃତି ସହ ନିୟମଗିରିର ସମ୍ପର୍କ ବହୁ ପୁରୁଣା। ଉଭୟ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ଜଳ ଯୋଗାଉଛି ଏ ପାହାଡ଼। ଏଠାରୁ ବାହାରିଛି ଅସଂଖ୍ୟ ଝରଣା ଏବଂ ସେଥିରୁ ସୃଷ୍ଟି ହୋଇଛି ବହୁ ନଦୀନାଳ। ବଂଶଧାରା, ନାଗାବଳୀ ଓ କଲ୍ୟାଣୀ ନଦୀ ଏ ପାହାଡ଼ ପାଦଦେଶରୁ ବାହାରି ସୁଦୂର ଆନ୍ଧ୍ରପ୍ରଦେଶଠାରେ ସମୁଦ୍ରରେ ମିଶିଛି।

କେବଳ ଓଡ଼ିଶା ନୁହେଁ ଆନ୍ଧ୍ରର ପାର୍ବତୀପୁରମ୍, ବିଜୟନଗରମ୍ ଏବଂ ଶ୍ରୀକାକୁଳମ୍ ଜିଲ୍ଲାର ଅନେକ ଅଞ୍ଚଳକୁ ଜଳ ଯୋଗାଉଛି ନିୟମଗିରି। ଏଥିସହ ଏଠାରୁ ବିଭିନ୍ନ ସ୍ଥାନକୁ ଯାଉଛି ଶିଆଳି ପତ୍ର, ଝୁଣା ଓ ଝାଡୁଠାରୁ ଆରମ୍ଭ କରି ସପୁରୀ, କମଳା, ତେନ୍ତୁଳି, ଆମ୍ବ, ପଣସ, ଖଜୁରୀ, କାଜୁ, ପାଳୁଅ ଓ ଅନ୍ୟାନ୍ୟ ଜଙ୍ଗଲଜାତ ସମ୍ପଦ। ହାତୀ, ହରିଣ, ଭାଲୁ, ଠେକୁଆ, ବିଲୁଆ, ନେଉଳ, ମୟୂର, ହେଟାବାଘ ଭଳି ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀ ଭାବେ ବେଶ୍ ପରିଚିତ ନିୟମଗିରି। ଜୈବ ବିବିଧତା ଭିତରେ ଏହାର ଅବସ୍ଥିତି। ଏଠାରେ ରହିଛି ପ୍ରାୟ ୭୫ ମିଲିୟନ ଟନ୍ ବକ୍ସାଇଟ୍। ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ କଳ, ବଳ ଓ କୌଶଳ ଖଟାଇ ଜିଲ୍ଲାର ବିଭିନ୍ନ ପାହାଡ଼ରେ ଗଚ୍ଛିତ ଥିବା ଖଣିକୁ ନିଜ ଅକ୍ତିଆରକୁ ନେଇଥିଲେ ବି ନିୟମଗିରିରେ ଆଜିପର୍ଯ୍ୟନ୍ତ ହାତ ମାରିପାରି ନାହାନ୍ତି। ଏହାର ଏକମାତ୍ର କାରଣ ହେଲା ଏହାକୁ ଜଗିଛନ୍ତି ଡଙ୍ଗରିଆ।

ନିୟମରାଜାଙ୍କଠାରୁ ବୁଝିଛନ୍ତି ପ୍ରାକୃତିକ ପରିବେଶ ଓ ପାହାଡ଼ର ମୂଲ୍ୟ। ଡଙ୍ଗର ଦେବତାଙ୍କୁ ସେମାନେ ପୂଜା କରି ଆସୁଛନ୍ତି। ନିୟମରାଜା ନିୟମକୁ କେବେହେଲେ ଅବମାନନା କରି ନାହାନ୍ତି। ଏଥିଲାଗି ଅନେକଥର ସେମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ରକ୍ତର ନଦୀ ବୋହିବ ପଛେ, ନିୟମଗିରିରେ କେବେହେଲେ ଖଣି ଖନନ କରାଇ ଦେବେନି। ସେମାନଙ୍କ ବିରୋଧକୁ ସମ୍ମତି ଜଣାଇ ସୁପ୍ରିମକାର୍ଟ ସେହି ଅଞ୍ଚଳରେ ଗ୍ରାମସଭା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାଂସ୍କୃତିକ ଓ ଧାର୍ମିକ ଅଧିକାରକୁ ନେଇ ଦେଶରେ ପ୍ରଥମଥର ପାଇଁ ଏଠାରେ ଅନୁଷ୍ଠିତ ହୋଇଥିଲା ଗ୍ରାମସଭା। ନିୟମଗିରିରେ ହାତ ମାରିଲେ ଅସ୍ତ୍ର ଉଠାଇବାକୁ ବାଧ ହେବେ ବୋଲି ଗ୍ରାମସଭାରେ ଚରମ ବାଣୀ ଶୁଣାଇଥିଲେ ସେଠାକାର ଅଧିବାସୀ। ସମସ୍ତେ ଗୋଟିଏ ସ୍ୱରରେ କହିଥିଲେ, ନିୟମଗିରି ସହିତ ଡଙ୍ଗରିଆକନ୍ଧ ଓ ଝରଣିଆ କନ୍ଧଙ୍କ ସମ୍ପର୍କ ଯୁଗ ଯୁଗର।

ନିୟମଗିରିର ଦେବତା ନିୟମରାଜା ହେଉଛନ୍ତି ସେମାନଙ୍କ ବାପା, ମାଆ ଓ ଇଷ୍ଟ ଦେବତା। କୌଣସି ପରିସ୍ଥିତିରେ ସେମାନେ ନିୟମରାଜାଙ୍କୁ ଛାଡ଼ିବେ ନାହିଁ। କେବଳ ତେଲଲୁଣ ଓ ଶୁଖୁଆ ପାଇଁ ସେମାନେ ହାଟବଜାର ଉପରେ ନିର୍ଭର କରୁଛନ୍ତି। ନହେଲେ ନିୟମ ରାଜାଙ୍କ ଦୟାରୁ ସବୁକିଛି ଏଠାରେ ମହଜୁଦ ରହିଛି। ଭୋକ ହେଲେ କନ୍ଦା ଖାଉଛନ୍ତି, ଶୋଷ ହେଲେ ଝରଣା ପାଣି ପିଉଛନ୍ତି। ନିୟମଗିରି ଉପରେ କେବଳ ଡଙ୍ଗରିଆଙ୍କ ଅଧିକାର ରହିଛି, ଆଉ କାହାରି ନାହିଁ। ସେହିପରି ନିୟମଗିରିରୁ ଖଣି ଖନନ କଥା ମନରୁ ଲିଭାଇ ଦେବାକୁ ଚେତାବନୀ ଦେଇଆସୁଛି ନିୟମଗିରି ସୁରକ୍ଷା ସମିତି। ଡଙ୍ଗରିଆଙ୍କ ପ୍ରତିବାଦ ଆଗରେ ହାର ମାନିଛି ସରକାରୀ କଳ। ଆଉ ଚିର ସବୁଜିମାରେ ହସୁଛି ନିୟମଗିରି।

## ମହିଳାମାନଙ୍କୁ ଗର୍ଭାଶୟ କର୍କଟରୁ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍‌ବ୍ୟୁରୋ**

ମହିଳାମାନଙ୍କୁ ମାରାତ୍ମକ ଗର୍ଭାଶୟ କର୍କଟରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଟୀକାକରଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖ୍ୟାତନାମା ପର୍ବତାରୋହୀ ସମୀରା ଖାନ ଯୋଗ ଦେଇ ସଚେତନତା ବାର୍ତ୍ତା ଦେଇଛନ୍ତି। ସେ ନିଜ ବାର୍ତ୍ତାରେ କହିଛନ୍ତି ଯେ, ପୁରୁଷକୈନ୍ଦ୍ରିକ ସମାଜରେ ନାରୀମାନଙ୍କୁ ମନୋବଳ ଦୃଢ଼ କରିବା ସହ ଶାରୀରିକ ଭାବେ ସୁସ୍ଥ ରହିବା ଆବଶ୍ୟକ। ସେଥିନିମନ୍ତେ ଗୋଟିଏ ଡୋଜ୍ ଟୀକା ନେଲେ ମହିଳାମାନଙ୍କୁ ବହୁପରିମାଣରେ ଗର୍ଭାଶୟ କର୍କଟରୁ ସୁରକ୍ଷା ଦିଆଯାଇପାରିବ। ଏହି ଅବସରରେ ଅତିରିକ୍ତ ନିର୍ଦ୍ଦେଶିକା ସିଟି ହସ୍‌ପିଟାଲ ଡଃ ରଞ୍ଜନା ଭଣ୍ଡାରି ଗର୍ଭାଶୟ କର୍କଟର ଲକ୍ଷଣ, ଏଚପିଭି ଟୀକା ଦ୍ୱାରା ନିରାକରଣ, ଟୀକାକାରଣର ପରବର୍ତ୍ତୀ ଲକ୍ଷଣଗୁଡିକ ବିଷୟରେ ଅବଗତ କରାଇବା ସହ ଉପସ୍ଥିତ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନଙ୍କୁ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବାକୁ କହିଥିଲେ।





## ଏସ୍‌ସିବି ମେଡ଼ିକାଲ୍‌ରେ ନୂତନ ଅଧୀକ୍ଷକଙ୍କ ଦାୟିତ୍ୱ ଗ୍ରହଣ

**କଟକ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀରାମ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଅଧିକ୍ଷକ ଭାବେ ଡକ୍ଟର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏଫ୍‌ଏମ୍‌ଟି (Forensic Medicine & Toxicology) ବିଭାଗର ବିଭାଗୀୟ ମୁଖ୍ୟ ଭାବେ ଦୀର୍ଘ ଅନୁଭବ ରଖିଛନ୍ତି। ଚିକିତ୍ସା ସେବା, ଶିକ୍ଷା ଓ ପ୍ରଶାସନ ମାମଲାରେ ତାଙ୍କର ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରାଯାଇଛି। ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ସଠିକ୍ ଭାବେ ଅବଗତ ହୋଇ ଓ ସମନ୍ୱୟ ରକ୍ଷା ପୂର୍ବକ ସେ ନିଜର କାର୍ଯ୍ୟଭାର ତୁଲାଇବେ ବୋଲି କହିଛନ୍ତି । ହସ୍ପିଟାଲ୍‌ରେ ରୋଗୀ ସେବାକୁ ପ୍ରାଥମିକତା ଦିଆଯିବ ବୋଲି କହିବା ସହ ଯେଉଁଠି କୌଣସି ଅବହେଳା ବା ବ୍ୟବସ୍ଥାଗତ ତ୍ରୁଟି ଥାଏ, ସେଗୁଡ଼ିକୁ ଚିହ୍ନଟ କରି ସମୀକ୍ଷା କରାଯିବା ସହ ଭବିଷ୍ୟତରେ ସେହି ଭୁଲ୍‌ର ପୁନରାବୃତ୍ତି ନହେବାକୁ ପ୍ରଶାସନିକ ଓ ପ୍ରାୟୋଗିକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ଏସ୍‌ସିବି ମେଡ଼ିକାଲ୍ କେଲଜ ହସ୍ପିଟାଲ୍ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଦିଗରେ ପ୍ରତିବଦ୍ଧ ଏବଂ ଆଗକୁ ଏହା ଜାରି ରହିବ ବୋଲି ସେ କହିଛନ୍ତି । ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଦେବା, ସୁବ୍ୟବସ୍ଥିତ ପରିଚାଳନା ଏବଂ ସ୍ୱଚ୍ଛ ପ୍ରଶାସନ ଆମର ପ୍ରାଥମିକ ଲକ୍ଷ୍ୟ ରହିବ।

## କଟକ ଏଲ୍‌ଆଇସି ଅଫିସ୍‌ରେ ଅଗ୍ନିକାଣ୍ଡ:ସମସ୍ତ କାଗଜପତ୍ର ଜଳି ନଷ୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**




କଟକରେ ପୁଣି ଅଗ୍ନିକାଣ୍ଡ । କଟକ ଲିଙ୍କ୍ ରୋଡ୍ ସ୍ଥିତ ଏଲ୍‌ଆଇସି କାର୍ଯ୍ୟାଳୟରେ ଭୋର ପ୍ରାୟ ୫ଟା ସମୟରେ ନିଆଁ ଲାଗିଥିଲା । ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ନେଇ ଜଣାପଡିଛି । ଖବରପାଇ ଚାଉଳିଆଗଞ୍ଜ ଫାୟାର ଷ୍ଟେସନ୍ ପକ୍ଷରୁ ଦୁଇଟା ଟିମ୍ ଓ ବକ୍ସି ବଜାର ଫାୟାର୍ ଷ୍ଟେସନ୍‌ର ଗୋଟିଏ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ତିନିଟି ଦମକଳ ଗାଡ଼ି ଏହି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ୨୨ ଜଣ ଫାୟାର କର୍ମଚାରୀଙ୍କ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରଯାଇଥିଲା । ନିଆଁର ଭୟାବହତା ଏତେ ଅଧିକ ନଥିଲେ ମଧ୍ୟ ପ୍ରାଥମିକ ସୂଚନାରୁ ଯାହା ଜଣାପଡ଼ିଛି ଯେ, ଏଲ୍‌ଆଇସି କାର୍ଯ୍ୟାଳୟରେ ଦୁଇଟି ରୁମ୍‌ରେ ଥିବା ସମସ୍ତ କାଗଜପତ୍ର ଏଥିରେ ପୋଡ଼ି ଜଳି ନଷ୍ଟ ହୋଇଯାଇଛି । ତେବେ ଏହାରି ଭିତରେ ସବୁଠାରୁ ବଡ଼ କଥା ହେଉଛି ଏଲ୍‌ଆଇସି କାର୍ଯ୍ୟାଳୟ ଭିତରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିଲା ବୋଲି ଫାୟାର୍ ଅଫିସର ସିଧାସଳଖ ଭାବେ କହିଛନ୍ତି । କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି ଏଲ୍‌ଆଇସି ଅଫିସ୍‌ର ଉପରିସ୍ଥ ଅଧିକାରୀ । ଅଗ୍ନିକାଣ୍ଡରେ କେତେ କ'ଣ କ୍ଷୟ କ୍ଷତି ହୋଇଛି ତାହାର ସଠିକ୍ ରିପୋର୍ଟ ଆସିନଥିବା ବେଳେ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ତ ନଷ୍ଟ ହୋଇଛି, ଏଥିରେ ସନ୍ଦେହ ନାହିଁ । ସତେ ଯେମିତି ଏବେ ପ୍ରତ୍ୟେକ ଦିନ କଟକକୁ ନିଆଁ ଡରାଉଛି । କଟକରେ ଥିବା ସମସ୍ତ ଅଫିସ୍ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ନଥିବା ସତ୍ତ୍ୱେ ମଧ୍ୟ ଏହା ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି । ଯାହାଫଳରେ ଏଲ୍‌ଆଇସି କାର୍ଯ୍ୟାଳୟରେ ଏଭଳି ଘଟଣା ଘଟିଛି ବୋଲି କୁହାଯାଉଛି ।

## ବ୍ରହ୍ମପୁର ସିଟି ହସ୍ପିଟାଲ୍ | ୨ ବର୍ଷ ଧରି ୧୨ ଆଇସିୟୁ ଅଚଳ:ଚିକିତ୍ସାରୁ ରୋଗୀ ବଞ୍ଚିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସିଟି ହସ୍ପିଟାଲ୍‌ରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥାରେ ଗୁରୁତର ବିଭ୍ରାଟ ପଦାକୁ ଆସିଛି । ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଶିଶୁ ବିଭାଗ ସମେତ ୧୨ଟି ଆଇସିୟୁ ଅଚଳ ହୋଇ ପଡ଼ିରହିଛି । ଫଳରେ ସଙ୍କଟାପନ୍ନ ରୋଗୀଙ୍କୁ ସମୟପୋଯୋଗୀ ଜରୁରୀ ଚିକିତ୍ସା ପ୍ରଦାନ କରିବାରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏକ ପ୍ରକାର ବିଫଳ ହୋଇଛନ୍ତି । ଆବଶ୍ୟକସ୍ଥଳେ ରୋଗୀଙ୍କ ସମ୍ପର୍କୀୟମାନେ ବାଧ୍ୟ ହୋଇ ଗୁରୁତର ରୋଗୀଙ୍କୁ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରୁଛନ୍ତି । ଫଳରେ ରୋଗୀଙ୍କ ଜୀବନ ବିପଦରେ ପଡ଼ିବା ସହ ପରିବାର ଲୋକଙ୍କୁ ଉଭୟ ଆର୍ଥିକ ଓ ମାନସିକ ଚାପରେ ରହୁଛନ୍ତି । ବ୍ରହ୍ମପୁର ସମେତ ଆଖପାଖ ପ୍ରାୟ ୪୦ ରୁ ୫୦ କିଲୋମିଟର ଦୂର ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମର ରୋଗୀ ସିଟି ହସ୍ପିଟାଲ୍ ଉପରେ ନିର୍ଭର କରିଥାନ୍ତି । ସେହିକ୍ରମରେ ପ୍ରତିଦିନ ଏଠାକୁ ସହସ୍ରାଧିକ ରୋଗୀ ବିଭିନ୍ନ ଚିକିତ୍ସା ପାଇଁ ଆସିଥାନ୍ତି । କିନ୍ତୁ ହସ୍ପିଟାଲ୍ ପରିଚାଳନାରେ ତ୍ରୁଟି, ଡ଼ାକ୍ତର ଓ କର୍ମଚାରୀଙ୍କ ଉପଯୁକ୍ତ ଚିକିତ୍ସା ସେବା ଉପଲବ୍ଧ ହେଉନଥିବା ଅଭିଯୋଗ ହୋଇଛି । ପୂର୍ବ ସରକାର ଅମଳରେ ସିଟି ହସ୍ପିଟାଲ୍‌କୁ ମୋଟ୍ ୧୨ଟି ଆଇସିୟୁ ପ୍ରଦାନ କରାଯାଇଥିଲା । ସେଥିରୁ ୬ଟି ଶିଶୁ ରୋଗୀଙ୍କ ପାଇଁ ଏବଂ ଅବଶିଷ୍ଟ ୬ଟି ସାଧାରଣ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଆଇସିୟୁ ପରିଚାଳନା ପାଇଁ ୨ ଜଣ ଡ଼ାକ୍ତର ଓ ୨ ଜଣ ନର୍ସିଂ ଅଫିସର ସ୍ୱତନ୍ତ୍ର ତାଲିମ୍ ନେଇଛନ୍ତି । କିନ୍ତୁ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ହସ୍ପିଟାଲ୍‌ର ସମସ୍ତ ୧୨ଟି ଆଇସିୟୁକୁ କାର୍ଯ୍ୟକ୍ଷମ କରାଯାଇନାହିଁ । ଫଳରେ ହସ୍ପିଟାଲ୍‌କୁ ଭରସା କରି ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ଆବଶ୍ୟକସ୍ଥଳେ ଆଇସିୟୁ ସେବା ମିଳିପାରୁନାହିଁ । ବାଧ୍ୟ ହୋଇ ସଙ୍କଟାପନ୍ନ ରୋଗୀଙ୍କୁ ପରିବାର ସଦସ୍ୟମାନେ ଅନ୍ୟତ୍ର ନେବାକୁ ବାଧ୍ୟ ହେଉଛନ୍ତି । ଆବଶ୍ୟକ ଟେକ୍ନିକାଲ୍ ଷ୍ଟାଫ୍ ଓ ସପୋର୍ଟ ସିଷ୍ଟମ୍‌ର ଅଭାବରୁ ମଧ୍ୟ ସିଟି ହସ୍ପିଟାଲ୍‌ର ଆଇସିୟୁକୁ କାର୍ଯ୍ୟକ୍ଷମ କରିବା ସମ୍ଭବପର ହେଉନଥିବା ଜଣାପଡ଼ିଛି । ଯଦ୍ୱାରା ସିଟି ହସ୍ପିଟାଲ୍‌ର ଆଇସିୟୁ ବ୍ୟବସ୍ଥା କୋମାକୁ ଚାଲିଯାଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ମେଡ଼ିକାଲ୍ ଅଧୀକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଭଳି ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଆବଶ୍ୟକ ମୁତାବକ ଡ଼ାକ୍ତର, ନର୍ସ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଆଇସିୟୁକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ବ୍ୟାସନଗରରେ ଲଗାମ୍ ଛଡ଼ା ଗୁଟ୍‌ଖା ବେପାର:ଡ୍ରଗ୍ସ ଇନ୍‌ସପେକ୍ଟର ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ନିକଟରେ ସରକାର ନିକୋଟିନ ଯୁକ୍ତ ପାନ ମସଲା ତଥା ଗୁଟ୍‌ଖାକୁ ବନ୍ଦ କରିଛନ୍ତି ସତ କିନ୍ତୁ ଯାଜପୁର ଜିଲ୍ଲା ବ୍ୟାସନଗର ସହର ଓ ଏହାର ଆଖପାଖ ଅଞ୍ଚଳରେ ଏହାର ବ୍ୟାପକ କଳାବଜାରୀ ହେଉଥିବା ସଂଗେ ସଂଗେ ଖୁଲମଖୁଲା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ସରକାରଙ୍କ ଏଭଳି କଟକଣାକୁ ପାନ ଦୋକାନୀମାନେ ଫୁ କରି ଉଡାଇଦେଇଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ବଜାରରେ ନିକୋଟିନ୍ ଯୁକ୍ତ ଗୁଟ୍‌ଖା ଓ ପାନ ମସଲା ପ୍ରଚୁର ପରିମାଣରେ ମହଜୁଦ ରହିଥିବା ଦେଖିବାକୁ ମିଳୁଛି । ଧର୍ମକୁ ଆଖିଠାର ମାରିଲା ଭଳି ପ୍ରଶାସନ ଏହି ନିଦା ବିଷ୍ଣୁ ସାଜିଥିବା ଦେଖିବାକୁ ମିଳୁଛି। ସରକାର ଗୁଟଖା ବିକ୍ରି ଉପରେ ନିର୍ଦ୍ଦେଶ ନାମା ଜାରି କରିବା ପରଠୁ ସହରରେ ଆଜିପର୍ଯ୍ୟନ୍ତ କୌଣସି ବିଭାଗ ତରଫରୁ ଚଢ଼ଉ ଜାରି କରାଯାଇନାହିଁ। ବ୍ୟାସନଗର ସହରର ବ୍ୟାଙ୍କ ଷ୍ଟ୍ରିଟ୍, ଗୋପବନ୍ଧୁ ଛକ ଓ ନିଉ ମାର୍କେଟ୍‌ରେ ରହିଥିବା ବଡ଼ ବଡ଼ ହୋଲ୍‌ସେଲ୍ ଦୋକାନରେ ପ୍ରଚୁର ପରିମାଣରେ ଗୁଟ୍‌ଖା ବିକ୍ରି ହେଉଥିବା ନଜର ରହିଛି । ନିଜ ଦୋକାନ ମାନଙ୍କରେ ନରଖି ଅନ୍ୟ ଜାଗାରେ ଗୋଦାମ୍ ଗୃହରେ ପର୍ଯ୍ୟାପ୍ତ ପରିମାଣରେ ଗୁଟ୍‌ଖା ଷ୍ଟକ୍ ରଖିଥିବା ଖୁଚୁରା ବ୍ୟବସାୟୀଙ୍କ ଠାରୁ ଶୁଣିବାକୁ ମିଳୁଛି । ଏହି ଗୁଟ୍‌ଖାକୁ ସେବନ କରି ଲୋକମାନେ ନାନାଦି କ୍ୟାନ୍ସର ଜନିତ ରୋଗରେ ପୀଡିତ ହେଉଥିଲେ ମଧ ଡ୍ରଗ୍ସ ନିରୀକ୍ଷକ ଓ ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ନେଉନାହାନ୍ତି। ଆହୁରି ମଧ କଳାବଜାରୀ ସାଙ୍ଗକୁ ଧାର୍ଯ୍ୟ ରେଟ୍ ଠାରୁ ଗୋଟିକରେ ଦୁଇରୁ ତିନି ଟଙ୍କା ଅଧିକ ନେଉଥିବା ମଧ ଦେଖିବାକୁ ମିଳୁଛି। ଯଦି ପ୍ରଶାସନ ତରଫରୁ ଏହି ହୋଲ୍‌ସେଲ୍ ବ୍ୟବସାୟୀଙ୍କ ଉପରେ ଚଢ଼ଉ ହୁଅନ୍ତା ତେବେ ସହରରେ କେତେ ପରିମାଣରେ ଗୁଟ୍‌ଖା ଷ୍ଟକ୍ ରହିଛି ତାହା ପ୍ରଶାସନ ଜାଣିପାରନ୍ତା। ଏଭଳି କଳାବଜାରୀ କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସହରବାସୀ ଦାବି କରୁଛନ୍ତି। ଏ ଦିଗରେ ଜିଲ୍ଲାପାଳ ଏସ୍‌ପି, ଡ୍ରଗ୍ସ ଓ ଅବକାରୀ ବିଭାଗ ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ଦେଖିବାର ବାକି ରହିଲା କେବେ କେଉଁଦିନ ଯାଜପୁର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉଛନ୍ତି।



## ମିଳୁନି ଟାର୍ଗେଟ୍:ରାସ୍ତାକଡ଼ରେ ପଡିରହିଛି ହଜାର ବସ୍ତା ଧାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବାରଡାଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘଦିନ ହେଲା ଟାର୍ଗେଟ୍ ନଥିବାରୁ ପ୍ରାୟ ଶତାଧିକ ଚାଷୀ ସେମାନଙ୍କର ଧାନ ବିକ୍ରି କରିପାରୁନାହାଁନ୍ତି ଏବଂ କେତେଜଣ ଚାଷୀଙ୍କର ଟୋକନ୍ ଅବଧି ସରିଯାଇଛି ଏବଂ ଏହା ସହିତ ବାରଡାଙ୍ଗ ସମିତିରେ ଧାନ ଉଠାଇବା ପାଇଁ ନିଯୁକ୍ତି ପାଇଥିବା ମିଲର୍‌ମାନେ ମଣ୍ଡିରୁ ଧାନ ନ ଉଠେଇବାରୁ ହଜାର ହଜାର ବସ୍ତା ଧାନ ରାସ୍ତାକଡରେ ଓ ମଣ୍ଡି ପରିସରରେ ପଡିରହିଛି। ତୁହାକୁ ତୁହା ବର୍ଷା ଉଠାଉଥିବା ବେଳେ ମିଲର୍‌ମାନଙ୍କର ଖାମ୍‌ଖିଆଲି ନୀତି ଯୋଗୁ ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ଏ ନେଇ କୃଷି ସମବାୟ ସମିତିର ସଭାପତି ଶୁଶାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ମଣ୍ଡିକୁ ଧାନ ଉଠାଇବା ପାଇଁ ଟାର୍ଗେଟ୍ ଦେବାସହ ମଣ୍ଡିରୁ ଧାନ ଉଠାଇବା ଏବଂ ଟୋକନ୍ ଅବଧି ସରିଯାଇଥିବାକୁ ନୂତନ ପଞ୍ଜିକରଣ କରିବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମାୟାଧର ନାଉରୀ, ମଦନ ମୋହନ ନନ୍ଦ, ଶାରଦା ପ୍ରସାଦ ଦାସଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଅସହାୟ ମହିଳାଙ୍କୁ ଗର୍ଭବତୀ ଅଭିଯୋଗ ନେଇ ଥାନାରେ ମକଦ୍ଦମା ରୁଜୁ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

୩ ରମ୍ଭା ଥାନା ଏବଂ ହୁମା ଫାଣ୍ଡି ଅନ୍ତର୍ଗତ ନୀଳାଦ୍ରୀପୁର ଗ୍ରାମରେ ଜଣେ ଅସହାୟ, (ଭଲି) ଅବିବାହିତ ମହିଳାଙ୍କ ଗର୍ଭବତୀ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଅସହାୟ ମହିଳାଙ୍କ ପ୍ରତି ଏଭଳି ହୋଇଥିବା ଜାଣି ଗ୍ରାମରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମରେ ଏନେଇ ବୈଠକ ହୋଇଥିବା ସତ୍ତ୍ୱେ କୌଣସି ପ୍ରକାର ଆଲୋଚନା ହୋଇପାରିନଥିଲା । ଯାହାଫଳରେ ଉତ୍ତ୍ୟକ୍ତ ଲୋକମାନେ ହୁମା ଫାଣ୍ଡିରେ ଘଟଣା ବିଷୟରେ ଅଭିଯୋଗ କରିଥିଲେ । ପୀଡିତାଙ୍କ ବୟାନ ପୋଲିସ ରେକର୍ଡ଼ କରିବା ସହ ଅଭିଯୋଗକୁ ଭିତ୍ତି କରି ପୋଲିସ ଦୁଇଟି ମକଦ୍ଦମା ଯଥା ୧୯୩/୨୬, ୧୯୪/୨୬ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ନୀଳାଦ୍ରିପୁର ଗ୍ରାମର ଅସହାୟ ମହିଳାଙ୍କୁ ସେହି ଗ୍ରାମର ଜଣେ ଲୋକ କୁଆଡେ ପ୍ରଲୋଭନ ଦେଖେଇ ଶାରୀରିକ ସମ୍ପର୍କ ରଖିଥିବା ବେଳେ ମହିଳା ଜଣକ ଗର୍ଭବତୀ ହୋଇଥିଲା । ମହିଳାଙ୍କ ଗର୍ଭ ନଷ୍ଟ କରିବାକୁ ମହିଳାଙ୍କୁ ଏକ ଘରୋଇ ମେଡିକାଲ୍‌କୁ ନିଆଯାଇଥିଲା । ସେଠାରେ ମହିଳାଙ୍କ ସ୍ୱାମୀ ଆବଶ୍ୟକ ପଡିଥିଲା ଯାହାକୁ ନେଇ ମହିଳାଙ୍କୁ ନେଇଥିବା ବ୍ୟକ୍ତି ଜଣକ ଅସୁବିଧାରେ ପଡିଯାଇଥିଲେ । ଫଳରେ ଆଉ ଗର୍ଭ ନଷ୍ଟ କରିପାରିନଥିଲେ । ପରବର୍ତ୍ତୀ ସମୟରେ ଗ୍ରାମରେ ଏହି ଘଟଣା ପ୍ରଚାର ହୋଇଥିଲା । ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଉକ୍ତ ଘଟଣାକୁ ନେଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି, ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଆ ପ୍ରମୁଖ ଏହି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

## ଆରମ୍ଭ ହେଲା ଚୈତ୍ର ମାସ:ଗାଁ ଦାଣ୍ଡରେ ଶୁଭିବ ମଣିଡାକ

# ଦଣ୍ଡନୃତ୍ୟ ପାଇଁ ପ୍ରସ୍ତୁତ ହେଲେଣି ଦଣ୍ଡୁଆ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

କଥାରେ ଅଛି ଓଡ଼ିଆ ଜାତିର ବାର ମାସରେ ତେର ପର୍ବ, ସେଇ ତେର ପର୍ବ ଭିତରୁ ଚୈତ୍ର ମାସରେ ଶିବଙ୍କ ଗାଁ ଗାଁ ଭ୍ରମଣ ସହ ଦଣ୍ଡ ନୃତ୍ୟରେ ଗାଁ ଦାଣ୍ଡଭକ୍ତିମୟ ପରିବେଶରେ ଉଛୁଳି ପଡିବ। ଆସିଯାଇଛି ଚୈତ୍ର ମାସ ଆଉ କିଛି ଦିନ ଗଲେ ଆରମ୍ଭ ହୋଇଯିବ ଶିବ ପାର୍ବତୀଙ୍କ ଦଣ୍ଡ ନୃତ୍ୟ। ଏହି ମାସରେ ପ୍ରଭୁ ଶ୍ରୀରାମଙ୍କ ନବମୀ ପୂଜା ଅର୍ଚ୍ଚନା ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ବେଳେ, ଠିକ୍ ଅପରପାର୍ଶ୍ୱରେ ପ୍ରଭୁ ଶିବଙ୍କର ଦଣ୍ଡ ଯାତ୍ରା ବା ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ମାସରେ ବିଭିନ୍ନ ଗ୍ରାମରେ ଥିବା ଦଣ୍ଡ ଯାତ୍ରା ପରମ୍ପରାକୁ ବଜାୟ ରଖିବା ପାଇଁ ଶିବ, ପାର୍ବତୀଙ୍କୁ ସାଙ୍ଗରେ ନେଇ ମାନସିକ ଧାରୀ ଭକ୍ତମାନେ ଛତି ଛତ୍ର, ବାନା, ବୈରଖ, ଚାଉଁର, ଘଣ୍ଟ, ମହୁରୀ ଢୋଲ, ନିଷାଣ ବାଦ୍ୟ ଦ୍ୱାରା ଶିବ କାଳୀଙ୍କୁ ଗ୍ରାମେ ଗ୍ରାମେ ବୁଲାଇଥାନ୍ତି । ଏନେଇ ପୁରପଲ୍ଲୀ ଠୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଶିବ ଭକ୍ତମୟ ପରିବେଶ ସୃଷ୍ଟି ହେବା ସହିତ, ଦଣ୍ଡ ଯାତ୍ରା ଦ୍ୱାରା ଗାଁ ଦାଣ୍ଡ ଉଛୁଳି ପଡିବ । ଏପଟେ ଶିବ କାଳୀଙ୍କୁ ମଣି ଡାକରେ ପୁରା ପରିବେଶ ପ୍ରକମ୍ପିତ ହେବ । ବୌଦ୍ଧ ବ୍ଲକର ବିଭିନ୍ନ ଶୈବ ପୀଠରୁ ଚୈତ୍ର ଦଣ୍ଡ ଉଠିଥାଏ। ଦଣ୍ଡୁଆଙ୍କ କହିବା ଅନୁଯାୟୀ ତେର ଭୁକ୍ତା ବା ଦଣ୍ଡୁଆଙ୍କ ମେଳରେ ରୀତି ନୀତି ଅନୁସାରେ ଦକ୍ଷିଣକାଳୀ ଓ ରୁଦ୍ରକାଳୀଙ୍କୁ ପୂଜାର୍ଚ୍ଚନା କରାଯାଇ ନିଶାର୍ଦ୍ଧ ରାତିରେ ଦଣ୍ଡ ଉଠିଥାଏ । ଦଣ୍ଡ ଉଠିବାର ପରଦିନ ଗ୍ରାମ ପରିକ୍ରମା କରିବା ସହିତ ବନ୍ଦାଣ ଘେନି ହୋଇଥାଏ । ଶ୍ରଦ୍ଧାଳୁ ଦଣ୍ଡୁଆମାନେ ମାସ ସାରା ନିଷ୍ଠାର ସହ ବ୍ରତ କରି କାଳୀଙ୍କୁ ପୂଜାକରି କଠିନ ସାଧନା କରିଥାନ୍ତି ଏବଂ ଆଗାମୀ ବିଷୁବ ସଂକ୍ରାନ୍ତି ଦିନ ବ୍ରତଭଙ୍ଗ କରିଥାନ୍ତି। ଯାତ୍ରା ସମୟରେ ତେର ଭୁକ୍ତା ମାନଙ୍କୁ କଠୋର ନିୟମ ମାନି ଚଳିବାକୁ ହୁଏ। ଧୂଳି ଦଣ୍ଡ, ପାଣି ଦଣ୍ଡ ଆଦି କରିଥାନ୍ତି। ଏଭଳି ସାଧନା ଓ ଆରାଧନାରେ ଦେବୀ ତୁଷ୍ଟ ହୋଇ ଭୁକ୍ତା ଓ ମାନସିକଧାରୀଙ୍କ ମନୋସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷ ଜିଲ୍ଲାର ଚାରିଶମ୍ଭୁ, ଚଣ୍ଡିତଳ, ଚଣ୍ଡୀଗଡ଼, କମ୍ପରା, ଦାମୋଦରପୁର, ବଢ଼ିଗାଁ, ପଳାଶ, ଗମ୍ଭାରୀପଦର, ଗିରାସୀଙ୍ଗା, ମାନେଶ୍ୱର, କୃଷ୍ଣ ପାଲି, ବଘିଆପଡା, ଖଲିଆପାଲି ଆଦି ଗ୍ରାମ ଗୁଡିକରେ ଚୈତ୍ର ଦଣ୍ଡ ଯାତ୍ରା ହେଉଥିବା ବେଳେ ଏହି ଯାତ୍ରା ହେବା ପୂର୍ବରୁ ବର୍ତ୍ତମାନ ଦଣ୍ଡ ନୃତ୍ୟକାରୀଙ୍କୁ ନେଇ ବିଭିନ୍ନ ସ୍ଥାନରେ ବିଭିନ୍ନ ଶୁଆଙ୍ଗକୁ ନେଇ ପୂର୍ବ ପ୍ରସ୍ତୁତି ଅଭ୍ୟାସ ଜାରି ରହିଥିବା ଜଣାପଡ଼ିଛି ।

## ହସ୍ପିଟାଲ୍ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**




ଭାରତୀୟ ମଜଦୁର୍ ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ହସ୍ପିଟାଲ୍ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ରାୟଗଡ଼ା ମାଁ କାଳୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର୍ ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ , ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମ କୁମାର ପଟ୍ଟନାୟକ, ଜୟଦେବ ସେଠ, ନିରଞ୍ଜନ ସେନାପତି ଯୋଗଦେଇ ରାୟଗଡା ଜିଲ୍ଲାରେ ଠିକା ସଂସ୍ଥା (Outsourcing) ଦ୍ୱାରା କାର୍ଯ୍ୟରତ ସିକ୍ୟୁରିଟି, ସଫେଇ, ହାଉସ୍ କିପିଙ୍ଗ ଏଟେଣ୍ଡର, ଡାଟା ଏଣ୍ଟ୍ରି, ପ୍ଲମ୍ବର, କର୍ମଚାରୀ ମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମସ୍ୟାର ସମାଧାନ ହୋଇପାରିଲାନାହିଁ । ତେଣୁ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରି ସମାଧାନ କରିବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି ତୁରନ୍ତ ଏହାର ସମାଧାନ କରାନଯାଏ ତାହେଲେ ଆସନ୍ତା ଦିନରେ ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର ଦାସ ପ୍ରକାଶ କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟତଃ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଇପିଏଫ୍ ଏବଂ ଇଏସ୍‌ଆଇ ପ୍ରତ୍ୟେକ ମାସରେ ଜମା କରିବା । ପ୍ରତି ମାସରେ ଠିକ୍ ସମୟରେ ଦରମା ଦେବା । ଦରମା ଦୁଇ ମାସ, ତିନି ମାସ, ଆଉ କିଛି ଚାରି ମାସକୁ ଥରେ ଅଲଗା ଅଲଗା ଦରମା ନଦେଇ ଠିକ୍ ସମୟରେ ଜିଲ୍ଲାରେ ସମସ୍ତଙ୍କୁ ଏକାଥରେ ଦରମା ଦେବା। ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା । ବର୍ଷକୁ ୨ ହଳ ବିନା ମୂଲ୍ୟରେ ୟୁନିଫର୍ମ ପ୍ରଦାନ କରିବା, ପୂର୍ବତନ ଏଜେନ୍ସୀର ବକେୟା ୨ ମାସର ଦରମା ପ୍ରଦାନ କରିବା, ସୁଇପର ମାନଙ୍କ ଦରମା ଦେବା ସମୟରେ ଟେକ୍ସ ବାବଦରେ ୧୫୦ ଟଙ୍କା କରିବା ବନ୍ଦ କରାଯାଉ, ବିଶ୍ରାମ ଗୃହ ଯୋଗାଇ ଦେବା । ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ଏବଂ ଜୀବନ ବିମା ଯୋଗାଇ ଦେବା ଉପରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କସ୍ତୁରୀ ନାୟକ, ସୁରେଶ ଚନ୍ଦ୍ର ସାହୁ, ମାଣିକ ରାଓ ମଣ୍ଡଙ୍ଗି, ଗୋବିନ୍ଦ କଣ୍ଡାଗିରୀ, କାହ୍ନୁ ଲାବଲା, ସୁରୀୟା କାନ୍ତି ବାଗ, ଓ୍ୱାଇ କବିତା, ମନୋରଞ୍ଜନ ହିମରିକା, ରବିନ୍ଦ୍ର ମାଝୀ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ ୪ ବୃର | ୨ଶୁ | ରଶଲ୍ କୁମ୍ ୧୨ |
| ୫ | ୬ / ୩ | ୧୧ |
| ୬କେ ୭ | ୮ | ୯ ୧୦ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୬।୦୩।୨୦୨୬, ଚୈତ୍ର ଦି୧୨ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୪୭।୪୯ ଚନ୍ଦ୍ରୋଦୟ- ଦିଘ ୧୧।୪୩।୫୩**

**ଅଷ୍ଟମୀ-** ଦିଘ ୧୧।୫୧ ପର୍ଯ୍ୟନ୍ତ। ଆର୍ଦ୍ରା ନକ୍ଷତ୍ର ଦିଘ ୪।୨୦ ପର୍ଯ୍ୟନ୍ତ। **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଏବଂ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ଦିଘ ୧୧।୫୧ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୧ ଗତେ ଦିଘ ୭।୨୮ ମଧ୍ୟେ । ଦିଘ ୧୦।୪୧ ଗତେ ଦିଘ ୧।୦୭ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀରାମ ନବମୀ (ସ୍ମାର୍ତ୍ତ), ଅଶୋକାଷ୍ଟମୀ, ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ପୀଠେ ବାସନ୍ତିକ ମହାନବମୀ, ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ବିହିତ ପୂଜା ।



**ମେଷ:** ଅନେକ ଦିନର ଆଶା ପୂରଣ ହେବ। ନୂତନ କର୍ମ ଆରମ୍ଭ କରିବେ। ଦେବ ଦର୍ଶନର ସୌଭାଗ୍ୟ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**ବୃଷ:** ବ୍ୟବସାୟିକ କାମରେ ଶୁଭ ସୂଚନା। ସୁବିଧାରେ କାମ ହାସଲ କରିବା କଷ୍ଟକର। ଆୟ ଠାରୁ ବ୍ୟୟର ପରିମାର ବଢ଼ିବ। ପାରିବାରିକ ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସମ୍ଭାବନା। ଦେହ ଅସୁସ୍ଥ ରହିବ ।



**ମିଥୁନ:** ନୂତନ ଯୋଜନା ପାଇଁ ଆନୁସଙ୍ଗିକ ସହଯୋଗର ଅଭାବ ପରିଶ୍ରମକୁ ଦ୍ୱିଗୁଣିତ କରିଦେବ। ରୋଜଗାରର ପଥରୋଧ ସହିତ ପାରିବାରିକ ଅଡୁଆ ଦେଖାଦେବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**କର୍କଟ:** ଦୂରଯାତ୍ରା କରି ସଫଳତା ଦିଗରେ ଅଗ୍ରଗତି କରିବେ। ଗୁରୁଜନଙ୍କ ପ୍ରେରଣାରୁ ନିଜେ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ବିଦ୍ରୋହର ସୂଚନା। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତି ।



**ସିଂହ:** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଇ ଗତି କରିବେ। ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପରିବାରରେ ସମସ୍ୟା ଦେଖାଦେବ। ରୋଜଗାର ବୃଦ୍ଧି ହେତୁ ସମାଧାନ ହୋଇପାରିବ। ସମ୍ମାନ ମିଳିବ।



**କନ୍ୟା:** ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ଉଦାସୀନତା ହେତୁ ଅନ୍ୟମାନଙ୍କର ସନ୍ଦେହର ଶିକାର ହୋଇପାରନ୍ତି। ଆୟରେ ବାଧା ଉପୁଜିବ। ପରିବାରରେ ପଥରୋଧର ଆଶଙ୍କା।



**ତୁଳା:** ଅନ୍ୟମାନଙ୍କ ଦ୍ୱାରା ନିଜର କର୍ମ ସାଧନା କରିପାରିବେ। ବନ୍ଧୁ ସହଯୋଗ ପାଇବେ। ତଥାପି ଆଳସ୍ୟ ହେତୁ ପାରିବାରିକ କର୍ମଚ୍ୟୁତ। ଆୟ ଓ ବ୍ୟୟ ପ୍ରାୟତଃ ସମାନ ରହିବ। ମନ ହାଲ୍‌କା ରହିବ ।



**ବିଛା:** ମନରେ ଅଶାନ୍ତି ସହିତ ଦୁଶ୍ଚିନ୍ତା ରହିବ। କର୍ମହାନୀର ସୂଚନା। ଶାରୀରିକ ପୀଡ଼ା ଅନୁଭବ କରିବେ। ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବାର ସୂଚନା। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ।



**ଧନୁ:** ପରିବାରରେ ଆନନ୍ଦ ଆପଣଙ୍କୁ ଉତ୍ସାହିତ କରିବ। କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟତା ପ୍ରକାଶ ପାଇବ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ମନରେ ଭକ୍ତିଭାବ ଜାଗ୍ରତ ହେବ । ମହିଳାମାନେ ସୁଖୀ ହେବେ ।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଯାହାକୁ ଯାହା କହିବେ ସେ ତାହା ଗ୍ରହଣ କରିବେ। କୌଣସି କାର୍ଯ୍ୟ ପାଇଁ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆୟ ମଧ୍ୟମ ଧରଣର ହେବ। ପରିବାରରେ ଆନନ୍ଦ ।



**କୁମ୍ଭ:** ନିଜକୁ ଜଗିରଖି ଚଳିବା ସହିତ ରସନା ସଂଯତ କରଣୀୟ। ନଚେତ୍ ଅଯଥା ମାନହାନୀର ଆଶଙ୍କା। ବ୍ୟୟର ପରିମାଣ ଅଧିକ ହେବ। ଘରେ ଜଞ୍ଜାଳ ବଢ଼ିବ। ଅତୀତ କଥା ପାଇଁ ମନରେ ଅଶାନ୍ତି ଆସିବ ।



**ମୀନ:** ମନରେ ବିଭିନ୍ନ ପ୍ରକାର ଆଶଙ୍କା ଉଙ୍କି ମାରିବ। ପ୍ରତ୍ୟେକ କର୍ମରେ ପ୍ରତିରୋଧର ସମ୍ମୁଖୀନ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପରିବାରରେ ଶାନ୍ତି ଲାଭ ହେବାର ସୂଚନା ।

## ଆର୍‌ଟିଓ ଓ ପୋଲିସର ମିଳିତ ଚେକିଂ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ପରିବହନ ବିଭାଗର ନିଷ୍ପତ୍ତିକ୍ରମେ ଚଣ୍ଡିଖୋଲ ଆର୍‌ଟିଓ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଗାଡି ଚେକିଂ ଆରମ୍ଭ ହୋଇଛି। ମଙ୍ଗବାର ଦିନ ୧୬ନଂ ଜାତୀୟ ରାଜପଥର ରଥିଆ ନିକଟରେ ମିଳିତ ଚେକିଂରେ ଧର୍ମଶାଳା ପୋଲିସ ସହାୟତା କରିଥିଲା। ଚଣ୍ଡିଖୋଲ ଆଞ୍ଚଳିକ ଅତିରିକ୍ତ ଏମ୍‌ଭିଆଇ ସ୍ୱାତି ସ୍ୱାଗତିକା ନେତୃତ୍ୱରେ ଗାଡିର କାଗଜପତ୍ର ଓ ହେଲ୍‌ମେଟ୍ ଚିକିଂ ହୋଇଥିଲା। ବେଆଇନ୍ ଗାଡିଚାଳକଙ୍କ ଠାରୁ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ ହୋଇଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୦୩।୨୦୨୬, ଚୈତ୍ର ଦି୧୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୪୭।୫୮ ଚନ୍ଦ୍ରୋଦୟ- ଦିଘ ୧୨।୪୭।୧୮**

**ନବମୀ-** ଦିଘ ୧୦।୦୯ ପର୍ଯ୍ୟନ୍ତ । ପୁର୍ବବସୁ ନକ୍ଷତ୍ର ଦିଘ ୩।୨୭ ପର୍ଯ୍ୟନ୍ତ। **ମିଥୁନ ଚନ୍ଦ୍ର-** ଦିଘ ୯।୩୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୯।୩୬ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** କନ୍ୟା ରାଶିର। ଦିଘ ୯।୩୮ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୦।୦୯ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୫।୪୯ ଗତେ ଦିଘ ୬।୩୮ ମଧ୍ୟେ । ଦିଘ ୧୨।୧୮ ଗତେ ଦିଘ ୨।୪୩ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀରାମ ନବମୀ (ବୈ), ପୀଠେ ବାସନ୍ତିକ ଦଶହରା, ମୃଣ୍ମୟୀ ଦେବୀଙ୍କ ନବମୀ, ବିଶ୍ୱ ରଙ୍ଗମଞ୍ଚ ଦିବସ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତୀୟ ଜାହାଜକୁ ସୁରକ୍ଷିତ କରୁଛି ନୌସେନା

ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏବେ ବିଶ୍ୱର ନଜର ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଉପରେ । ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥରେ ଉତ୍ତେଜନା ଲାଗି ରହିଥିବା ବେଳେ ଭାରତୀୟ ନୌସେନା ନିଜର ସାହସିକତା ଓ ରଣନୀତି ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଦେଇଛି । ବିଶ୍ୱର ଏହି 'ଲାଇଫ୍ ଲାଇନ୍'ରେ ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକୁ ସୁରକ୍ଷିତ ବାହାର କରିବା ପାଇଁ ଭାରତୀୟ ନୌସେନା ଏବେ ଢାଲ ସାଜି ଛିଡ଼ା ହୋଇଛି । ଇରାନ ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ଚାଲିଥିବା ବିବାଦ ଯୋଗୁଁ ଅନେକ ଦେଶର ଜାହାଜ ହୋର୍ମୁଜ ପ୍ରଣାଳୀରେ ଫସି ରହିଛନ୍ତି । କିନ୍ତୁ ଭାରତ ପାଇଁ ଆଶ୍ୱସ୍ତିର ଖବର ହେଉଛି ଯେ, ଭାରତୀୟ ଜାହାଜଗୁଡ଼ିକୁ ଏହି ରୁଟ୍ ଦେଇ ଯିବାକୁ ଅନୁମତି ମିଳୁଛି । ଭାରତୀୟ ନୌସେନାର ଯୁଦ୍ଧପୋତଗୁଡ଼ିକ ଏହି ଟ୍ୟାଙ୍କରଗୁଡ଼ିକୁ କେବଳ ପହରା ଦେଉନାହାଁନ୍ତି, ବରଂ ସୁରକ୍ଷିତ ଭାବେ ପାର୍ସିଆନ ଗଲ୍ଫରୁ ବାହାର କରିବା ପାଇଁ ପର୍ଯ୍ୟାୟକ୍ରମେ ଗାଇଡ୍ ମଧ୍ୟ କରୁଛନ୍ତି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ନିଜର କାର୍ଯ୍ୟକ୍ଷେତ୍ରକୁ ଓମାନ ଉପସାଗର ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛି । ଅତ୍ୟାଧୁନିକ ଡେଷ୍ଟ୍ରୋୟର ଏବଂ ଫ୍ରିଗେଟ୍ ଜାହାଜଗୁଡ଼ିକୁ ସେଠାରେ ମୁତୟନ କରାଯାଇଛି । ଜାହାଜଗୁଡ଼ିକର ନିରନ୍ତର ଯାତାୟାତ ପାଇଁ ସମସ୍ତ ପ୍ରକାରର ଯାନ୍ତ୍ରିକ ଓ ଖାଦ୍ୟପେୟ ସହାୟତା ଯୋଗାଇ ଦିଆଯାଉଛି । ରିପୋର୍ଟ ଅନୁସାରେ, ଇରାନ ଦ୍ୱାରା ସମୁଦ୍ର ମଧ୍ୟରେ ଅଣ୍ଡରୱାଟର ମାଇନ୍ସ ବିଛାଯିବାର ଆଶଙ୍କା ରହିଛି । ଏଭଳି ସ୍ଥିତିରେ ସାମାନ୍ୟ ଭୁଲ୍ ବିପଦଜନକ ହୋଇପାରେ । ଏଠାରେ ଭାରତର ହାଇଡ୍ରୋଗ୍ରାଫିକ୍ ଚାର୍ଟ ବଡ଼ ଭୂମିକା ଗ୍ରହଣ କରୁଛି । ସମୁଦ୍ରର ଗଭୀରତା, ପଥର ଏବଂ ଲୁଚି ରହିଥିବା ବିପଦର ସଠିକ୍ ସୂଚନା ଦେବାରେ ଭାରତୀୟ ଚାର୍ଟ ବିଶ୍ୱସ୍ତରୀୟ । କେବଳ ଭାରତ ନୁହେଁ, ଅନେକ ବନ୍ଧୁରାଷ୍ଟ୍ର ମଧ୍ୟ ସୁରକ୍ଷିତ ଯାତ୍ରା ପାଇଁ ଭାରତର ଏହି ସର୍ଭେ ଉପରେ ନିର୍ଭର କରନ୍ତି । ବର୍ତ୍ତମାନର ସଙ୍କଟ ସମୟରେ ଭାରତର ଏହି ପଦକ୍ଷେପ ପ୍ରମାଣ କରିଛି ଯେ, ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଶକ୍ତି । ଭାରତୀୟ ନୌସେନାର ସତର୍କତା ଯୋଗୁଁ ଦେଶର ଏନର୍ଜି ସପ୍ଲାଏ ଚେନ୍ ସୁରକ୍ଷିତ ରହିଛି, ଯାହା ଫଳରେ ଦେଶରେ ତୈଳ ଓ ଗ୍ୟାସ୍‌ର ଅଭାବ ପରିଲକ୍ଷିତ ହେଉନାହିଁ ।

# ଶୈବ ସଂସ୍କୃତିକୁ ଓଡ଼ିଶାର ଅନବଦ୍ୟ ଅବଦାନ-୩



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ଶୈଳୋଦ୍ଭବ ଶାସନର ଅବସାନ ପରେ ତୋଷାଳୀରେ ଭୌମକର ରାଜବଂଶ କ୍ଷମତାକୁ ଆସିଲେ । ଏହି ରାଜବଂଶର ପ୍ରଥମ କେତେଜଣ ରାଜା ବୌଦ୍ଧଧର୍ମାବଲମ୍ବୀ ଥିଲେ ମଧ୍ୟ ଶୈବ ଧର୍ମ ପ୍ରତି ଯଥେଷ୍ଟ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରିଛନ୍ତି । ଭୌମରାଜା ପ୍ରଥମ ଶୁଭଙ୍କର ଦେବଙ୍କ ରାଣୀ ମାଧବୀ ଦେବୀ ଶିବଙ୍କର ଉପାସକ ଥିଲେ ଏବଂ ସେ ମାଧବେଶ୍ୱର ଶିବମନ୍ଦିର ନିର୍ମାଣ କରି ପୂଜାବିଧି ନିମନ୍ତେ ଜଣେ ଶୈବାଚାର୍ଯ୍ୟଙ୍କୁ ନିଯୁକ୍ତି କରିଥିଲେ । ତୃତୀୟ ଶୁଭଙ୍କର ଦେବଙ୍କ ସମୟରୁ ଭୌମରାଜାମାନେ ଶୈବ ଧର୍ମରେ ଦୀକ୍ଷିତ ହୋଇ ନିଜକୁ ପରମମହେଶ୍ୱର ରୂପେ ଅଭିହିତ କଲେ । ତୃତୀୟ ଶୁଭଙ୍କର ଦେବଙ୍କ ତାମ୍ର ଶାସନରେ ପୁଳିନ୍ଦଦେବଙ୍କ ଦ୍ୱାରା ନିର୍ମିତ ପୁଳିନ୍ଦେଶ୍ୱର ଶିବମନ୍ଦିରର ଦେବତା ବୈଦ୍ୟନାଥ ଭଟ୍ଟାରିକ ଉଦ୍ଦେଶ୍ୟରେ ଗ୍ରାମଦାନର ଘୋଷଣା କରାଯାଇଥିଲା । ଚତୁର୍ଥ ଶୁଭଙ୍କର ଦେବଙ୍କ ରାଣୀ ପୃଥ୍ୱୀ ମହାଦେବୀ ବୈଷ୍ଣବୀ ଥିଲେ ମଧ୍ୟ ତାଙ୍କର ବଉଦ ତାମ୍ର ଶାସନ ଦ୍ୱୟ ଉମାମହେଶ୍ୱରଙ୍କ ଉଦ୍ଦେଶ୍ୟରେ ରଚିତ ହୋଇଥିଲା । ଭୌମକର ବଂଶର ପ୍ରଥମ କେତେ ଜଣ ରାଜା ପ୍ରଥମେ ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରତି ଆଦର ପ୍ରକାଶ କରିଥିଲେ। ଭୌମକର ରାଜାମାନଙ୍କ ଦ୍ୱାରା ନିର୍ମିତ ଶୈବ ମନ୍ଦିରରେ ସ୍ଥାପତ୍ୟ ଶୈଳିରେ ବୌଦ୍ଧ ତାନ୍ତ୍ରିକ ତତ୍ତ୍ୱର ଚିହ୍ନ ଦେଖିବାକୁ ମିଳେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଭୌମକର ରାଜତ୍ୱ ସମୟରେ ଶୈବାଚାର୍ଯ୍ୟ ଲକୁଳୀଶଙ୍କ ପ୍ରତିମୂର୍ତ୍ତିକୁ ରୂପାନ୍ତରିତ କରାଯାଇ ବୁଦ୍ଧଙ୍କ ଧର୍ମଚକ୍ର ପ୍ରବର୍ତ୍ତନ ମୁଦ୍ରାରେ ପରିଣତ କରାଯାଇଅଛି । ଶୈବମନ୍ଦିର ଶିଶିରଶ୍ୱରରେ ବୌଦ୍ଧ ତାନ୍ତ୍ରିକ ଦେବଦେବୀ ଅମୋଘସିଦ୍ଧି, ଅବଲୋକିତଶ୍ୱରଙ୍କୁ ତାରା ଇତ୍ୟାଦିଙ୍କ ମୂର୍ତ୍ତି ଦେଖାଯାଏ । ଭୌମକର ଶାସନ ସମୟରେ ଭୁବନେଶ୍ୱରରେ ନିର୍ମିତ ତାନ୍ତ୍ରିକ ବୈତାଳି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବା ମୁଣ୍ଡାଙ୍କ ସହିତ ଶୈବ ପ୍ରତିମୂର୍ତ୍ତି ଲକୁଳୀଶ ଓ ବୌଦ୍ଧମୂର୍ତ୍ତି ଅମୋଘୋସିଦ୍ଧି ଦେଖିବାକୁ ମିଳେ। ଅନେକ ଶୈବମୂର୍ତ୍ତି ଅର୍ଦ୍ଧନାରୀଶ୍ୱର, ଉମାମହେଶ୍ୱର ଓ ଭୈରବ ଭୌମକର ପରବର୍ତ୍ତୀ ସମୟରେ ପ୍ରାଚୀ ଉପତ୍ୟକା ଓ ଖିଚିଙ୍ଗ ଅଞ୍ଚଳରେ ଦେଖିବାକୁ ମିଳେ । ମୁକ୍ତେଶ୍ୱର ମନ୍ଦିର ଯାହା ଭୌମକର ଶାସନର ଶେଷ ସମୟ ଓ ସୋମବଂଶୀ ଶାସନର ଆରମ୍ଭରେ ନିର୍ମିତ ଏଥିରେ ଲକୁଳୀଶଙ୍କର ପ୍ରତିମୂର୍ତ୍ତି ଶେଷଥର ପାଇଁ ସ୍ଥାପିତ କରାଯାଇଅଛି । ଭୌମକର ରାଜବଂଶ ସହିତ ଭଞ୍ଜ, ଶୁଲେଖ, ତୁଙ୍ଗ, ନନ୍ଦୋଦ୍‌ଭବ ପ୍ରଭୃତି ସାମନ୍ତ ରାଜବଂଶ ମଧ୍ୟ ଶୈବଧର୍ମର ପୃଷ୍ଠପୋଷକ ଥିଲେ । ଏକାଦଶ ଶତାବ୍ଦୀରେ ଓଡିଶାରେ ଶୈବଧର୍ମ ଲୋକ ପ୍ରିୟତାର ଚରମ ସୀମାକୁ ସ୍ପର୍ଶ କରିଥିଲା । ସୋମବଂଶୀ ରାଜା ଯଯାତି ଦ୍ୱିତୀୟ ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ । ତାଙ୍କ ପୁତ୍ର ଉଦ୍ୟତ କେଶରୀ ଏହାର ନିର୍ମାଣ ଶେଷ କରିଥିଲେ । ୧୮୦ଫୁଟ ଉଚ୍ଚତା ବିଶିଷ୍ଟଏହି ମନ୍ଦିର ଭାରତର ଅନ୍ୟତମ ପ୍ରସିଦ୍ଧ ଶିବମନ୍ଦିର । ଏହା ଶିବତୀର୍ଥ ରୂପେ ଭାରତର ସାଂସ୍କୃତିକ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସୋମବଂଶୀ ରାଜାମାନଙ୍କର ଅନ୍ୟାନ୍ୟ ପ୍ରସିଦ୍ଧ ଶିବମନ୍ଦିର ମାନଙ୍କ ମଧ୍ୟରେ ମୁକ୍ତେଶ୍ୱର, ରାଜାରାଣୀ, ବ୍ରହ୍ମେଶ୍ୱର ଅନ୍ୟତମ । ସୋମବଂଶୀ ରାଜାମାନଙ୍କର ଶୈବ ଧର୍ମପ୍ରତି ଅଧିକ ଅନୁରାଗ ଥିବାରୁ ସେମାନେ ପରମେଶ୍ୱର ଉପାଧି ଗ୍ରହଣ କରିଥିଲେ ଓ ମୋହର ଉପରେ ଖୋଦିତ କରୁଥିଲେ ବୃଷଭ ଚିହ୍ନ । ଶିରିପୁରରେ ଶାସନ କରୁଥିବା ସୋମବଂଶୀ ରାଜାମାନେ ପରମ ବୈଷ୍ଣବ ଥିଲେ କିନ୍ତୁ ବାଲାର୍ଜ୍ଜୁନ ଥିଲେ ଶିବଭକ୍ତ । କିନ୍ତୁ ପରବର୍ତ୍ତୀ ସମୟରେ ସୋମବଂଶୀ ରାଜାମାନେ ଶୈବ ଧର୍ମ ପ୍ରତି ବହୁ ଆଗ୍ରହ ପ୍ରକାଶ କରିଥିଲେ । ସୋମବଂଶୀ ଶାସନ ସମୟରେ ଅନେକ ଶୈବାଚାର୍ଯ୍ୟ ଯଥା- ସଦାଶିବାଚାର୍ଯ୍ୟ, ପ୍ରଥମାଚାର୍ଯ୍ୟ, ଆଚାର୍ଯ୍ୟ ଗଗନ ଶିବ, ଓଡିଶା ଆସିଥିଲେ । ସେମାନେ ଶୈବବାଣୀ,ଦର୍ଶନ ଓ ମହିମା ଧର୍ମପ୍ରାଣ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଚାର କରିଥିଲେ ।

ଗଙ୍ଗବଂଶୀ ରାଜା ଚୋଡଗଙ୍ଗଦେବ ଦ୍ୱାଦଶ ଶତକର ପ୍ରଥମ ପାଦରେ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ପରାସ୍ତ କରି ଉତ୍କଳରେ ଗଙ୍ଗ ରାଜତ୍ୱ ଆରମ୍ଭ କଲେ। ସେ ତାଙ୍କ ବଂଶର ପୂର୍ବଜଙ୍କ ଭଳି ପରମ ଶୈବ ଉପାସକ ଥିଲେ । ପରବର୍ତ୍ତୀ ସମୟରେ ସେ ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ ହେଲେ । ଗଙ୍ଗବଂଶର କୁଳଦେବତା ଥିଲେ ମହେନ୍ଦ୍ର ପର୍ବତର ଗୋକର୍ଣ୍ଣେଶ୍ୱର ଶିବ, ପ୍ରଥମ ଗଙ୍ଗରାଜା ଇନ୍ଦ୍ରବର୍ମନଙ୍କ ତାମ୍ରଶାସନରେ ଶିବଙ୍କୁ ସକଳ ଭୁବନର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କାରଣ ରୂପେ ସ୍ତୁତି କରିଛନ୍ତି । ଦ୍ୱିତୀୟ ଗଙ୍ଗରାଜା ସାମନ୍ତ ବର୍ମନଙ୍କ ପୋଡୁଣ୍ଡୁରୁ ତାମ୍ରଶାସନରେ ପ୍ରଥମ ଥର ପାଇଁ ମହେନ୍ଦ୍ରଗିରି ଦେବତା ଗୋକର୍ଣ୍ଣେଶ୍ୱର ଶିବଙ୍କର ନାମଲ୍ଲେଖ ଅଛି। ୧୦୩୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଙ୍ଗବଂଶର ତାମ୍ରଶାସନରେ ଦାନ, ଘୋଷଣା ପୂର୍ବରୁ ଗୋକର୍ଣ୍ଣେଶ୍ୱରଙ୍କୁ ପ୍ରଣତି କରାଯାଏ । ଏହି ସମୟରେ ଗଙ୍ଗରାଜାମାନେ ଶିବମନ୍ଦିରମାନଙ୍କରେ ପୂଜାର୍ଚ୍ଚନା ପାଇଁ ଗ୍ରାମଦାନ ଓ ଭୂମିଦାନ କରିଥିଲେ । ରାମେଶ୍ୱର ଭଟ୍ଟାରିକଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ ଇନ୍ଦ୍ରବର୍ମନଙ୍କ ସାନ୍ତବୋମାଳି, ତାମ୍ରଶାସନ, ଧର୍ମେଶ୍ୱର ଶିବଙ୍କର ଉଦ୍ଦେଶ୍ୟରେ ଦେବେନ୍ଦ୍ର ବର୍ମନଙ୍କ ଉର୍ଜାଗାଟନମ୍ ତାମ୍ରଶାସନ ଗୁପ୍ତେଶ୍ୱର ଶିବଙ୍କ ଉଦ୍ଦେଶ୍ୟରେ ମନୁଜେନ୍ଦ୍ର ବର୍ମନଙ୍କ ଗରବଲ୍ଲୀ ତାମ୍ରଶାସନ ଓ ସାନଖେମୁଣ୍ଡି ତାମ୍ରଶାସନ ପ୍ରଣିଧାନ ଯୋଗ୍ୟ ଅଟେ । ପରବର୍ତ୍ତୀ ସମୟରେ ଗଙ୍ଗରାଜାମାନେ ବୈଷ୍ଣବ ଧର୍ମର ପୃଷ୍ଠପୋଷକତା ପ୍ରଦାନ କଲେ ମଧ୍ୟ ଶୈବ ଧର୍ମ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦାନ କରିଥିଲେ । ଗଙ୍ଗମାନଙ୍କ ଦ୍ୱାରା ନିର୍ମିତ ଶିବ ମନ୍ଦିର ଯଥା- ଭୁବନେଶ୍ୱରର ମେଘେଶ୍ୱର ମନ୍ଦିର, ପାପନାଶିନୀ ପୁଷ୍କରଣୀ ଉତ୍ତରକୁ ମିତ୍ରେଶ୍ୱର ଓ ବରୁଣେଶ୍ୱର ମନ୍ଦିର, ନିଆଳିର ଶୋଭନେଶ୍ୱର ମନ୍ଦିର, ବାଣପୁରର ଦକ୍ଷପ୍ରଜାପତି ମନ୍ଦିର, ମୁଖଲିଙ୍ଗମ ଓ ସୀମାଚଳମ୍‌ଠାରେ କେଦାରଶ୍ୱର, ସିଦ୍ଧେଶ୍ୱର ପ୍ରଭୃତି । ଗଙ୍ଗବଂଶର ପତନ ପରେ ଓଡିଶାର ସୂର୍ଯ୍ୟବଂଶ ପ୍ରତିଷ୍ଠିତ ହେଲା। ଏହି ବଂଶର ରାଜାମାନେ ବୈଷ୍ଣବ ଧର୍ମ ପ୍ରତି ଗୁରୁତ୍ୱ ଦେଲେ ମଧ୍ୟ ଶୈବଧର୍ମ ପ୍ରତି ଗୁରୁତ୍ୱ ଦେଲେ ମଧ୍ୟ ଶୈବଧର୍ମ ପ୍ରତି କେବେ ଅବହେଳା କରିନଥିଲେ । ଭୁବନେଶ୍ୱରସ୍ଥ କପିଳେଶ୍ୱର ଶିବମନ୍ଦିର କପିଳେନ୍ଦ୍ର ଦେବଙ୍କର ଅନ୍ୟତମ କୃତି । ମେଦିନାପୁର ଗୋକର୍ଣ୍ଣେଶ୍ୱର ଶିବ ମନ୍ଦିର ଓ ମଲ୍ଲିକାର୍ଜ୍ଜୁନ ଶିବ ମନ୍ଦିରରେ ରହିଛି । କପିଳେନ୍ଦ୍ର ଦେବଙ୍କର ଅନୁଶାସନ ଗଙ୍ଗ ବଂଶର ରାଜତ୍ୱ ସମୟରେ ବୈଷ୍ଣବ ଧର୍ମର ଅଂଶ ବିଶେଷ ଭାବେ ଓଡିଶାରେ ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ବିକାଶଲାଭ କରିଥିଲା । ଶୈବମାନେ ଏହି ନୂତନ ଧର୍ମର ବ୍ୟବସ୍ଥା ସହିତ ପ୍ରତିଦ୍ୱନ୍ଦ୍ୱିତା ନକରି ସହବସ୍ଥାନ ନୀତି ଗ୍ରହଣ କରିଥିଲେ । ଗଙ୍ଗବଂଶ ଓ ସୂର୍ଯ୍ୟବଂଶର ରାଜତ୍ୱ ସମୟରେ ଜଗନ୍ନାଥ ଧର୍ମ ମାଧ୍ୟମରେ ଶୈବ ଓ ବୈଷ୍ଣବଧର୍ମ ମଧ୍ୟରେ ଏକ ସମନ୍ୱୟ ପାଇଁ ଉଦ୍ୟମ ହେଲା । ଷ୍ଟାଲିଙ୍ଗ ସାହେବଙ୍କ ୧୮୨୨ରେ ଲିଖିତ ଓଡିଶା ବିବରଣୀରେ ଉଲ୍ଲେଖ ଅଛି ବଳଭଦ୍ର ଜଗନ୍ନାଥ ଓ ସୁଭଦ୍ରା ଯଥାକ୍ରମେ ଶିବ,ବିଷ୍ଣୁ ଓ ଦୁର୍ଗାଦେବୀ ଅଟନ୍ତି । ଷ୍ଟାଲିଙ୍ଗଙ୍କ ବହୁ ପୂର୍ବରୁ ଗଙ୍ଗ ଓ ସୂର୍ଯ୍ୟ ବଂଶର ରାଜତ୍ୱ ସମୟରେ ଲୋକମାନଙ୍କର ମନରେ ଏହି ଧାରଣା ବଳବତ୍ତର ହୋଇଥିଲା । ଏହାପରେ ଲିଙ୍ଗରାଜ ମନ୍ଦିରରେ ଶିବଲିଙ୍ଗ ହରିହର ମନ୍ତ୍ରରେ ପୂଜା ପାଆନ୍ତି । ଏଭଳି ଭାବରେ ଶିବ ମନ୍ଦିରରେ ବୈଷ୍ଣବଧର୍ମ ଓ ବିଷ୍ଣୁମନ୍ଦିରରେ ଶୈବଧର୍ମ ପ୍ରବେଶ କଲା। ଏଥିପାଇଁ ପୂଜାପଦ୍ଧତି ଓ ପର୍ବପର୍ବାଣୀରେ ଅନେକ ପରିବର୍ତ୍ତନ ସାଧିତ ହେଲା । ଉଭୟ ଧର୍ମ ଏକ ବୃକ୍ଷର ଶାଖା ରୂପେ ବିବେଚିତ ହେଲେ ।

# ଶିକ୍ଷା ନିଯୁକ୍ତିର ଗ୍ୟାରେଣ୍ଟି ନୁହେଁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଶିକ୍ଷା ଏବେ ଆଉ ଏକାକୀ ନିଯୁକ୍ତିର ଗ୍ୟାରେଣ୍ଟି ନୁହେଁ, ଏହି କଟୁ ସତ୍ୟ ଆଦମୀ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ 'ଷ୍ଟେଟ ଅଫ ୱାର୍କିଂ ଇଣ୍ଡିଆ -୨୦୨୬' ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୪୦ପ୍ରତଶତ ଯୁବ ସ୍ନାତକ ବେକାର ରହିଥିବାବେଳେ ମାତ୍ର ୭ ପ୍ରତିଶତ ସ୍ଥିର ବେତନଭୋଗି ନିଯୁକ୍ତି ବର୍ଷକ ମଧ୍ୟରେ ପାଇବାରେ ସମର୍ଥ ହୋଇଛନ୍ତି । ଏହି ସଂଖ୍ୟା ନିଯୁକ୍ତି ସୃଷ୍ଟି ଓ ଉଚ୍ଚ ଶିକ୍ଷା ଉପଲବ୍ଧ ମଧ୍ୟରେ ଅମେଳକୁ ଦର୍ଶାଉଛି, ପ୍ରତିବର୍ଷ ୫ ମିଲିଅନ ସ୍ନାତକ ଶ୍ରମିକବଳରେ ପ୍ରବେଶ କରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ ସ୍ୱଳ୍ପ ସଂଖ୍ୟାର ଉତ୍ତମ ବେତନଯୁକ୍ତ ନିଯୁକ୍ତି ପାଇଥାନ୍ତି ବୋଲି ରିପୋର୍ଟ କହେ । ରିପୋର୍ଟରେ କୁହାଯାଇଛି ଯେ, ୧୫ରୁ ୨୫ ବର୍ଷ ବୟସର ପ୍ରାୟ ୪୦ ପ୍ରତିଶତ ସ୍ନାତକ ଦେଶରେ ବେକାର ଅଛନ୍ତି । ସେମାନଙ୍କ ପାଖରେ ସ୍ନାତକ ଡିଗ୍ରୀ ରହିଛି, ମାତ୍ର ନିଯୁକ୍ତି ନାହିଁ । ୨୦୨୩ ମସିହାରେ ୨୦ରୁ ୨୯ ବର୍ଷ ମଧ୍ୟରେ ୬୩ ନିୟୁତ ସ୍ନାତକଙ୍କ ମଧ୍ୟରୁ ମାତ୍ର ୬.୭ ପ୍ରତିଶତ ଯୁବ ସ୍ନାତକ ସ୍ଥାୟୀ ବେତନଭୋଗି ନିଯୁକ୍ତି ପାଇଥିବାବେଳେ ୪୦ପ୍ରତିଶତ ବେକାର ଅଛନ୍ତି । ଆହୁରି ମଧ୍ୟ ସ୍ନାତକଙ୍କ ମଧ୍ୟରୁ ଅଧାରୁ ଅଧିକ ସ୍ୱଳ୍ପ ରୋଜଗାରରେ ଆତ୍ମନିଯୁକ୍ତି କିମ୍ବା ଏକ ପ୍ରକାର ବେକାର ଜୀବନଯାପନ କରୁଛନ୍ତି । ଅବଶ୍ୟ ସ୍ନାତକଙ୍କ ମଧ୍ୟରେ ସର୍ବୋଚ୍ଚ ବେକାରୀ ସାଧାରଣତଃ ଏକ ଭାରତୀୟ ପ୍ରାକୃତିକ ଘଟଣା ନୁହେଁ, କିନ୍ତୁ ଭାରତ କାର୍ଯ୍ୟଶୀଳ ବୟସ ଜନସଂଖ୍ୟା ଦେଶରେ ବେକାରୀ ସମସ୍ୟାକୁ ଉତ୍କଟ କରିଛି । ଆହୁରି ମଧ୍ୟ ରିପୋର୍ଟ ଅନୁଯାୟୀ ଦେଶରେ ଗତ କିଛି ଦଶନ୍ଧି ମଧ୍ୟରେ ଯୁବ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଉଚ୍ଚଶିକ୍ଷାରେ ନାମ ଲେଖା ହାର ମଧ୍ୟ ବୃଦ୍ଧି ପାଇଛି । ଫଳସ୍ୱରୁପ ସ୍ନାତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସେହି ଅନୁପାତରେ ଦେଶରେ ସ୍ନାତକ ଓ ବେକାରଙ୍କ ସଂଖ୍ୟା ବଢିବାରେ ଲାଗିଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୯୮୩ ମସିହାଠାରୁ ସ୍ନାତକ ବେକାରଙ୍କ ହାର ୩୦ରୁ ୪୦ ପ୍ରତିଶତ ରହିଆସିଛି । ଦେଶରେ ୧୫ରୁ ୨୯ ବର୍ଷ ମଧ୍ୟରେ ଦୃଢ କାର୍ଯ୍ୟଶୀଳ ବୟସ ଜନସଂଖ୍ୟା ଏବେ ୩୬୭ ମିଲିଅନ ରହିଛି । ଯାହାକି ଯୁକ୍ତରାଷ୍ଟ୍ର ଆମେରିକାର ମୋଟ ଜନସଂଖ୍ୟାଠାରୁ ୨୦ ମିଲିଅନ ଅଧିକ । ସେହିପରି ସ୍କୁଲ ଓ କଲେଜ ବାହାରେ ୨୬୩ ମିଲିଅନ ଶ୍ରମିକବଳ ରହିଛନ୍ତି । ଦେଶରେ ୨୦୨୩ରେ କର୍ମ ନିଯୁକ୍ତି ବା ନିଯୋଜନ ଯୋଗ୍ୟଙ୍କ ସଂଖ୍ୟା ୨୬ ପ୍ରତିଶତ ଥିବାବେଳେ ୨୦୩୬ ସୁଦ୍ଧା ଏହି ସଂଖ୍ୟା ୩୮ ପ୍ରତିଶତ ହେବା ନେଇ ଆକଳନ କରାଯାଇଛି । ସେହିପରି ସ୍ନାତକ ନିଯୋଜନ ଯୋଗ୍ୟଙ୍କ ସଂଖ୍ୟା ୨୦୩୬ ସୁଦ୍ଧା ୩୦ ପ୍ରତିଶତରୁ ୪୨ ପ୍ରତିଶତରେ ପହଞ୍ଚିବା ରିପୋର୍ଟରେ ଆକଳନ କରାଯାଇଛି । କହିବା ବାହୁଲ୍ୟ ଯେ, ଦେଶରେ ସ୍ୱାଧୀନତା ପରଠାରୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ସହରଠାରୁ ଆରମ୍ଭକରି ପଞ୍ଚାୟତ ପର୍ଯ୍ୟନ୍ତ ଡିଗ୍ରୀ କଲେଜ ସଂଖ୍ୟା ଗଢି ଉଠିଛି । ସରକାରଙ୍କ ଶିକ୍ଷାନୀତି ଯୋଗୁଁ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢିଛି । ଲିଙ୍ଗ ଏବଂ ଜାତି ମଧ୍ୟରେ ତାରତମ୍ୟ ହ୍ରାସ ପାଇବା ସହ ସାମାଜିକ-ଆର୍ଥୀକ ପ୍ରତିବନ୍ଧକ ହ୍ରାସ ପାଇଛି । ଏହା ଫଳରେ ଦେଶରେ ଦକ୍ଷ ଶ୍ରମଶକ୍ତି ବଢିଛି । କିନ୍ତୁ ଦକ୍ଷ ଶ୍ରମଶକ୍ତିର ନିଯୁକ୍ତି କ୍ଷେତ୍ର ବା ନିଯୁକ୍ତି ସୁଯୋଗରେ ପରିବର୍ତ୍ତନ ଘଟୁନାହିଁ । ତେଣୁ ଦେଶରେ ସ୍ନାତକ ଅଭାବ ଯୋଗୁଁ ଯୁବଶକ୍ତିର ନିଯୋଜନ ସଂକୀର୍ଣ୍ଣ ହେବାରେ ଲାଗିଛି । ଦେଶରେ ପୁଂଜି ବିନିଯୋଗ, ଶିଳ୍ପ ପ୍ରତିଷ୍ଠା, ନିଯୁକ୍ତି ସୁଯୋଗ ସୃଷ୍ଟି ହିସାବ କେବଳ କଥାରେ ଓ କାଗଜପତ୍ରରେ ସୀମିତ ରହିଛି । ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେଉନଥିବା ବେକାରୀ ସମସ୍ୟା ସୂଚନା ପ୍ରଦାନ କରେ । ଏହା ନିଃସନ୍ଦେହ ଯେ, ସ୍ନାତକ ଡିଗ୍ରୀଧାରୀ କଠିନ ଶାରିରୀକ କାମ କରିବାକୁ ଅନାଗ୍ରହୀ । କୃଷି କ୍ଷେତ୍ର ଦେଶରେ ଅଧିକ ଶ୍ରମଶକ୍ତି ଆବଶ୍ୟକ କରୁଥିବାବେଳ ସ୍ନାତକ ଡିଗ୍ରୀଧାରୀ ଏଥିରେ କାମ କରିବାକୁ ଅନାଗ୍ରହୀ । ମାନସିକ କାର୍ଯ୍ୟ ନିଶ୍ଚିତ ଭାବେ ଶାରିରୀକ ଶ୍ରମ ଠାରୁ ଅଧିକ ମୂଲ୍ୟବୋଧ ସମ୍ପନ୍ନ । ମଧ୍ୟବିତ୍ତ ବର୍ଗର ସ୍ନାତକ ମାନସିକ କାର୍ଯ୍ୟକୁ ଅଧିକ ପସନ୍ଦ କରିଥାଏ । ସରକାରୀ ନିଯୁକ୍ତି ପାଇଁ ସେମାନେ, ଅଭିଳାଷୀ । ଯେଉଁଥିପାଇଁ କି ବେକାର, ବେରୋଜଗାର ସଂଖ୍ୟା ବଢିଚାଲିଛି । ଦେଶରେ ଦକ୍ଷତା ବିକାଶ ତାଲିମ, ବୃତ୍ତି ଏବଂ ବୈଷୟିକ ତାଲିମ ପାଠ୍ୟ ନିଶ୍ଚିତ ଭାବେ ଲକ୍ଷ୍ୟଭିତ୍ତିକ ହେବା ଉଚିତ । ଯାହା ନିଯୁକ୍ତି ଓ ତାଲିମକୁ ଆକର୍ଷିତ କରିପାରିବ । ତେବେ କାର୍ଯ୍ୟ ବର୍ଗ ଏବଂ ଜାତିବିହୀନ ହେବା ଆବଶ୍ୟକ ।

# ଡିଗ୍ରୀ ଠାରୁ ଜ୍ଞାନ ମନୁଷ୍ୟର ଚରିତ୍ରରେ ପ୍ରତିଫଳିତ ହୁଏ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଆଜିର ଯୁଗରେ, ଶିକ୍ଷା ବଜାର ସମୃଦ୍ଧ ହେଉଛି । ସବୁଠି ଡିଗ୍ରୀ ପାଇଁ ପ୍ରତିଯୋଗିତା ଚାଲିଛି । ଯେମିତି ବିଏ, ଏମଏ, ପିଏଚଡି, ଏମବିଏ, ଏମସିଏ ଇତ୍ୟାଦି ଇତ୍ୟାଦି - ଏହି ପଦବୀଗୁଡ଼ିକ ଜୀବନରେ ସଫଳତାର ପଥ ହୋଇଗଲାଣି । କିନ୍ତୁ ଏଗୁଡ଼ିକ କ'ଣ ପ୍ରକୃତରେ ସଫଳତାର ଚାବିକାଠି ? ନା, ଆଦୌ ନୁହଁ । ଯେପରି କୁହାଯାଏ - ଡିଗ୍ରୀ କେବଳ ଆମର ଶିକ୍ଷା ଖର୍ଚ୍ଚର ରସିଦ । ଜ୍ଞାନ ହେଉଛି ଯାହା ଆମର ଚରିତ୍ରରେ ପ୍ରତିଫଳିତ ହୁଏ । ଏହି ଉକ୍ତି ଆମକୁ ଗଭୀର ଭାବରେ ପ୍ରତିଫଳିତ କରିବାକୁ ପ୍ରେରଣା ଦିଏ । ଡିଗ୍ରୀ ହେଉଛି ପୁସ୍ତକ ପୃଷ୍ଠାରୁ ପ୍ରାପ୍ତି, ଯାହା ଅତୀତର ବିନିଯୋଗକୁ ପ୍ରମାଣିତ କରେ, କିନ୍ତୁ ପ୍ରକୃତ ଜ୍ଞାନ ହେଉଛି ଯାହା ଆମର ଆଚରଣ, ନିଷ୍ପତ୍ତି ଏବଂ ନୀତିଶାସ୍ତ୍ରରେ ପ୍ରତିଫଳିତ ହୁଏ । ବ୍ୟକ୍ତିତ୍ୱ ବିକାଶର ମୂଳ ଏହି ଜ୍ଞାନରେ ନିହିତ, ଯାହା ଡିଗ୍ରୀକୁ ଅତିକ୍ରମ କରି ଆମକୁ ଭଲ ମଣିଷ କରିଥାଏ । ପ୍ରଥମେ, ଡିଗ୍ରୀର ସୀମାକୁ ବୁଝିବା । ଡିଗ୍ରୀ ହେଉଛି ପରୀକ୍ଷା ସ୍କୋର ଉପରେ ଆଧାରିତ ଏକ କାଗଜ ପ୍ରମାଣପତ୍ର । ଏହା କେବଳ ପୁସ୍ତକ ଜ୍ଞାନର ଏକ ସଂଗ୍ରହ । ଉଦାହରଣ ସ୍ୱରୂପ, ଆବ୍ରାହମ ଲିଙ୍କନ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତଥାପି ସେ ଯୁକ୍ତରାଷ୍ଟ୍ରର ଜଣେ ମହାନ ରାଷ୍ଟ୍ରପତି ହୋଇଥିଲେ । ଭାରତରେ, ମହାତ୍ମା ଗାନ୍ଧୀଙ୍କ ପାଖରେ ଆଇନ ଡିଗ୍ରୀ ଥିଲା, କିନ୍ତୁ ତାଙ୍କର ପ୍ରକୃତ ଜ୍ଞାନ ଅହିଂସା ଏବଂ ସତ୍ୟାଗ୍ରହରେ ପ୍ରତିଫଳିତ ହୋଇଥିଲା । ତାଙ୍କ ପାଖରେ ଡିଗ୍ରୀ ଥିଲା, କିନ୍ତୁ ତାଙ୍କ ଚରିତ୍ର ତାଙ୍କୁ ଅମର କରିଦେଇଥିଲା । ଆଜିକାଲି ଯୁବକମାନେ ଚାକିରି ପାଇଁ ଡିଗ୍ରୀ ସଂଗ୍ରହ କରନ୍ତି, କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା, ସହନଶୀଳତା ଏବଂ ନେତୃତ୍ୱର ଅଭାବ ସେମାନଙ୍କୁ ବିଫଳ କରିଥାଏ । ପ୍ରକୃତ ଜ୍ଞାନ ଆଭ୍ୟନ୍ତରୀଣ - ଏହା ଆମ ମାନଙ୍କ କ୍ରୋଧ ଉପରେ ନିୟନ୍ତ୍ରଣ, ଅନ୍ୟମାନଙ୍କ ପ୍ରତି କରୁଣା ଏବଂ ଅସୁବିଧାର ସମ୍ମୁଖୀନ ହେବା ସମୟରେ ଧୈର୍ଯ୍ୟ ଭାବରେ ପ୍ରକାଶିତ ହୁଏ । ଡିଗ୍ରୀ ଆମ ମାନଙ୍କୁ ଚାକିରି ଦେଇପାରେ, କିନ୍ତୁ ଚରିତ୍ର ଆମ ମାନଙ୍କୁ ସମ୍ମାନ ପ୍ରଦାନ କରେ । ନିଜକୁ ପଚାରନ୍ତୁ ଯେ ମୋର ଡିଗ୍ରୀ କ'ଣ ମୋର ଆଚରଣକୁ ପ୍ରତିଫଳିତ କରେ ? ପ୍ରାଚୀନ ଭାରତୀୟ ଦର୍ଶନରେ ଭଗବଦ ଗୀତା କହେ, 'ଜ୍ଞାନମ୍ ବିଜ୍ଞାନସାହିତମ୍' ଅର୍ଥାତ୍ ଜ୍ଞାନ ହେଉଛି ଯାହା ଜ୍ଞାନୀ । ବ୍ୟକ୍ତିତ୍ୱ ବିକାଶ ପାଇଁ, ପ୍ରତିଦିନ ଆତ୍ମ-ମୂଲ୍ୟାଙ୍କନ ଅଭ୍ୟାସ କରିବା ଉଚିତ୍ । ଏକ ଡାଏରୀ ରଖିବା ଉଚିତ୍, ଯାହା ଆଜି ଆମେ ମାନେ କେତେ ଜ୍ଞାନ ଅର୍ଜନ କରିଛନ୍ତି ତାହା ଲେଖି ରଖିବା ଦରକାର ଯାହା ଆମ ମାନଙ୍କ ଚରିତ୍ରକୁ ସୁଦୃଢ଼ କରିବ । ଉଦାହରଣ ସ୍ୱରୂପ, ଯଦି ଆମେ ମାନେ କ୍ଷୁବ୍ଧ, ତେବେ ଧ୍ୟାନ ଏବଂ ଯୋଗ ମାଧ୍ୟମରେ ଧୈର୍ଯ୍ୟ ବିକଶିତ କରିବା ଉଚିତ୍ । ଏହା ଆମର ଚରିତ୍ରକୁ ଉନ୍ନତ କରିବ, ଯାହା ଡିଗ୍ରୀ ଅପେକ୍ଷା ବହୁତ ମୂଲ୍ୟବାନ । ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନୈତିକ ମୂଲ୍ୟବୋଧର ବିକାଶ । ଡିଗ୍ରୀ ବଜାରରେ ବିକ୍ରି ହୋଇପାରିବ, କିନ୍ତୁ ଚରିତ୍ର କେବେବି ନୁହେଁ । ଦୁର୍ନୀତି, ମିଛ ଏବଂ ସ୍ୱାର୍ଥପରତା ଆଜିର ଡିଗ୍ରୀଧାରୀ ପିଢ଼ିର ଅଭିଶାପ । ପ୍ରକୃତ ଜ୍ଞାନ ସଚ୍ଚୋଟତା ଶିଖାଏ । ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଉଠ, ଜାଗ୍ରତ ହୁଅ, ଏବଂ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ରୁହ ନାହିଁ ।' କିନ୍ତୁ ଲକ୍ଷ୍ୟ କ'ଣ ? ଟଙ୍କା ରୋଜଗାର କରିବା ପାଇଁ ନୁହେଁ ବରଂ ଚରିତ୍ର ଗଠନ କରିବା ପାଇଁ । ବ୍ୟକ୍ତିତ୍ୱ ବିକାଶ ପାଇଁ, ସେବାର ପଥ ଗ୍ରହଣ କରିବା ଉଚିତ୍ । ଜଣେ ଗରିବ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଚିତ୍, ନିଜ ପଡ଼ୋଶୀଙ୍କ ସହିତ ସମନ୍ୱୟରେ ରହିବା ଉଚିତ୍ । ଏହା ଆମର ଜ୍ଞାନକୁ ଚରିତ୍ରରେ ପରିଣତ କରିବ । ଏକ କାହାଣୀ ମନେ ପଡ଼େ- ଜଣେ ଗରିବ ଚାଷୀଙ୍କ ପାଖରେ ଡିଗ୍ରୀ ନଥିଲା, କିନ୍ତୁ ତାଙ୍କର କଠିନ ପରିଶ୍ରମ ଏବଂ ସାଧୁତା ତାଙ୍କୁ ତାଙ୍କ ଗାଁର ନେତା କରିଥିଲା । ଲୋକମାନେ ତାଙ୍କ ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇଥିଲେ, ତାଙ୍କ ଡିଗ୍ରୀ ଦ୍ୱାରା ନୁହେଁ । ତୃତୀୟରେ ହେଉଛି ଦକ୍ଷତା ବିକାଶ ଏକ ମୁଖ୍ୟ କଥା । ଏହା ବ୍ୟକ୍ତିତ୍ୱର ତୃତୀୟ ସ୍ତମ୍ଭ । ଡିଗ୍ରୀ ତାତ୍ତ୍ୱିକ ଜ୍ଞାନ ପ୍ରଦାନ କରେ, କିନ୍ତୁ ବ୍ୟବହାରିକ ଦକ୍ଷତା ଚରିତ୍ରର ପ୍ରମାଣ । ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ - ଏହି ଗୁଣଗୁଡ଼ିକ କାର୍ଯ୍ୟ ଜୀବନରେ ଝଲସୁଛି । ଆଜିର ଡିଜିଟାଲ ଯୁଗରେ, ଅନଲାଇନ୍ ପାଠ୍ୟକ୍ରମରୁ ଶିଖି ସେଗୁଡ଼ିକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ । ଉଦାହରଣ ସ୍ୱରୂପ, ଏପିଜେ ଅବଦୁଲ କଲାମଙ୍କର ଇଞ୍ଜିନିୟରିଂ ଡିଗ୍ରୀ ଥିଲା, କିନ୍ତୁ ପିଲାମାନଙ୍କୁ ପ୍ରେରଣା ଦେବାର ତାଙ୍କର କ୍ଷମତାରେ ତାଙ୍କର ଜ୍ଞାନ ପ୍ରତିଫଳିତ ହୋଇଥିଲା । ସେ କହୁଥିଲେ, 'ସ୍ୱପ୍ନ ତାହା ନୁହେଁ ଯାହା ତୁମେ ଶୋଇବା ସମୟରେ ଦେଖ, ବରଂ ଯାହା ତୁମକୁ ଜାଗ୍ରତ ରଖେ ।' ବ୍ୟକ୍ତିତ୍ୱ ବିକାଶ ପାଇଁ ସ୍ୱପ୍ନକୁ ଚରିତ୍ର ସହିତ ଲିଙ୍କ କରିବା ଉଚିତ୍ । ପ୍ରତିଦିନ ଏକ ନୂତନ କୌଶଳ ଶିଖିବା ଉଚିତ୍ - ତାହା ସାଧାରଣ ଭାଷଣ ହେଉ କିମ୍ବା ଭାବପ୍ରବଣ ବୁଦ୍ଧି । ଡିଗ୍ରୀ ଜୀବନର ଶେଷ ନୁହେଁ, ଏହା ଆରମ୍ଭ ଆଉ ଜ୍ଞାନର କୌଣସି ସୀମା ନାହିଁ । ଏଥିପାଇଁ ବହୁତ ପୁସ୍ତକ ପଢିବା ଉଚିତ, ତାହା ଆଧ୍ୟାତ୍ମିକ ପୁସ୍ତକ ହେଉ ଅବା ସାମାଜିକ ପଠନ ପୁସ୍ତକ ହେଉ । କିନ୍ତୁ ପଢ଼ିବା କେବଳ ଯଥେଷ୍ଟ ନୁହେଁ; ଏହାକୁ ଆମ ମାନଙ୍କ ଜୀବନରେ ପ୍ରୟୋଗ କରିବା ଉଚିତ୍ । କଷ୍ଟକୁ ସୁଯୋଗ ଭାବରେ ବିଚାର କରିବା ଉଚିତ୍ । ମହାମାରୀ ସମୟରେ ଅନେକ ଡିଗ୍ରୀ ହରାଇଥିଲେ, କିନ୍ତୁ ଯେଉଁମାନେ ଦୃଢ଼ ଚରିତ୍ର ବଜାୟ ରଖିଥିଲେ ସେମାନେ ଆଗକୁ ବଢ଼ିଲେ । ଶେଷରେ ମନେ ରଖିବା ଉଚିତ୍ ଯେ ଡିଗ୍ରୀ ଆଲମାରୀରେ ଧୂଳି ଜମା କରିପାରେ, କିନ୍ତୁ ଚରିତ୍ର ଜୀବନସାରା ଉଜ୍ଜ୍ୱଳ ହୁଏ । ବ୍ୟକ୍ତିତ୍ୱ ବିକାଶ ଏକ ଯାତ୍ରା ଯାହା ଡିଗ୍ରୀ ନୁହେଁ, ଆତ୍ମ-ଶୁଦ୍ଧି ସହିତ ଆରମ୍ଭ ହୁଏ । ଆଜି ହିଁ ପ୍ରତିଜ୍ଞା ନେବା ଉଚିତ୍ ଯେ - ଆମ ଜ୍ଞାନକୁ ଚରିତ୍ରର ଅଳଙ୍କାର କରିବା ଆଉ ଆମର ଚରିତ୍ର ଦୃଢ଼ ହେଲେ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# ଡଲାରର ଦୁର୍ବଳତା: ବିଶ୍ୱ ଚାପର ଆବଶ୍ୟକତା !



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ବିଶ୍ୱ ରାଜନୀତିରେ ବର୍ତ୍ତମାନ 'ଡି-ଡଲାରାଇଜେସନ୍' ନାମକ ଏକ ବଡ଼ ପରିବର୍ତ୍ତନ ଦେଖାଯାଉଛି । ଦଶନ୍ଧି ଧରି, ଆମେରିକା ଡଲାର ବିଶ୍ୱ ବାଣିଜ୍ୟ ଏବଂ ଆର୍ଥିକ କାରବାରର ମୁଖ୍ୟ ଆଧାର ଥିଲା । ତୈଳ ବାଣିଜ୍ୟଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ଋଣ ଏବଂ ନିବେଶ ପର୍ଯ୍ୟନ୍ତ, ଡଲାରର କବଜା ଏତେ ଦୃଢ଼ ଥିଲା ଯେ କୌଣସି ଦେଶ ଏହାର ଛାଇରୁ ବାହାରକୁ ଯିବାକୁ ସାହସ କରିନଥିଲେ । କିନ୍ତୁ ବର୍ତ୍ତମାନ, ପରିସ୍ଥିତି ପରିବର୍ତ୍ତନ ହେଉଛି । ରୁଷିଆ, ଚୀନ୍, ଇରାନ, ବ୍ରାଜିଲ ଏବଂ ଅନ୍ୟାନ୍ୟ ଅନେକ ଦେଶ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ଏହି ପ୍ରକ୍ରିୟା ଧୀର, କିନ୍ତୁ ଏହାର ରାଜନୈତିକ ଏବଂ ଆର୍ଥିକ ପ୍ରଭାବ ଗଭୀର ।

ଡଲାର ଆମେରିକାର ଶକ୍ତିର ସର୍ବୋତ୍ତମ ମୂଳଦୁଆ ହୋଇଛି । ଡଲାରର ବିଶ୍ୱସ୍ତରୀୟ ଗ୍ରହଣ ଏହାକୁ କେବଳ ଆର୍ଥିକ ନୁହେଁ ବରଂ ରାଜନୈତିକ ପ୍ରଭାବ ମଧ୍ୟ ଦେଇଥିଲା । ଯେତେବେଳେ ଏକ ଦେଶ ଆମେରିକାର ନୀତିକୁ ବିରୋଧ କରୁଥିଲା, ସେତେବେଳେ ଆର୍ଥିକ ପ୍ରତିବନ୍ଧକ ଲଗାଇବା ସହଜ ଥିଲା କାରଣ ଆମେରିକା ଡଲାର-ଆଧାରିତ ଆର୍ଥିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିଲା । କିନ୍ତୁ ବର୍ତ୍ତମାନ, ଯେହେତୁ ଦେଶଗୁଡ଼ିକ ବିକଳ୍ପ ମୁଦ୍ରା ବ୍ୟବସ୍ଥା ଆଡକୁ ଗତି କରୁଛନ୍ତି, ଆମେରିକାର ଏହି ଶକ୍ତି ଦୁର୍ବଳ ହେବାକୁ ଲାଗିଛି । ଏହି କାରଣରୁ ଡି-ଡଲାରାଇଜେସନ୍ ଆମେରିକାର ଭବିଷ୍ୟତ ପାଇଁ ଏକ ବିପଦ ବୋଲି ବିବେଚନା କରାଯାଉଛି । ଇରାନ ପରିପ୍ରେକ୍ଷୀରେ ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଆମେରିକା ଏବଂ ଇସ୍ରାଏଲ ଦୀର୍ଘଦିନ ଧରି ଇରାନ ବିରୁଦ୍ଧରେ କଠୋର ମନୋଭାବ ବଜାୟ ରଖିଛନ୍ତି । ଇରାନ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକର ମୁଖ୍ୟ ଅସ୍ତ୍ର ଡଲାର-ଭିତ୍ତିକ କାରବାର ହୋଇଛି । ତଥାପି, ଯେତେବେଳେ ଇରାନ ସ୍ଥାନୀୟ ମୁଦ୍ରା କିମ୍ବା ବିକଳ୍ପ ଦେୟ ପ୍ରଣାଳୀ ବ୍ୟବହାର କରି ରୁଷ ଏବଂ ଚୀନ୍ ଭଳି ଦେଶ ସହିତ ବାଣିଜ୍ୟ କରେ, ସେତେବେଳେ ଆମେରିକାର ପ୍ରତିବନ୍ଧକର ପ୍ରଭାବ ହ୍ରାସ ପାଏ । ଏହି କାରଣରୁ ଅନେକ ଦେଶ ଖୋଲାଖୋଲି ଭାବରେ ଆମେରିକାର ନୀତିକୁ ବିରୋଧ କରୁଛନ୍ତି । ବିମୁଦ୍ରୀକରଣ କେବଳ ଏକ ଆର୍ଥିକ ପ୍ରକ୍ରିୟା ନୁହେଁ; ଏହା ରାଜନୈତିକ ପ୍ରତିରୋଧର ମଧ୍ୟ ପ୍ରତୀକ । ଏହା ଆମେରିକାର 'ସ୍ୱେଚ୍ଛାଚାରୀ ଏକଚ୍ଛତ୍ରବାଦ' ବିରୁଦ୍ଧରେ ସାରା ବିଶ୍ୱରେ ବଢୁଥିବା ଅସନ୍ତୋଷର ପରିଣାମ । ମଧ୍ୟପ୍ରାଚ୍ୟ, ଏସିଆ କିମ୍ବା ଲାଟିନ୍ ଆମେରିକା ହେଉ, ଅନେକ ଦେଶ ଅନୁଭବ କରନ୍ତି ଯେ ଆମେରିକା ନିଜ ସ୍ୱାର୍ଥ ପାଇଁ ବିଶ୍ୱ ବ୍ୟବସ୍ଥାକୁ ନିୟନ୍ତ୍ରଣ କରେ ଏବଂ ଅନ୍ୟମାନଙ୍କ ଉପରେ ନିଜର ସର୍ତ୍ତାବଳୀ ଲଦିଥାଏ । ତେଣୁ, ଡଲାରଠାରୁ ନିଜକୁ ଦୂରେଇ ରଖିବା ଆମେରିକାର ଚାପରୁ ମୁକ୍ତ କରିବାର ଏକ ପ୍ରୟାସ । ବର୍ତ୍ତମାନର ସମୟକୁ ଆମେରିକା ଉପରେ ଚାପ ପ୍ରୟୋଗ ପାଇଁ ଅନୁକୂଳ ବୋଲି ବିବେଚନା କରାଯାଉଛି । ରୁଷ-ୟୁକ୍ରେନ ଯୁଦ୍ଧ, ଆମେରିକା-ଚୀନ୍ ବାଣିଜ୍ୟ ସଂଘର୍ଷ, ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଏବଂ ଘରୋଇ ରାଜନୈତିକ ସଙ୍କଟ ପୂର୍ବରୁ ଆମେରିକାର ସ୍ଥିତିକୁ ଦୁର୍ବଳ କରିଦେଇଛି । ଏପରି ପରିସ୍ଥିତିରେ, ଯଦି ବିଶ୍ୱର ଦେଶଗୁଡ଼ିକ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ଆମେରିକାର ନୀତିକୁ ବିରୋଧ କରିବା ପାଇଁ ଏକାଠି ହୁଅନ୍ତି, ତେବେ ଆମେରିକାକୁ ତାର ରଣନୀତି ପୁନର୍ବିଚାର କରିବାକୁ ପଡିବ । ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲର ଆକ୍ରମଣାତ୍ମକ ନୀତିକୁ ଦୃଷ୍ଟିରେ ରଖି, ବିଶ୍ୱ ଇରାନ ସହିତ ଠିଆ ହେବା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡୁଛି । ଯଦି ଆମେରିକା ଇରାନ ବିରୁଦ୍ଧରେ ଯୁଦ୍ଧରେ ତା'ର ସହଯୋଗୀମାନଙ୍କୁ ସାମିଲ କରିବାକୁ ଚାହୁଁଛି, ତେବେ ଏବେ ସେମାନଙ୍କୁ ସମର୍ଥନ କରିବାକୁ ମନା କରିବାର ଉପଯୁକ୍ତ ସମୟ । ଏହା ଆମେରିକାକୁ ଏକ ବାର୍ତ୍ତା ଦେବ ଯେ ଏହାର ସ୍ୱେଚ୍ଛାଚାରିତା ଆଉ ଗ୍ରହଣୀୟ ନୁହେଁ । ଡଲାରମୁକ୍ତି ପ୍ରକ୍ରିୟା ଲମ୍ବା ହୋଇପାରେ, ଏହାର ପରିଣାମ ସୁଦୂରପ୍ରସାରୀ ହେବ । ଏହା ବିଶ୍ୱ ଶକ୍ତି ସନ୍ତୁଳନକୁ ପରିବର୍ତ୍ତନ କରିପାରେ । ଯଦି ଡଲାରର ନିୟନ୍ତ୍ରଣ ଦୁର୍ବଳ ହୁଏ, ତେବେ ଆମେରିକାର ଅର୍ଥନୈତିକ ଏବଂ ରାଜନୈତିକ ଶକ୍ତି ମଧ୍ୟ ହ୍ରାସ ପାଇବ । ଏହା ଏକ ବହୁଧ୍ରୁବୀୟ ବିଶ୍ୱ କ୍ରମ ସୃଷ୍ଟି କରିବ ଯେଉଁଥିରେ କୌଣସି ଦେଶ ଏକାକୀ ନିଜ ସର୍ତ୍ତାବଳୀ ଲାଗୁ କରିପାରିବ ନାହିଁ ।

ପରିଶେଷରେ, ଏହା କହିବା ଭୁଲ ହେବ ନାହିଁ ଯେ ଡଲାରମୁକ୍ତି କେବଳ ଏକ ଆର୍ଥିକ ପରିବର୍ତ୍ତନ ନୁହେଁ, ବରଂ ବିଶ୍ୱ ରାଜନୀତିରେ ସ୍ୱାଧୀନତା ଏବଂ ସନ୍ତୁଳନ ପାଇଁ ଏକ ପଦକ୍ଷେପ । ଆମେରିକାକୁ ଏବେ ବୁଝିବାକୁ ପଡିବ ଯେ ଏହାର ଏକଚ୍ଛତ୍ରବାଦ ସବୁଦିନ ପାଇଁ ଜାରି ରହିପାରିବ ନାହିଁ । ବିଶ୍ୱ ବଦଳୁଛି, ଏବଂ ଏହି ପରିବର୍ତ୍ତନ ଏହାକୁ ଅନ୍ୟମାନଙ୍କ ସାର୍ବଭୌମତ୍ୱକୁ ସମ୍ମାନ କରିବାକୁ ବାଧ୍ୟ କରିବ । ବର୍ତ୍ତମାନ, ଆମେରିକାର ଆର୍ଥିକ ସ୍ଥିତି ଆଉ ପୂର୍ବ ପରି ଦୃଢ଼ ନାହିଁ । ଡଲାରର ନିୟନ୍ତ୍ରଣ ଦୁର୍ବଳ ହେଉଛି, ଏବଂ ମୁଦ୍ରାସ୍ଫୀତି କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଏହି ମୁଦ୍ରାସ୍ଫୀତି କେବଳ ଆମେରିକୀୟ ଲୋକଙ୍କ ପାଇଁ ଏକ ସଙ୍କଟ ନୁହେଁ ବରଂ ବିଶ୍ୱ ସ୍ତରରେ ଆମେରିକାର ବିଶ୍ୱସନୀୟତାକୁ ମଧ୍ୟ ଦୁର୍ବଳ କରୁଛି । ଡଲାରର ଦୁର୍ବଳତା ସିଧାସଳଖ ଏହାର ଅନ୍ତର୍ଜାତୀୟ ନୀତିଗୁଡ଼ିକୁ ପ୍ରଭାବିତ କରେ, କାରଣ ଏହା ଆଉ ପୂର୍ବ ପରି ସହଜରେ ଆର୍ଥିକ ଚାପ ପ୍ରୟୋଗ କରିପାରିବ ନାହିଁ । ଏହା ସହିତ, ଆମେରିକା ବାରମ୍ବାର, ସତର୍କତାର ସହିତ ବିଚାର ନକରି ଏବଂ ବିଶେଷଜ୍ଞଙ୍କ ପରାମର୍ଶକୁ ଅଣଦେଖା ନକରି, ଇରାନ ଭଳି ଦେଶ ବିରୁଦ୍ଧରେ ଆକ୍ରମଣ ଏବଂ କଠୋର ନୀତି ଗ୍ରହଣ କରିଛି । ଏହି କାର୍ଯ୍ୟଗୁଡ଼ିକ ଆମେରିକାକୁ ଆର୍ଥିକ ଦୃଷ୍ଟିରୁ ଆହୁରି ଦୁର୍ବଳ କରିଛି । ଯୁଦ୍ଧ ଏବଂ ପ୍ରତିବନ୍ଧକର ରାଜନୀତି ଏହାର ଆର୍ଥିକ ସ୍ଥିତିକୁ ନଷ୍ଟ କରିଦେଇଛି । ଯେତେବେଳେ ଏକ ଦେଶ ନିରନ୍ତର ଯୁଦ୍ଧ ଏବଂ ସଂଘର୍ଷରେ ଜଡିତ, ତାହାର ଅର୍ଥନୀତି ଗୁରୁତର ଭାବରେ ଭାରାକ୍ରାନ୍ତ । ଆଜି ଆମେରିକା ସାମ୍ନା କରୁଥିବା ପରିସ୍ଥିତି ଏହିପରି । ଏହି ପରିସ୍ଥିତିରେ, ବିଶ୍ୱର ରାଷ୍ଟ୍ରଗୁଡ଼ିକ ଆମେରିକା ଉପରେ ଚାପ ପ୍ରୟୋଗ କରିବା ଅତ୍ୟାବଶ୍ୟକ ହୋଇପଡ଼େ । ଯଦି ବିଶ୍ୱ ଏକଜୁଟ୍ ହୁଏ ଏବଂ ଆମେରିକାର ମନମୁଖୀ ନୀତିକୁ ବିରୋଧ କରେ ଏବଂ ଏହି ବାର୍ତ୍ତା ଦିଏ ଯେ ଏହାର ଏକଚ୍ଛତ୍ରବାଦ ଆଉ ଗ୍ରହଣୀୟ ନୁହେଁ, ତେବେ ଆମେରିକା ତାର ରଣନୀତି ପୁନର୍ବିଚାର କରିବାକୁ ବାଧ୍ୟ ହେବ । ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲର ଆକ୍ରମଣାତ୍ମକ ନୀତିକୁ ବନ୍ଦ କରିବାର ଏହା ମଧ୍ୟ ସଠିକ୍ ସମୟ । ଯଦି ସହଯୋଗୀମାନେ ଆମେରିକାକୁ ସମର୍ଥନ କରିବାକୁ ମନା କରନ୍ତି, ତେବେ ଏହାର ଶକ୍ତି ଏବଂ ପ୍ରଭାବ ସ୍ୱୟଂଚାଳିତ ଭାବରେ ହ୍ରାସ ପାଇବ । ଆମେରିକାର ଆର୍ଥିକ ଦୁର୍ବଳତା ଏବଂ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏହାକୁ ଅସ୍ଥିର କରିସାରିଛି । ଏପରି ପରିସ୍ଥିତିରେ, ବିଶ୍ୱ ଚାପ ପ୍ରୟୋଗ କରିବା କେବଳ ସମ୍ଭବ ନୁହେଁ ବରଂ ଆବଶ୍ୟକ ମଧ୍ୟ । ଏହି ଚାପ ଆମେରିକାକୁ ତାର ନୀତି ପରିବର୍ତ୍ତନ କରିବାକୁ ଏବଂ ଏକ ସନ୍ତୁଳିତ, ନ୍ୟାୟପୂର୍ଣ୍ଣ ବିଶ୍ୱ ବ୍ୟବସ୍ଥା ଆଡକୁ ଯିବାକୁ ବାଧ୍ୟ କରିବ । ଏହା ହେଉଛି ସେହି ସମୟ ଯେତେବେଳେ ବିଶ୍ୱ ମିଳିତ ଭାବରେ ଆମେରିକାର ସ୍ୱେଚ୍ଛାଚାରିତାକୁ ଦମନ କରିପାରିବ ଏବଂ ଏକ ନୂତନ ବହୁଧ୍ରୁବୀୟ କ୍ରମ ପାଇଁ ମୂଳଦୁଆ ସ୍ଥାପନ କରିପାରିବ ।ଏହି ସମଗ୍ର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହା ସ୍ପଷ୍ଟ ଯେ ଆମେରିକାର ଭବିଷ୍ୟତ ଆଉ ପୂର୍ବ ପରି ସୁରକ୍ଷିତ ନାହିଁ । ଡି-ଡଲାରାଇଜେସନ୍ ପ୍ରକ୍ରିୟା ଏହାର ମୂଳଦୁଆକୁ ଦୋହଲାଇ ଦେଇଛି । ଯଦି ବିଶ୍ୱର ରାଷ୍ଟ୍ରଗୁଡ଼ିକ ଏହି ଦିଗରେ ଏକତ୍ରିତ ଭାବରେ ଆଗକୁ ବଢ଼ନ୍ତି, ତେବେ ଆମେରିକା ଏହାର ନୀତି ପରିବର୍ତ୍ତନ କରିବାକୁ ବାଧ୍ୟ ହେବ । ଏହି ସମୟ ଯେତେବେଳେ ବିଶ୍ୱ ଚାପ ମାଧ୍ୟମରେ, ଆମେରିକାର ସ୍ୱେଚ୍ଛାଚାରିତାକୁ ଦମନ କରାଯାଇପାରିବ ଏବଂ ଏକ ସନ୍ତୁଳିତ, ନ୍ୟାୟପୂର୍ଣ୍ଣ ବିଶ୍ୱ କ୍ରମ ପାଇଁ ମୂଳଦୁଆ ସ୍ଥାପନ କରାଯାଇପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୭୫

## ରାଜକୁମାର ଉତ୍ତରଙ୍କ ଯୁଦ୍ଧଯାତ୍ରା-୧



ବୃହନ୍ନଳା ସାରଥୀ ହେବାକୁ ମିଛରେ ଅମଙ୍ଗ ହେଲା ।

ରାଜକୁମାରୀ ଉତ୍ତରା ସାହସ ଦେଲେ, "ଭୟ କରନା ବୃହନ୍ନଳା । ରାଜକୁମାର ତୁମକୁ ରକ୍ଷା କରିବେ । ତୁମେ ଅର୍ଜୁନର ସାରଥୀ ଥିଲ ପରା !"

ଅର୍ଜୁନ ଉତ୍ତର ଦେଲେ ନାହିଁ । ମୁରୁକି ମୁରୁକି ହସିଲେ ।

ନାରୀମାନଙ୍କ ସମ୍ମୁଖରେ ବଡେଇ କରି କହିଲେ ରାଜକୁମାର- ଶୀଘ୍ର ମୋତେ କୌରବ ସେନାଙ୍କ ସମ୍ମୁଖକୁ ନେଇଚାଲ । ସେମାନେ ଭାବିଥିବେ ରାଜା ନାହାଁନ୍ତି । ହାଃ ହାଃ ମୁଁ ଅଛି ! ମୁଁ ଏକୁଟିଆ ସମସ୍ତିଙ୍କୁ ସାବାଡ଼ କରିଦେବି ।

ବୃହନ୍ନଳା ହସ ଚାପି ରଥ ଉପରକୁ ଉଠିଲା ଓ ଜୋର୍‌ରେ ରଥ ବାହିନେଲା ।

"ଯେଉଁଠି ଗାଈମାନଙ୍କୁ କୌରବ ସେନା ବନ୍ଧକ ରଖିଛନ୍ତି ମୋତେ ସେଠିକୁ ନେଇଚାଲ ।"- ପ୍ରବଳ ଆଗ୍ରହରେ କହିଲେ ରାଜକୁମାର । ବୃହନ୍ନଳା ରଥର ବେଗ ବଢେଇଦେଲା ।

ହଁ, ଦୂରରୁ ଦିଶିଲା କୌରବ ସେନା । ରାଜକୁମାର ଉତ୍ତର ଦେଖିପାରିଲେ, ସେନା ମଧ୍ୟରେ ଅଛନ୍ତି ଦ୍ରୋଣ, କୃପାଚାର୍ଯ୍ୟ, ଦୁର୍ଯ୍ୟୋଧନ ଓ କର୍ଣ୍ଣ । ଏବଂ ସେନାଙ୍କ ସଂଖ୍ୟା ବିପୁଳ ।

ସେମାନଙ୍କ ସହ ମୁଁ ଏକୁଟିଆ ଲଢିବି ନା, ପାରିବିନାହିଁ । ଥରହୁଁ ଥରହୁଁ ରାଜକୁମାର ଥରିବାକୁ ଲାଗିଲେ । ମଥାର କେଶ ଭୟରେ ଠିଆ ହେଲା ପରି ଜଣାଗଲା । ସେ ଦୁଇ ହାତରେ ଆଖି ଜାକି ଧରିଲେ ।

"ବୃହନ୍ନଳା ! ମୋ ବାପା ରାଜା ବିରାଟ ସମସ୍ତ ସେନାଙ୍କୁ ନିଜ ସାଥିରେ ନେଇଯାଇଛନ୍ତି । ମୁଁ ଏକଲା । କେମିତି ଏହି ବିରାଟ ସେନା ସହ ଲଢିବି ? ନା, ତୁମେ ରଥକୁ ପଛକୁ ଫେରେଇନିଅ ।"- ବିକଳ ହୋଇ କହିଲେ ରାଜକୁମାର ।

ହସ ଚାପି କହିଲା ବୃହନ୍ନଳା- ରାଜକୁମାର ! କେତେବଡ଼ ଅପମାନ ହେବ ବୁଝୁଚଟି ! ଗାଈମାନଙ୍କୁ ଉଦ୍ଧାର ନକରି ଫେରିଗଲେ, ନାରୀମାନେ ଫେଁ ଫେଁ ହସିବେ । ହତୋତ୍ସାହିତ ହୁଅନ୍ତୁନାହିଁ, ଯୁଦ୍ଧ କରନ୍ତୁ । ମୁଁ ଅଛି । ଭୟ କରନ୍ତୁ ନାହିଁ ।

: ଭୟ କରିବି ନାହିଁ ? କିପରି ଏହା କହୁଚ ! ନାରୀମାନେ ହସିଲେ ହସନ୍ତୁ, ମୁଁ ଖାତିର କରେନା । ମୁଁ କହୁଚି, ରଥ ଅଟକାଅ । ଫେରିଚାଲ ନଗ୍ରଆଡକୁ । ଯେବେ ରଥ ନଅଟକେଇବ, ମୁଁ ଡେଇଁପଡ଼ିବି ଓ ଦୌଡ଼ି ଦୌଡ଼ି ପଳେଇବି । ବିଚଳିତ ରାଜକୁମାର କହିଲେ । ଏବଂ ରଥ ନଅଟକିବା ଦେଖି ସେ ଧନୁତୀର ରଥରେ ଫୋପାଡ଼ିଦେଇ ରଥରୁ ଡେଇଁ ପଡ଼ିଲେ ଓ ନଗ୍ରଆଡ଼କୁ ପ୍ରାଣ ବିକଳରେ ଧାଇଁବାକୁ ଲାଗିଲେ ।

ବୃହନ୍ନଳା ରଥ ଫେରେଇଲା ଓ ରାଜକୁମାରଙ୍କୁ ପିଛାକଲା । ବଡ଼ପାଟିରେ କହୁଥିଲା- କ୍ଷତ୍ରିୟପରି ବ୍ୟବହାର କର ରାଜକୁମାର ! ଅଟକି ଯାଅ !

ମାତ୍ର ଶିଆଳପରି ବାଙ୍କି ବାଙ୍କି ଧାଇଁବାକୁ ଲାଗିଲେ ରାଜକୁମାର । ପଛରେ ଅନୁସରଣ କରୁଥାଏ ରଥ । କୌରବମାନେ ଦେଖୁଥାନ୍ତି ଏହି ମଜାଳିଆ ଦୃଶ୍ୟ । ବୃହନ୍ନଳାର ବେଣୀ ନାଚୁଥାଏ ଓ ପିନ୍ଧାବାସ ପବନରେ ଉଡୁଥାଏ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଆଦର୍ଶ ପୁରୁଷ ପ୍ରଭୁ ଶ୍ରୀରାମ

*ପ୍ରଫୁଲ୍ଲ କୁମାର ସାହୁ*



ଚୈତ୍ର ମାସ ଶୁକ୍ଳ ନବମୀ ତିଥିରେ
ଅଯୋଧ୍ୟାର ରାଜପୁରେ,
ପ୍ରଭୁ ରାମଚନ୍ଦ୍ର ଜନ୍ମ ଲଭିଥିଲେ
ଏ ଧରାରେ ତ୍ରେତୟାରେ ।୧।

ପିତା ଦଶରଥ ମାତା କୈକେୟୀଙ୍କ
ଥିଲେ ପରା ଜ୍ୟେଷ୍ଠ ସୁତ,
ଛାଡି ରାଜପଦ ଗଲେ ବନବାସ
ପାଳି ନିଜ ପିତୃ ସତ୍ୟ ।୨।

ସଭିଙ୍କ ଆଦର୍ଶ ସେ ଯୁଗ ପୁରୁଷ
ସର୍ବତ୍ର ପୂଜିତ ଆଜି,
ଯାହାଙ୍କର କୃତି କୀର୍ତ୍ତି ଅମଳିନ
(ଏବେ) ସଭିଏଁ ହୁଅନ୍ତି ଖୋଜି ।୩।

ସତୀ ସୀତାଙ୍କୁ ସେ କରିଲେ ଉଦ୍ଧାର
ରାବଣ ନିଧନ କରି,
ଯୁଗ ଯୁଗ ପାଇଁ ସେ ଯେ ସ୍ମରଣୀୟ
(ଥିଲେ) ସତ୍ୟ ଶାନ୍ତିର ପୂଜାରୀ ।୪।

ଅଯୋଧ୍ୟାକୁ ଫେରି ବସି ସିଂହାସନେ
ଲୋକଙ୍କ ମଙ୍ଗଳ ପାଇଁ,
କରିଥିଲେ ବହୁ ଜନହିତ କାର୍ଯ୍ୟ
(ଯାହା) ରହିଛି ଅଭୁଲା ହୋଇ ।୫।

ଭରତ, ଶତ୍ରୁଘ୍ନ ଭାଇ ଯେ ଲକ୍ଷ୍ମଣ
ଥିଲେ ତାଙ୍କ ଅତି ପ୍ରିୟ,
ଭକ୍ତ ହନୁମାନ ଥିଲେ ବଳବାନ
କରିଥିଲେ ଲଙ୍କା ଜୟ ।୬।

ଆଜିର ଦିନରେ ପଡନ୍ତି ସେ ମନେ
ପୂଜିବା ତାହାଙ୍କୁ ଆସ,
ଭକତି ଅନ୍ତରେ କଲେ ପ୍ରଣିପାତ
ଲଭିବା ତାଙ୍କ ଆଶିଷ ।୭।

*ଯଦୁ-ମାଳତୀ କୃପାନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*



# ରାମନବମୀ

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିର
ମହିମା ଅବର୍ଣ୍ଣନୀୟ
ପ୍ରଭୁ ଶ୍ରୀରାମଙ୍କ ଧରାବତରଣ
ମଧୁମାସ ପୁଣ୍ୟମୟ ।

ପ୍ରଭୁ ଶ୍ରୀରାମଙ୍କ ଅପାର ମହିମା
ଧନ୍ୟ ତାଙ୍କ ଲୀଳାଖେଳା
ଜଗତ ଉଦ୍ଧାର କରିବା ପାଇଁକି
ରଚିଲେ ମାନବଲୀଳା ।

ଦୁଷ୍ଟଙ୍କୁ ବିନାଶି ସାଧୁଙ୍କୁ ଉଦ୍ଧାରି
ବଦ୍ଧକଲେ ଦଶାନନ
ନିରିମଳ ଯଶ ବ୍ୟାପିଗଲା ତାଙ୍କ
ତିନିଲୋକେ ସବୁଥାନ ।

ରାମ ନାମ ଯଶ ଗାନ କରେ ଯିଏ
ପାପ ହୁଏ ତାର କ୍ଷୟ
ମୁନିଋଷି ନର ଦେବଗଣ ତୁଣ୍ଡେ
ଶ୍ରୀରାମଙ୍କ ଯଶ ଜୟ ।

ଉଚ୍ଚତମ ତାଙ୍କ ଆଦର୍ଶଟି ପରା
ସଦ୍ ଗୁଣ ମଧୁଝର
ସିନିହ-ମମତା- ତପ-ସାହଚର୍ଯ୍ୟ
ସତ୍ୟ-ତ୍ୟାଗ- ଶିଷ୍ଟାଚାର ।

ଭାରତ ମାତାର ପୁଣ୍ୟ ଭୂଇଁର
ଆତ୍ମାଟି ଶ୍ରୀରାମ ପ୍ରଭୁ
ସଦାକାଳେ ଆମ ମତି ରହୁ ତୁମ
ପଦକମଳରେ ବିଭୁ ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*

# ଶ୍ରୀରାମ ନବମୀର ବାରତା

*ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ*



ଶ୍ରୀରାମ ନବମୀ ଆସିଅଛି ଆଜି ଶାଶ୍ୱତ ବାରତା ନେଇ
ନାଚନ୍ତି ସରବେ ମହା ଆନନ୍ଦରେ ରାମ ନାମାମୃତ ପିଇ,
ପୁଣ୍ୟ ଅଯୋଧ୍ୟାରେ ଏ ଶୁଭ ଲଗନେ ଅବତରିଥିଲେ ପ୍ରଭୁ
ହସି ଉଠିଥିଲା ସସାଗରା ଧରା ପୁଷ୍ପ ବର୍ଷିଥିଲା ନଭୁ,
ସେହି ପ୍ରିୟ ପ୍ରଭୁ ପୁରୁଷୋତ୍ତମ ଯେ ହୋଇ ପ୍ରତିପ୍ରାଣ କେନ୍ଦ୍ର
ପିତୃସତ୍ୟ ପାଳି ସାଜି ବନବାସୀ ରଖିଗଲେ କୀର୍ତ୍ତିଚନ୍ଦ୍ର,
ଆଦର୍ଶ ପ୍ରତିଷ୍ଠା ଥିଲା ତାଙ୍କ ଚେଷ୍ଟା ସତ୍ୟରକ୍ଷା ଥିଲା ପଣ
ଦୟା କ୍ଷମା ଗୁଣେ ହୋଇ ବିଭୂଷିତ ପାଳୁଥିଲେ ପ୍ରଜାଗଣ,
ପିତା ମାତା ଗୁରୁ ଦେବତା ବ୍ରାହ୍ମଣ ପୂଜୁଥିଲେ ନିରନ୍ତର
କରୁଥିଲେ ସେତ ସଦ୍ ବିନିଯୋଗ ମୂଲ୍ୟବାନ ସମୟର,
ଯଶ ଗଉରବ ମାନ ସନମାନ ଦେଉଥିଲେ ପାଦେ ଠେଲି
ପ୍ରିୟ ଭକତଙ୍କୁ ଭାବି ଆପଣାର ନେଉଥିଲେ ହୃଦେ ତୋଳି,
ବୀର ହନୁମାନ ହୋଇଲେ ଅମର ତାଙ୍କ ପାଶେ ମନ ଥାପି
ଦସ୍ୟୁ ରତ୍ନାକର ବାଲ୍ମୀକି ସାଜିଲେ ତାଙ୍କ ନାମ ଜପି ଜପି,
ଦୈତ୍ୟ ଦଶାନନ ହୋଇଲା ନିଧନ ତାଙ୍କ ଦିବ୍ୟ ପରାକ୍ରମେ
ଶାନ୍ତି ଶଙ୍ଖଧ୍ୱନି ନିନାଦିତ ହେଲା ଏ ପୁଣ୍ୟ ମରତ ଧାମେ,
ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ସିଏ ତ୍ରେତୟା ଯୁଗରେ ଆସି
ମାନବ ତନୁରେ କରି ଲୀଳା ଖେଳା ଢ଼ାଳିଥିଲେ କୃପା ରାଶି,
ଥିଲେ ସେ ସୁପୁତ୍ର ଥିଲେ ଶ୍ରେଷ୍ଠ ଭ୍ରାତା ଥିଲେ ଯୋଗ୍ୟ ପତିଦେବ
ଆଦର୍ଶ ଜନକ ଭାବେ ସୁବିଦିତ କେ ତାଙ୍କ ଉପମା ଦେବ,
ଏ ମର୍ତ୍ତ୍ୟ ମଣ୍ଡଳେ ଥିଲେ ସିଏ ଶ୍ରେଷ୍ଠ ପ୍ରଜାନୁରଞ୍ଜକ ରାଜା
ରାଜ୍ୟ ଶାସନରେ ହୋଇ ନିରପେକ୍ଷ ତେଜି ଥିଲେ ନିଜ ଭାର୍ଯ୍ୟା,
ପିତା ଦଶରଥ ମାତା କୌଶଲ୍ୟାଙ୍କ ଥିଲେ ସେତ ପ୍ରାଣଧନ
ଦେବତ୍ୱର ଦିବ୍ୟ ପରଶରେ ସିଏ ଜିଣିଥିଲେ କୋଟି ମନ,
ଧରାପରେ ଏବେ ନାହାନ୍ତି ଯେ ରାମ ଅଛି ତାଙ୍କ କୀର୍ତ୍ତି ରାଜି
ତାଙ୍କ ସୁକର୍ମର ପ୍ରତିଟି ଅଧ୍ୟାୟ ମନେ ପଡ଼ିଯାଏ ଆଜି,
ଜନମ ଦିନରେ ଭକତି କୁସୁମେ ପୂଜି ପ୍ରଭୁ ଆତ୍ମାରାମେ
ରାମରାଜ୍ୟ ସ୍ୱପ୍ନ କରିବା ସାକାର ଆମରି ଆଦର୍ଶ କାମେ,
ସବୁ ଦୁଷ୍ଟ ଶକ୍ତି ଅପସରି ଯାଉ ବିଶ୍ୱ ହେଉ ରାମମୟ
ମାନବିକତାର ଶାଶ୍ୱତ ପରଶେ ଧରମର ହେଉ ଜୟ ।

*କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର-୭୫୫୦୧୩*
*ମୋ-୯୪୩୭୮୫୪୧୭୫*

# ପବିତ୍ର ରୁକୁଣା ରଥ

*ରାମଚନ୍ଦ୍ର ବେହେରା*

ଅଶୋକାଷ୍ଟମୀର ପୂଣ୍ୟ ତିଥି ଆଜି
ଗଡିବ ରୁକୁଣା ରଥ
ପ୍ରଭୁ ଲଙ୍ଗରାଜ ରଥପରେ ବସି
ଯିବେ ରାମେଶ୍ୱର ପୀଠ ।
ବଲ୍ଲବ ଧୂପର ନୀତି ଶେଷ ପରେ
ହେବ ରଥଯାତ୍ରା ବିଧି
ଶ୍ରୀ ଚନ୍ଦ୍ରଶେଖର ଭଉଣୀ ରୁକୁଣା
ବାହାରିବେ ହୋଇ ସାଥୀ ।
ଦୋଳଗୋବିନ୍ଦଙ୍କ ରଥାରୂଢ ବେଶ
ଦୁର୍ଲଭ ସେହି ଦର୍ଶନ
ଯେ' ଟାଣେ ରଥକୁ ସତ୍ୟନିଷ୍ଠ ଚିତ୍ତେ
ଅରଜଇ କୋଟି ପୂଣ୍ୟ ।
ପାଞ୍ଚଦିନ ଯାତ୍ରା ଉତ୍କଳେ ବିଖ୍ୟାତ
ଭକତ ଆସନ୍ତି ଧାଇଁ
ତିନି ଦିଅଁ ସହ ପ୍ରଭୁ ଶ୍ରୀରାମଙ୍କୁ
ଦର୍ଶନ କରନ୍ତି ଯାଇ ।
ପାଞ୍ଚଦିନ ପରେ ଫେରନ୍ତି ଠାକୁର
ପଛ ମୁହାଁ ରଥ ଗଡେ
ଘଣ୍ଟ ଘଣ୍ଟି ଶଙ୍ଖ କାହାଳୀର ଧ୍ୱନି
ଭକ୍ତିର ପୁଲକ ଭରେ ।
ଆସ ସର୍ବେ ମିଳି ଚନ୍ଦ୍ରଶେଖରଙ୍କୁ
କରିବା ଭକ୍ତି ପ୍ରଣତି
ଯୁଦ୍ଧ ବିଭୀଷିକା ଦୂର ହୋଇଯାଉ
କରିବା ହୃଦେ ବିନତି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*





# ଶ୍ରୀ ରାମ ନବମୀ

*ହୃଦାନନ୍ଦ ସୁନାନୀ*

ଚୈତ୍ର ଶୁକ୍ଳ ନବମୀ ଦିନ
ରାମ ନବମୀ ହୁଏ
ରାମ ପ୍ରଭୁଙ୍କର ଜନମ
ଉତ୍ସବ ମନା ଯାଏ -(୦)

ବିଷ୍ଣୁଙ୍କ ଦଶ ଅବତାର
ମଧ୍ୟେ ଏକ ଶ୍ରୀରାମ
ମର୍ଯ୍ୟାଦା ପୁରୁଷୋତ୍ତମ ସେ
ସୁନ୍ଦର ଘନ ଶ୍ୟାମ -(୧)

ରୂପ କାନ୍ତି ଯାର ଜିଣଇ
କୋଟି କନ୍ଦର୍ପ ରୂପ
ଅଧର୍ମକୁ ବିଲୋପ ପାଇଁ
ତାଙ୍କ କାର୍ଯ୍ୟ କଳାପ -(୨)

ସେ ରଘୁକୁଳ ମଣି ସିଏ
ପତିତ ପାବନ ରାମ
ଶିବ ଧନୁ ଭାଙ୍ଗି ଜାନକୀ
ବିବାହ, କେ ତାଙ୍କ ସମ -(୩)

ମାର୍ଗଶୀର ପଞ୍ଚମୀ ତିଥି
ଶ୍ରୀରାମ ବିବାହ ପଡେ
ଜନକ ଦୁହିତା ଯେ ସୀତା
ଭାଗ୍ୟରେ ବେଦନା ଗଢେ -(୪)

*କଳାହାଣ୍ଡି*
*ମୋ- ୯୧୭୮୫୪୪୮୫୯*

# 'ନୂତନ ବର୍ଷର ନୂଆ ସକାଳ'

*ଡ. ସନ୍ତୋଷ କୁମାର ପଣ୍ଡା*



ନବ ବର୍ଷର ନୂଆ ସକାଳ
ଆଣୁ ଖୁସିର ଜୁଆର,
ଆଜିର ଏହି ଶୁଭ ମୁହୂର୍ତ୍ତେ
ଖୋଲୁ ପ୍ରଗତିର ଦ୍ୱାର ।

ଭାରତୀୟଙ୍କ ନବ ବରଷ
କାଳ ଗଣନା ପ୍ରାଚୀନ,
ନୂଆ ଘଟ ଆମ୍ବ ତୋରଣରେ
ସ୍ୱାଗତ ବର୍ଷ ନୂତନ ।

ଅନେକ ଶୁଭ କାର୍ଯ୍ୟ ଆରମ୍ଭ
ଚୈତ୍ର ଶୁକ୍ଳ ପ୍ରତିପଦ,
ଧରଣୀ ମାତା ହସୁଛି ଆଜି
ଛାଡିଣ ସବୁ ବିଷାଦ ।

ଗୁଡ଼ି ପଡ଼୍‌ୱା , ଉଗାଦି ପର୍ବ
ନବରାତ୍ର ତ ଆରମ୍ଭ,
ଭାରତୀୟ ଏ ସଂସ୍କୃତି ଆମ
ବିଶ୍ୱେ ଦେଖ ଅନୁପମ ।

ବସନ୍ତର ଏ ମୃଦୁ ମଳୟ
କହେ ଯେ ନୂତନ କଥା,
ବିଜୟ ଧ୍ୱଜ ଉଡୁ ଆକାଶେ
ନଇଁବ ନାହିଁରେ ମଥା ।

ନିମ୍ବ ପତ୍ରର ପିତା ସାଙ୍ଗକୁ
ଗୁଡ଼ର ମଧୁର ସ୍ୱାଦ,
ସୁଖ ଦୁଃଖରେ ସାଥିରେ ଥିବା
ମେଣ୍ଟାଇ ଦେଇ ବିବାଦ ।

ସୃଷ୍ଟି ଆରମ୍ଭ ପବିତ୍ର କ୍ଷଣ
ବ୍ରହ୍ମାଜୀଙ୍କ ଆଶୀର୍ବାଦ,
ସଜେଇ ହୋଇ ପ୍ରକୃତି ରାଣୀ
ସଭିଙ୍କୁ କରେ ଆହ୍ଲାଦ ।

ସମସ୍ତଙ୍କ ପାଇଁ ଶୁଭ ହେଉ
ଏହି ନୂଆ ସଂବତ୍ସର,
ଶାନ୍ତି, ମୈତ୍ରୀ, ପ୍ରୀତି ଭରିଯାଉ
ଏ ସମଗ୍ର ଚରାଚର ।

*କଟକ*

# ମହୁଲ ଫୁଲ

*ଅସୀମା ପ୍ରଧାନ*



ମହୁଲ ଫୁଲଟି ଆହା କି ମିଠା
ରସ ଯାଏ ପରା ନିଗିଡ଼ି
ଧୋବ ଫର ଫର ସଫେଦ ରଙ୍ଗ
ସୁନ୍ଦର ଚୂଳ ଯାଏ ତ ଜଡି ॥
ଗୋଟାଇବାକୁ ମହୁଲ ଫୁଲ
ଶିଶୁ ମନକୁ ପଡେ ଡାକରା
ବିଛେଇ ହୋଇ ପଡେ ଖେତ ସାରା
ଯେସନେ ମୁକୁତା କେରା କେରା ॥
ମହୁଲ ଚକୁଳି ସହ ପୋଡ ପିଠା
ଖାଇଲେ ଯାଏ ଅନ୍ତର ଭରି
କୋଳଥ ଶିମ୍ବ ଦେଇ ଶିଝାକଲେ
ଲାଗଇ ସ୍ୱାଦିଷ୍ଟ ଭାରି ॥
ସଯତ୍ନରେ ଆଣି ଶୁଖାଇ ଦେଲେ
ମନ ଭରି ପଇସା ମିଳେ
ଓଡ଼ିଶାର ଅର୍ଥନୈତିକ ସ୍ଥିତି
ମହୁଲ ସୁଧାରିବରେ ପିଲେ ॥
ଝଡଯାଇ ପତ୍ର ଦିଶଇ ଫୁଲ
ଡାଳରେ ହୋଇଣ ପେନ୍ଥା ପେନ୍ଥା
ଡେଇଁ ଡେଇଁକା ତୋଳି ମହୁଲ
ଗୋଡ଼ରେ ଆସିଯାଏ ତ ବ୍ୟଥା ॥
ଅଧା ରାତିରୁ ନ ଥାଏ ନିଦ
ଗୋଟାଇ ଯିବି ବୋଲି ମହୁଲ
କି ନିଶା ଲାଗେ ଜାଣେନା ପରା
ସତେ ଯେପରି ଅମୂଲ ମୂଲ ॥
ବାଡି ଖେଞ୍ଚି କରି ତୋଳି ଫୁଲ
ଟୋକେଇ ଆମର କରୁ ପୂରା
କାହାର ଫୁଲ ଅଧିକ ବୋଲି
ହୁଅଇ କେତେ ଟଣା ଓଟରା ॥
ଫୁଲ ନୁହେଁ ସେତ ଧନ ପରା
ବିକିଲେ ମିଳେ ମୁଠାଏ ଟଙ୍କା
ପରିଶ୍ରମ ଯିଏ ନ କରଇ
ମୁହଁଟି ତାହାର ହୁଏ ବଙ୍କା ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*



# ନୂଆ ସକାଳ

*କୀର୍ତ୍ତନ ସାହୁ*

ପୁଣି ଏକ ନୂଆ ସକାଳ ଆସିଛି
ନୂଆ ବାରତାକୁ ନେଇ
ହସ ଖୁସି ବାଣ୍ଟି ସୁଖରେ ରଖିବ
ନୂଆ ପରିବେଶ ଦେଇ ।

କଅଁଳ ସୂରୁଯ ମୁରୁକି ହସିବ
ନାଲି ମୁରୁଜକୁ ବୁଣି
କିଚିରି ମିଚିରି ପକ୍ଷୀର କୂଜନ
ମଧୁର ମୂର୍ଚ୍ଛନା ପୁଣି ।

ପରଜାପତି ତ ଛିଟ ଜାମା ନାଇ
ନାଚୁଥିବେ ଥେଇ ଥେଇ
ଉପବନେ ଫୁଲ ହସି ଉଠୁ ଥିବେ
କେତେ ରୂପ ରଙ୍ଗ ନେଇ ।

ସୁଲୁ ସୁଲୁ ବାଆ ଥିରି ଥିରି ବହି
ଦେହେ ହେଉଥିବ ନେସି
ମନକୁ ଆମର ଛୁଇଁ ଯାଉଥିବ
ମଜା ଲାଗୁଥିବ ବେଶି ।

ସକାଳ ପାଇଟି ସାରିବାକୁ ମାଆ
ତରତର ହେଉଥିବେ
ପିଲାମାନେ ନିଜ କାମ ସାରୁଥିବେ
ବେଗାବେଗି ସ୍କୁଲ ଯିବେ ।

କୁନି ଝିଅ ଆମ ଥମ ଥମ କଥା
କହି ମାରୁଥିବ ଡିଆଁ
ସକାଳ ସଭିଙ୍କୁ ଖୁସି ଆଣି ଦିଏ
ମନ ଦୁଃଖ ତେବେ କିଆଁ !

ସଭିଏଁ ନିଜର କାମେ ଲାଗି ଥିବେ
ମନରେ ସରାଗ ଆଣି
ଘଣ୍ଟ ମାର୍ଦ୍ଦଳର ଧ୍ୱନି ସାଥେ ସାଥେ
ଶୁଭୁଥିବ ମିଠା ବାଣୀ ।

ଶୁଭ ସକାଳର ଏହି ପରିବେଶ
ଖୁସି ଆଣି ଦିଏ ମନେ
କାମ କରିବାର ପ୍ରେରଣା ମିଳଇ
ପୁଲକିତ ପ୍ରତି ଜନେ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

# ଶାନ୍ତି ପ୍ରିୟ, ଆମେ ଶାନ୍ତି ଚାହୁଁ

*ମହେନ୍ଦ୍ର କୁମାର ଘଡ଼େଇ*



ନୂଆଗଡ଼ ବଣର ନୂଆ ରାଜା ଚିତା । ବିଦେଶରୁ ପାଠ ପଢ଼ି ଫେରିଛି ବୋଲି ବଡ଼ ଗର୍ବ । ସେଥିପାଇଁ ସମସ୍ତଙ୍କୁ ବେଖାତର କରେ । ପାଞ୍ଚ ଜଣଙ୍କ ମତ ନେଲେ ଭଲ ଶାସନ କରିହୁଏ । ଏକଥା ତାକୁ ଜଣାନାହିଁ । ନିଜ ହୁକୁମରେ ସମସ୍ତଙ୍କୁ ଚପେଇ ରଖେ । ପାଖ ବଣ ରାଇଜକୁ ନିଜ ହାତକୁ ଆଣି ବଡ଼ ରାଜାରେ ବାଃ ବାଃ ପାଇବାକୁ ଚିନ୍ତା କରେ । ଭଲ ଚିନ୍ତା ବାଟ କଢ଼େଇ ଆଗକୁ ନିଏ । ଅନ୍ୟର ଅନିଷ୍ଟ କଲାଭଳି ମନ୍ଦ ଚିନ୍ତା ଲୁଣ ହାଣ୍ଡି ଖାଇଲା ପରି ଜାଳି ଦିଏ । କ୍ରୋଧରେ ଜଳିବା କୋଉ ଭଲ କଥା କି ? ଗର୍ବ ଅହଂକାର ବୁଦ୍ଧି ନଷ୍ଟ କରି ସୁପଥ ଓ ସୁକାମ ଠାରୁ ଦୂରେଇ ରଖେ । ଭଲ ବୁଦ୍ଧି ଓ ସୁବିଚାର ତାଙ୍କ ମଥା ଛୁଏଁନି । ଦଣ୍ଡ ଭୟରେ ଏକଥା କେହି ରାଜାଙ୍କୁ କହି ପାରନ୍ତି ନାହିଁ ।

ନୂଆ ରାଜା ଚିତା ଭାବିଲା, ଏଇ ଗୋଟିଏ ରାଜ୍ୟର ଶାସନ ମତେ ସୁଖ ଦେଉନି । କଳ ବଳ ଓ କୌଶଳ ଲଗାଇଲେ ରାଜ୍ୟର ସୀମା ଚାହୁଁ ଚାହୁଁ ବଢିଯିବ । ବିଦେଶରୁ ଗୁଳି ଗୋଳା ତୋପ କମାଣ ସହ ପରମାଣୁ ବୋମା ବି ଆଣିଲା । ଛଳଣା ଓ ଶଠତାରେ ଯୋଉଠି ସେଠି ଆକ୍ରମଣ କଲା । ଛଳ ପାଖରେ ହାରମାନିଯାଏ ବଳ । ଚାହୁଁ ଚାହୁଁ ବିରାଟ ଧୂଆଁର ପାହାଡ଼ ତଳେ ସବୁ ପୋତି ହୋଇଗଲା । ମଲା ହଜିଲାର ହିସାବ ନାହିଁ । ଆୟୁଷ ଓ ଭାଗ୍ୟ ବଳରୁ ଯିଏ ବଞ୍ଚିଗଲେ ସିଏ ଖାଇବାକୁ ଖାଦ୍ୟ ପିଇବାକୁ ପାଣି ଓ ବଞ୍ଚିବାକୁ ପବନ ପାଇଲେନି । ରୋଗରେ ପଡ଼ି କଲବଲ ହେଲେ । ରାଜାଙ୍କ ଆଗରେ ଖୋଲିଲେ ତୁଣ୍ଡ, ଗଡ଼ିବ ମୁଣ୍ଡ । ଅନ୍ୟାୟକୁ ସହିଯିବା ପାପ ଜାଣି ମଧ କେହି ମୁହଁ ଖୋଲିଲେ ନାହିଁ ।

ସେହି ମୁଲକର କଜଳପତାଟିଏ ବଡ଼ ଭଦ୍ର ଓ ନମ୍ର ସ୍ୱଭାବର । କାହାରି ହାନି ଲାଭରେ ନଥାଏ । ନିଜ ବଳ ନେଇ ଦୁଃଖୀରଙ୍କିଙ୍କୁ ସାହାଯ୍ୟ କରେ । ମେଳିକରି ସଚେତନ କରିବା କାମ ଆଗ ଅଣ୍ଟା ଭିଡ଼ି ବାହାରି ପଡ଼େ । ଈଶ୍ୱରଙ୍କ ସୃଷ୍ଟିକୁ ବିଗାଡ଼ିବା ପାପ । ତା' ସୁରକ୍ଷାରେ ଯିଏ ମନ ପ୍ରାଣ ଦିଏ ଈଶ୍ୱର ତାର ମଙ୍ଗଳ କରନ୍ତି ବୋଲି ସିଏ ଚାହାଳିରେ ପଢ଼ିବା ବେଳୁ ଜାଣିଛି । ମନରେ ସାହସ ନେଇ ଯାଇ ରାଜାଙ୍କ ପାଖରେ ପହଞ୍ଚି କହିଲା; ହଜୁର ! ଅନୁମତି ହେଲେ ବିଚରା କିଛି କହିବ ।

ରାଜା କହିଲେ: କୁହ ! ତମର କ'ଣ କହିବାର ଅଛି ?

କଜଳପାତି କହିଲା: ଈଶ୍ୱର ସୃଷ୍ଟି କେବଳ ହସ ଖୁସି ଓ ଆନନ୍ଦ ଦେବା ପାଇଁ । ତାକୁ ନଷ୍ଟ କରିବା ଈଶ୍ୱରଙ୍କୁ ଆଘାତ ଦେବା ସହ ସମାନ । ଜୀବ ଜଗତ ହେଉ କି ପ୍ରକୃତି ସମସ୍ତେ ନିଜ ନିଜର କାମ ପାଇଁ ଧରଣୀକୁ ଆସିଥାନ୍ତି । ଜଣକ କାମ ଆଉ ଜଣଙ୍କ ଦ୍ୱାରା ହୋଇପାରେ ନାହିଁ । ନିଜ ସ୍ୱାର୍ଥ ଓ ଖୁସି ପାଇଁ ଆଉ କାହାକୁ କନ୍ଦାଇବା ଠିକ୍ ନୁହେଁ । ବିଜ୍ଞାନ ଯେତେ ଆଗକୁ ଯାଇଥିଲେ ବି ପ୍ରକୃତି ଓ ଜୀବ ଜଗତକୁ ଗଢ଼ିପାରିନାହିଁ । ତାକୁ ନଷ୍ଟ କରିବା ଆମର ଅଧିକାର ନୁହେଁ । ଛଳନାର ପଟି ଆଖିରୁ ଖୋଲି ଦେଲେ ସବୁ ଠିକ୍ ଦିଶିବ । ଭୁଲ୍ ବାଟରେ ନେଉଥିବା ଅହଂକାରକୁ ମନରୁ କାଢ଼ି ଫିଙ୍ଗି ଦିଅ । ସବୁ ଠିକ୍ ହୋଇଯିବ । ଲଢ଼ିବା ପାଇଁ ନୁହେଁ, ବଢ଼ିବା ଓ ଗଢ଼ିବା ପାଇଁ ଆମର ଜନ୍ମ । ଆମେ ଶାନ୍ତି ପ୍ରିୟ, ଆମେ ଶାନ୍ତି ଚାହୁଁ । ଦୁନିଆର ମଙ୍ଗଳ ପାଇଁ ଆଗକୁ ଏ କଥା ଆଉ ନଯାଉ ।

ଚିତା ନିଜର ଭୁଲ ବୁଝିପାରି କହିଲା: ଏଇଠି ପଡ଼ିଲା, ମୋ ଲଢ଼ିବାରେ ଥୁକୁଲ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ରାଜସ୍ଥାନ ରୟାଲ୍ସ ପରେ ୧୬,୬୬୦ କୋଟିରେ ବିକ୍ରି ହୋଇଗଲା ଆରସିବି

**ନୂଆଦିଲ୍ଲୀ**

ଆଇପିଏଲ୍ ୧୯ତମ ସିଜନ ଆରମ୍ଭ ହେବାକୁ ମାତ୍ର ୪ ଦିନ ବାକି ଥିବା ବେଳେ କ୍ରିକେଟ ଜଗତରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଗତଥରର ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଫ୍ରାଞ୍ଚାଇଜ୍ ଏବେ ବିକ୍ରି ହୋଇଯାଇଛି। ଆଦିତ୍ୟ ବିର୍ଲା ଗ୍ରୁପ, ଦି ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ, ବୋଲ୍ଟ ଭେଞ୍ଚର୍ସ ଏବଂ ବ୍ଲାକଷ୍ଟୋନ ମିଳିତ ଭାବେ ଏହି ଦଳକୁ କିଣିଛନ୍ତି। ଏହି ଚୁକ୍ତି ପରେ ଆରସିବି ଆଇପିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଦଳ ପାଲଟିଛି।

ରିପୋର୍ଟ ଅନୁଯାୟୀ, ଆରସିବିକୁ ୧.୭୮ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧୬,୬୬୦ କୋଟି ଟଙ୍କାରେ କିଣାଯାଇଛି। ୟୁନାଇଟେଡ ସ୍ପିରିଟ୍ସ ଲିମିଟେଡ ଠାରୁ ଏହି ୧୦୦ ପ୍ରତିଶତ ଅଂଶଧନ କିଣାଯାଇଛି। ତେବେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ନିର୍ଦ୍ଦେଶକ ଆର୍ଯ୍ୟମନ ବିକ୍ରମ ବିର୍ଲା ଆରସିବିର ଅଧକ୍ଷ ଭାବେ କାର୍ଯ୍ୟ କରିବେ। ୨୦୦୮ରେ ଯେତେବେଳେ ଆଇପିଏଲ ଆରମ୍ଭ ହୋଇଥିଲା, ୟୁନାଇଟେଡ ସ୍ପିରିଟ୍ସ ଏହାକୁ ମାତ୍ର ୧୧୧.୬ ମିଲିୟନ ଡଲାରରେ କିଣିଥିଲା। ଏବେ ଏହାର ମୂଲ୍ୟ ପ୍ରାୟ ୧୬ ଗୁଣ ବୃଦ୍ଧି ପାଇଛି। ଯଦିଓ ଏହି ଡିଲ ଚୂଡ଼ାନ୍ତ ହୋଇସାରିଛି, ତଥାପି ବିସିସିଆଇ (ବିସିସିଆଇ), ଆଇପିଏଲ ପରିଚାଳନା କମିଟି ଏବଂ ଭାରତୀୟ ପ୍ରତିଯୋଗିତା ଆୟୋଗ (ସିସିଆଇ)ରୁ ଆନୁଷ୍ଠାନିକ ମଞ୍ଜୁରୀ ମିଳିବା ବାକି ଅଛି। ଏହି ଚୁକ୍ତିରେ ଆରସିବିର ପୁରୁଷ ଏବଂ ମହିଳା ଉଭୟ ଦଳ ସାମିଲ ଅଛନ୍ତି। ଏନେଇ କୁମାର ମଙ୍ଗଳମ ବିର୍ଲା ବୟାନରେ କହିଛନ୍ତି ଯେ, "ଆଇପିଏଲ ଏବେ ଏକ ଗ୍ଲୋବାଲ ପାୱାରହାଉସ। ଆମେ ଆରସିବିର ଐତିହ୍ୟକୁ ଆହୁରି ଆଗକୁ ନେବା ପାଇଁ ପ୍ରତିବଦ୍ଧ।"

ସୂଚନାଯୋଗ୍ୟ, ଆରସିବି ପୂର୍ବରୁ ରାଜସ୍ଥାନ ରୟାଲ୍ସ (ଆରଆର) ମଧ୍ୟ ବିକ୍ରି ହୋଇସାରିଛି। ଆମେରିକୀୟ ବ୍ୟବସାୟୀ କଲ ସୋମାନୀ ପ୍ରାୟ ୧୫,୨୮୬ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସକୁ କିଣିଛନ୍ତି।



# ଆଇସିସି ଟି-୨୦ ର୍ୟାଙ୍କିଂ : ଟପ୍-୧୦ରେ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ**




ଆଇସିସି ପକ୍ଷରୁ ପ୍ରକାଶ ପାଇଲା ଟି-୨୦ ର୍ୟାଙ୍କିଂ। ସଦ୍ୟତମ ପ୍ରକାଶ ପାଇଥିବା ଏହି ର୍ୟାଙ୍କିଂରେ ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣଆଫ୍ରିକା ଖେଳାଳିମାନେ କମାଲ କରିଛନ୍ତି। ଟି-୨୦ ବିଶ୍ୱକପ ପରଠାରୁ ଭାରତୀୟ ଦଳ କୌଣସି ମ୍ୟାଚ୍ ଖେଳିନାହିଁ। ତଥାପି ଟପ୍-୧୦ ଭିତରେ ୪ ଜଣ ଭାରତୀୟ ଖେଳାଳି ରହିଛନ୍ତି। ସୂର୍ଯ୍ୟକୁମାର ଯାଦବ ଏକ ଲମ୍ବା ଲମ୍ଫ ମାରିଥିବାବେଳେ ସେ ଟପ୍-୧୦ ମଧ୍ୟରେ ପ୍ରବେଶ କରିଛନ୍ତି। ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି। ଏବେ ଭାରୀୟ ଖଳାଳିମାନେ ସିଧାସଳଖ ଭାବେ ଆଇପିଏଲ ଖେଳିବେ।

ସେପଟେ ଏହି ର୍ୟାଙ୍କିଂରେ ଏକ ନମ୍ବର ସ୍ଥାନରେ ରହିଛନ୍ତି ଭାରତୀୟ ଓପନର ଅଭିଶେକ ଶର୍ମା। ଦ୍ୱିତୀୟ ସ୍ଥାନରେ ଇଶାନ କିଷନ ନିଜର ସ୍ଥାନ ବଜାୟ ରଖିଥିବାବେଳେ ତିଲକ ବର୍ମା ଷଷ୍ଠ ସ୍ଥାନରେ ଏବଂ ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଓପନର ବ୍ୟାଟ୍ସମ୍ୟାନ ରଚିନ୍ ଦୁଇଟି ସ୍ଥାନ ଉପରକୁ ଉଠିଥିବାବେଳେ ୩୪ ନମ୍ବର ସ୍ଥାନରେ ରହିଛନ୍ତି। ଲକି ଫର୍ଗୁସନ ବୋଲିଂରେ ୧୨ ଜଣଙ୍କୁ ପଛରେ ପକାଇ ୩୯ ନମ୍ବର ସ୍ଥାନରେ ରହିଛନ୍ତି। ଶେଷଥର ପାଇଁ ଖେଳିଥିବା ଟି-୨୦ ମ୍ୟାଚ୍‌ରେ ୯ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିବାବେଳେ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

ସେପଟେ ନମ୍ବର ୱାନ ବୋଲର ରହିଛନ୍ତି ଆଫଗାନିସ୍ତାନର ଷ୍ଟାର ବୋଲର ରସିଦ ଖାନ। ଅଲରାଉଣ୍ଡର ତାଲିକାରେ ଶୀର୍ଷରେ ରହିଛନ୍ତି ଜିମ୍ବାୱେର ଅଧିନାୟକ ସିକନ୍ଦର ରଜ୍ଜା। ଅଲରାଉଣ୍ଡର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା। ତୃତୀୟ ସ୍ଥାନରେ ରହିଛନ୍ତି ପାକିସ୍ତାନୀ ଖେଳାଳି ସାମ୍ ଆୟୁବ୍। ବୋଲରଙ୍କ ତାଲିକାରେ କିୱି ବୋଲର ବେନ୍ ସିୟର୍ସ ୨୦ଟି ସ୍ଥାନ ଉପରକୁ ଉଠିଛନ୍ତି। ଏବେ ସେ ୫୯ ନମ୍ବର ସ୍ଥାନରେ ରହିଥିବାବେଳେ କେଶବ ମହାରାଜ ୫ଟି ସ୍ଥାନ ଉପରକୁ ଉଠି ୪୭ ନମ୍ବର ସ୍ଥାନରେ ରହିଛନ୍ତି।

# ଗୌତମ ଗମ୍ଭୀରଙ୍କ ସପକ୍ଷରେ ରାୟ ଦେଲେ ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ**

ଦିଲ୍ଲୀ ହାଇକୋର୍ଟ ଡିପ୍ ଫେକ ମାମଲାରେ ଗୌତମ ଗମ୍ଭୀରଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। କୋର୍ଟ ଗମ୍ଭୀରଙ୍କୁ ତାଙ୍କ ବ୍ୟକ୍ତିତ୍ୱ ଅଧିକାରର ସୁରକ୍ଷା ପ୍ରଦାନ କରିଛନ୍ତି। ହାଇକୋର୍ଟ ମେଟା, ଗୁଗୁଲ୍ ଏବଂ ଆମାଜନକୁ ଆପତ୍ତିଜନକ ପୋଷ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗୌତମ ଗମ୍ଭୀର ତାଙ୍କ ଆବେଦନରେ ଅଭିଯୋଗ କରିଥିଲେ ଯେ, ତାଙ୍କ ନାଁ ଏବଂ ଛବିର ଅପବ୍ୟବହାର କରାଯାଉଛି ଓ ଭୁଲ ସୂଚନା ପ୍ରସାରଣ ପାଇଁ ବ୍ୟବହୃତ ବିଷୟ ବସ୍ତୁ ହଟାଇବାକୁ ଅନୁରୋଧ କରିଥିଲେ।

ଗୌତମ ଗମ୍ଭୀର ପୂର୍ବରୁ ତାଙ୍କର ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଫଳରେ ସେ ଅଧିକ ସଠିକ୍ ସୂଚନା ସହିତ ଏକ ନୂତନ ଆବେଦନ କରିପାରିବେ। ଗମ୍ଭୀରଙ୍କ କହିବା ଥିଲା କି, ତାଙ୍କ ଅନୁମତି ବିନା ତାଙ୍କର ସ୍ୱର ଏବଂ ଫଟୋଗ୍ରାଫଗୁଡ଼ିକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ଅପବ୍ୟବହାର କରାଯାଉଛି। ଏଥିଲାଗି ଡିପ୍ ଫେକ୍ ଏବଂ ଏଆଇ ହେରଫେର ଭଳି ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର କରାଯାଉଛି। ବିଚାରପତି ଜ୍ୟୋତି ସିଂହ ଉଭୟ ପକ୍ଷର ଯୁକ୍ତି ଶୁଣିଲେ ଏବଂ ବିବାଦିତ ଲିଙ୍କ୍ (ୟୁଆରଏଲ) ଯାଞ୍ଚ କରିବା ପରେ ଜାଣିପାରିଲେ ଯେ, ଗୌତମ ଗମ୍ଭୀରଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ଉଲ୍ଲଂଘନ କରୁଥିବା ଅନେକ ପୋଷ୍ଟ ଅନଲାଇନ୍ ପ୍ଲାଟଫର୍ମରେ ରହିଛି। ଗମ୍ଭୀରଙ୍କ




ଇସ୍ତଫାର ଏକ ଇଓ-ଜେନେରେଟେଡ୍ ଭିଡିଓ ଅପଲୋଡ୍ କରାଯାଇଥିଲା, ଯାହା ଉପରେ କିଛି ସମୟରେ ୨୯ ଲକ୍ଷ ଭ୍ୟୁ ମିଳିଥିଲା। ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଓକିଲ ଅନନ୍ତ ଦେହାଦ୍ରାଇ କହିଛନ୍ତି ଯେ, ଅନେକ ଆପତ୍ତିଜନକ ଲିଙ୍କ୍ ହଟାଇ ଦିଆଯାଇଛି। କିନ୍ତୁ ସେଗୁଡ଼ିକୁ ବାରମ୍ବାର ସେୟାର କରାଯାଉଛି।

# ମାଲିମୁଣ୍ଡା କ୍ରିକେଟ ଷ୍ଟାଡିୟମ ଓ ନିର୍ମାଣାଧୀନ ସ୍ୱିମିଂ ପୁଲ୍ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାରେ କ୍ରୀଡ଼ା ଭିତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମାଲିମୁଣ୍ଡା କ୍ରିକେଟ ଷ୍ଟାଡିୟମ ପରିସର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନୁଧାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଷ୍ଟାଡିୟମ ପରିସରରେ ନିର୍ମାଣକ୍ଷଧୀନ ଅତ୍ୟାଧୁନିକ ସ୍ୱିମିଂ ପୁଲର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ସମୟରେ ଜିଲ୍ଲାପାଳ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ସ୍ୱିମିଂ ପୁଲ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ବାହୀ ଯନ୍ତ୍ରୀଙ୍କୁ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ କ୍ରୀଡ଼ାବିତ୍ ଏବଂ ଜନସାଧାରଣ ଖୁବଶୀଘ୍ର ଏହି ସୁବିଧାର ଲାଭ ଉଠାଇପାରିବେ।

ଉଲ୍ଲେଖଯୋଗ୍ୟ ଯେ, ମଲିମୁଣ୍ଡା କ୍ରିକେଟ ଷ୍ଟାଡିୟମକୁ ଏକ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ପ୍ରାଙ୍ଗଣ ଭାବେ ଗଢ଼ିତୋଳିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏହି ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଜରିଆରେ ବିଶିଷ୍ଟ କ୍ରୀଡ଼ା ଭିତିଭୂମି ବିକାଶ ସଂସ୍ଥା 'ଏଲ୍.ଆର. ବ୍ରଦର୍ସ'କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ସଂସ୍ଥା ମୁମ୍ବାଇର ପ୍ରସିଦ୍ଧ ୱାଙ୍ଖେଡ଼େ ଷ୍ଟାଡିୟମର ପରିଚାଳନା ଦାୟିତ୍ୱରେ ମଧ୍ୟ ରହିଛି।

# ଦଳାଚକଟାରେ ମୃତକଙ୍କ ଶ୍ରଦ୍ଧାଞ୍ଜଳି ପାଇଁ ୧୧ ନମ୍ବର ଜର୍ସି ସହ କଳା ବ୍ୟାଜ୍ ପିନ୍ଧିବ ଆରସିବି

**ନୂଆଦିଲ୍ଲୀ**

ରଜତ ପାଟିଦାରଙ୍କ ଅଧିନାୟକତ୍ୱରେ ଆରସିବି ୨୦୨୫ରେ ପ୍ରଥମ ଟାଇଟଲ୍ ଜିତିଥିଲା। ୧୭ ବର୍ଷର ମରୁଡ଼ିର ଅନ୍ତ ଘଟାଇ ଥିଲା। ଏହି ବଡ଼ ବିଜୟ ପରେ ଉତ୍ସବ ନୀରବତାରେ ଭାଙ୍ଗି ପଡ଼ିଥିଲା। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦଳାଚକଟାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଆରସିବି ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଦଳାଚକଟାରେ ପୀଡିତମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମ୍ୟାଚ୍ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ, ଦଳର ସିଇଓ ରାଜେଶ ମେନନ ଘୋଷଣା କରିଛନ୍ତି ଯେ, ଦଳ ୱାର୍ମ-ଅପ୍ ମ୍ୟାଚ୍ ସମୟରେ ୧୧ ନମ୍ବର ଜର୍ସି ପିନ୍ଧିବ ଏବଂ ଗତ ସିଜନର ବିଜୟ ପରେଡରେ ଦଳାଚକଟାରେ ଆହତ ହୋଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମ୍ୟାଚ୍ ସମୟରେ କଳା ବ୍ୟାଜ୍ ପିନ୍ଧିବ।



ଚିନ୍ନାସ୍ୱାମୀ ଷ୍ଟାଡିୟମରେ ନିର୍ମାଣ ହେବ ସ୍ମାରକୀ- ଚଳିତ ବର୍ଷ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରସିବି ତା'ର ଆଇପିଏଲ ଅଭିଯାନ ଆରମ୍ଭ କରିବ। ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୮ରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ, ଆରସିବି ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ ପୀଡିତମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯୋଜନା କରିଛନ୍ତି। ଷ୍ଟାଡିୟମ ପ୍ରବେଶ ପଥରେ ଏକ ସ୍ମାରକୀ ନିର୍ମାଣ କରାଯାଇଛି, ଯାହାକୁ ମ୍ୟାଚ୍ ପୂର୍ବରୁ ଉନ୍ମୋଚନ କରାଯିବ। ଏହା ସହିତ, ଷ୍ଟାଡିୟମରେ ୧୧ଟି ଆସନ ସ୍ଥାୟୀ ଭାବରେ ପୀଡିତଙ୍କ ପାଇଁ ସଂରକ୍ଷିତ ରହିବ। ଏହି ଆସନଗୁଡ଼ିକର ଟିକେଟ୍ କୌଣସି ମ୍ୟାଚ୍ ପାଇଁ ବିକ୍ରି ହେବ ନାହିଁ। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ମାର୍ଚ୍ଚ ୨୮ରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ମ୍ୟାଚ୍ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଦଳାଚକଟାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବ। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୧ ଜଣଙ୍କ ନାମ ଷ୍ଟାଡିୟମ ସ୍କ୍ରିନରେ ପ୍ରଦର୍ଶିତ ହେବ ଏବଂ ଗୋଟିଏ ମିନିଟ୍ ନୀରବ ପ୍ରାର୍ଥନା କରାଯିବ। ଏଥିରେ ସନରାଇଜର୍ସ ହାଇଦ୍ରାବାଦ ଦଳ ମଧ୍ୟ ଆରସିବି ସହିତ ଯୋଗ ଦେବ। କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘର ଯୋଜନାକୁ ନିଶ୍ଚିତ କରି ସଭାପତି ଭେଙ୍କଟେଶ ପ୍ରସାଦ କହିଛନ୍ତି, 'ଏହି ଦୁଃଖଦ ଘଟଣା ବିଷୟରେ ଭାବିବା ବହୁତ ଦୁଃଖଦ। ଆମେ କିଛି ସମୟ ଧରି ଏକ ସ୍ମାରକୀ ବିଷୟରେ ଚିନ୍ତା କରୁଥିଲୁ ଏବଂ ଆମେ ନିଷ୍ପତ୍ତି ନେଇଛୁ ଯେ ଏହା କରିବା ଗୁରୁତ୍ୱପୂର୍ଣ୍ଣ।'

# ଷ୍ଟାର ବୋଲର ମିଚେଲ ଷ୍ଟାର୍କଙ୍କ ଅପେକ୍ଷାରେ ଦିଲ୍ଲୀ କ୍ୟାପିଟାଲ୍ସ




**ନୂଆଦିଲ୍ଲୀ**

ଦିଲ୍ଲୀ କ୍ୟାପିଟାଲ୍ସ ଆଗାମୀ ଆଇପିଏଲ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଥିଲେ ହେଁ ଷ୍ଟାର ପେସ୍ ବୋଲର ମିଚେଲ ଷ୍ଟାର୍କଙ୍କ ଅନୁପସ୍ଥିତି ଦଳର ରଣନୀତି ପ୍ରସ୍ତୁତିରେ ବ୍ୟାଘାତ ସାଜିଛି। ସେ ସମ୍ପୂର୍ଣ୍ଣ ଫିଟ୍ ଥିଲେ ହେଁ ଏପର୍ଯ୍ୟନ୍ତ ଭାରତରେ ପହଞ୍ଚି ନାହାନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ ତାଙ୍କୁ ଅତିରିକ୍ତ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଥିବା ପୂର୍ବରୁ ଘୋଷଣା କରିଥିଲେ ହେଁ ଷ୍ଟାର୍କଙ୍କୁ ଏପର୍ଯ୍ୟନ୍ତ ଏନ୍‌ଓସି ପ୍ରଦାନ କରିନାହିଁ। ତାଙ୍କ ଯୋଗଦାନକୁ ନେଇ ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ କୌଣସି ସ୍ପଷ୍ଟ ସୂଚନା ନାହିଁ। କ୍ୟାପିଟାଲ୍ସ ମୁଖ୍ୟ କୋଚ୍ ହେମାଙ୍ଗ ବଦାନି କହିଛନ୍ତି, ଆମେ କ୍ରିକେଟ୍ ଅଷ୍ଟ୍ରେଲିଆ ଠାରୁ ଷ୍ଟାର୍କଙ୍କ ଏନ୍‌ଓସି ପାଇବାକୁ ଅପେକ୍ଷା କରିଛୁ। ଗତ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସ ଷ୍ଟାର୍କଙ୍କୁ ୧୧.୭୫ କୋଟି ଟଙ୍କାରେ କିଣିଥିଲା। ସେ ଉକ୍ତ ସିଜନରେ ଦଳ ପକ୍ଷରୁ ୧୧ଟି ମ୍ୟାଚ୍ ଖେଳି ୧୪ଟି ୱିକେଟ୍ ନେଇଥିଲେ। ସୂଚନାଯୋଗ୍ୟ, ଆସନ୍ତା ୧ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ନୂଆ ସିଜନ ଅଭିଯାନ ଆରମ୍ଭ କରିବ। ପ୍ରଥମ ମ୍ୟାଚରେ ଦଳ ଲକ୍ଷ୍ନୌ ସୁପରଜାଏଣ୍ଟ୍ସକୁ ଭେଟିବ।

# ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଖୋ-ଖୋ କ୍ରୀଡ଼ା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଛି 'ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬'। ଏହି କ୍ରମରେ କେନ୍ଦୁଝର ଜିଲ୍ଲାର ୫ଟି ପ୍ରମୁଖ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଠନରେ 'ଖୋ-ଖୋ' କ୍ରୀଡ଼ା ଚୟନ ପ୍ରକ୍ରିୟା ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ଖୋ-ଖୋ ଖେଳ ପ୍ରତି ଥିବା ଆଗ୍ରହ ଦେଖିବାକୁ ମିଳିଥିଲା। ଅଭିଭାବକମାନେ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ କ୍ରୀଡ଼ା ପ୍ରଶିକ୍ଷକ ଓ ଅଧିକାରୀମାନେ ପିଲାମାନଙ୍କର ଶାରୀରିକ ସାମର୍ଥ୍ୟ ଏବଂ ଖେଳ କୌଶଳର ପରୀକ୍ଷା କରିଥିଲେ।

ଡି.ଡି. ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶଙ୍କରପୁର, ନେହେରୁ ଷ୍ଟାଡିୟମ ଚମ୍ପୁଆ ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଚୟନ ପ୍ରକ୍ରିୟା ମାଧ୍ୟମରେ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟ ପାଇଁ ଦକ୍ଷ ଖୋ-ଖୋ ଖେଳାଳି ସୃଷ୍ଟି ହୋଇପାରିବେ ବୋଲି କ୍ରୀଡ଼ା ବିଭାଗ ଆଶା ପ୍ରକାଶ କରିଛି।

# ଆଇପିଏଲ୍‌ରୁ ଓହରିଲେ ଇଂଲଣ୍ଡର ଓପନିଂ ବ୍ୟାଟର ବେନ ଡକେଟ

**ନୂଆଦିଲ୍ଲୀ**

ଇଂଲଣ୍ଡର ଓପନିଂ ବ୍ୟାଟର ବେନ ଡକେଟ୍ ଆଗାମୀ ଆଇପିଏଲରୁ ଓହରି ଯାଇଛନ୍ତି। ଗତ ମିନି ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୨କୋଟି ଟଙ୍କା ମୂଲ୍ୟରେ କିଣିଥିଲା। ମାତ୍ର ନିଜ ଦେଶ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ୍ ପ୍ରତି ଅଧିକ ଯତ୍ନବାନ ହେବାକୁ ଲକ୍ଷ୍ୟ ରଖି ସେ ଆଇପିଏଲରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳ ସ୍ୱରୂପ ସେ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ଆଇପିଏଲ୍ ଖେଳି ପାରିବେ ନାହିଁ।

ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ବିଦେଶୀ ଖେଳାଳିଙ୍କ ପାଇଁ ଲାଗୁ କରାଯାଇଥିବା ନିୟମ ଅନୁଯାୟୀ କୌଣସି ଖେଳାଳି ଆଇପିଏଲ୍ ନିଲାମ ପ୍ରକ୍ରିୟାରେ ସାମିଲ ହୋଇ କୌଣସି ଦଳ ସହ ଚୁକ୍ତି ବଦ୍ଧ ହେବା ପରେ ଓହରି ପାରିବ ନାହିଁ। ଏଭଳି ସ୍ଥଳେ କୌଣସି ଖେଳାଳି ଓହରିଲେ ତାଙ୍କୁ ୨ବର୍ଷ ପାଇଁ ନିଲମ୍ବିତ କରାଯିବ। ଡକେଟ୍ ସମ୍ପୂର୍ଣ୍ଣ ଫିଟ୍ ଥାଇ ଅନ୍ତିମ ମୁହୂର୍ତ୍ତରେ ଓହରି ଯାଇଥିବାରୁ ଦଣ୍ଡିତ



ହେବା ନିଶ୍ଚିତ। ସେ ୨୦୨୮ ସିଜନ ପର୍ଯ୍ୟନ୍ତ ନିଲାମ ପାଇଁ ନାମ ଦାଖଲ କରିପାରିବେ ନାହିଁ।

ସୂଚନାଯୋଗ୍ୟ, କୌଣସି ଖେଳାଳି ଆହତ ହୋଇ ଅନଫିଟ୍ ସାବ୍ୟସ୍ତ ହେଲେ ନିଜ ଦେଶର କ୍ରିକେଟ୍ ବୋର୍ଡ ପକ୍ଷରୁ ମେଡିକାଲ୍ ପ୍ରମାଣ ପତ୍ର ପ୍ରଦାନ କରାଯିବ। ଯାହା ଫଳରେ ଖେଳାଳି ଜଣକ ଦଣ୍ଡିତ ହେବେ ନାହିଁ। ପରବର୍ଷ ସେ ଫିଟ୍ ହୋଇ ଖେଳି ପାରିବେ।

# ଏମଏସ୍ ଧୋନୀଙ୍କ '୭ ଷ୍ଟାର ସିଜିନ୍' : ୭ ବଡ଼ ରେକର୍ଡ କରିବାକୁ ମୈଦାନକୁ ଓହ୍ଲାଇବେ ମାହି

**ନୂଆଦିଲ୍ଲୀ**

'ଆଉ ଗୋଟିଏ ସିଜିନ୍...' ଏହି ତିନୋଟି ଶବ୍ଦ ଭାରତର ଲକ୍ଷ ଲକ୍ଷ କ୍ରିକେଟ୍ ପ୍ରଶଂସକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଯଥେଷ୍ଟ। ଏହି ୩ଟି ଶବ୍ଦ ଯେତେ ସାଧାରଣ ଲାଗୁଛି, ଆଇପିଏଲ ପ୍ରଶଂସକଙ୍କ ପାଇଁ ଏହା ଆହୁରି ସ୍ୱତନ୍ତ୍ର। କାରଣ ଏହାର ଅର୍ଥ ହେଉଛି ଆଇପିଏଲର ସବୁଠାରୁ ବଡ଼ ଷ୍ଟାର, ସବୁଠାରୁ ସଫଳ ଅଧିନାୟକ ଏବଂ ସମସ୍ତଙ୍କ ପ୍ରିୟ ଏମଏସ ଧୋନୀ ମୈଦାନକୁ ଓହ୍ଲାଇବେ। ଏହି 'ଆଉ ଗୋଟିଏ ସିଜିନ'ରେ ଯାହା ହେବାକୁ ଯାଉଛି, ଯେଉଁଠାରେ ଚେନ୍ନାଇ ସୁପର କିଙ୍ଗସର ପୂର୍ବତନ ଅଧିନାୟକ ପୁଣି ଥରେ ହଳଦିଆ ଜର୍ସିରେ ପଡିଆକୁ ଓହ୍ଲାଇବେ। ହୁଏତ ଏହା ତାଙ୍କର ଶେଷ ସିଜିନ୍ ହୋଇପାରେ। କିନ୍ତୁ ଏଥିରେ ମହେନ୍ଦ୍ର ସିଂହ ଧୋନୀ ୭ ବଡ଼ ରେକର୍ଡ ଭାଙ୍ଗିପାରନ୍ତି।

ଗତ ଦୁଇ କିମ୍ବା ତିନୋଟି ସିଜନ ଧରି ଏମଏସ ଧୋନୀଙ୍କ ଅବସର ନେଇ ନିରନ୍ତର ଅନୁମାନ କରାଯାଉଛି, କିନ୍ତୁ ସେ ତାଙ୍କ ପ୍ରଶଂସକ ଏବଂ ତାଙ୍କ ଦଳର ପାଇଁ ପଡ଼ିଆକୁ ଫେରିଛନ୍ତି। ସେ ପୁଣି ଥରେ ସିଏସକେ ହଳଦିଆ ଜର୍ସି ପିନ୍ଧି ଖେଳିବେ। ବ୍ୟାଟ୍ କିମ୍ବା ୱିକେଟକିପିଂ ଗ୍ଲୋଭସ୍ ସହିତ, ଏବଂ ପ୍ରଶଂସକମାନେ ଧୋନୀଙ୍କ ପ୍ରତିଟି ଝଲକ ଦେଖିବାକୁ ଚାତକ ପରି ଚାହିଁଛନ୍ତି। କିନ୍ତୁ ଏଥର, କ୍ରିକେଟର ସବୁଠାରୁ ପ୍ରସିଦ୍ଧ 'ନମ୍ବର ୭' ମଧ୍ୟ ୭ଟି ଆଶ୍ଚର୍ଯ୍ୟଜନକ ରେକର୍ଡ ସ୍ଥାପନ କରିବାର ସୁଯୋଗ ପାଇବେ।

ଧୋନୀ ଭାଙ୍ଗିବେ ୭ ରେକର୍ଡ :

୧. ଧୋନୀ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୨୫୦ ମ୍ୟାଚ୍ ଖେଳିଥିବା ପ୍ରଥମ ଖେଳାଳି ହୋଇପାରନ୍ତି। ଧୋନି ଏପର୍ଯ୍ୟନ୍ତ ସିଏସକେ ପାଇଁ ୨୪୮ ମ୍ୟାଚ୍




ଖେଳିଛନ୍ତି। ସେ ଆଇପିଏଲରେ ମୋଟ ୨୭୮ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରୁ ୩୦ଟି ପୁଣେ ସୁପରଜିଆଣ୍ଟସ ପାଇଁ ଥିଲା।

୨. ଧୋନୀ ସିଏସ୍କେ ପାଇଁ ୫ ହଜାର ରନ ପୂରଣ କରିବାରେ ପ୍ରଥମ ବ୍ୟାଟର ହୋଇପାରିବେ। ସେ ଚେନ୍ନାଇ ପାଇଁ ୨୪୮ ମ୍ୟାଚରେ ୪,୮୬୫ ରନ କରିଛନ୍ତି।

୩. ଛକା ଏବଂ ଚୌକା ମାରିଲେ ହିଁ ରନ ହେବ ଏବଂ ଏଠାରେ ମଧ ଧୋନୀ ସିଏସକେ ପାଇଁ କିଛି ସେହିପରି କରିପାରନ୍ତି। ସେ ଚେନ୍ନାଇ ପାଇଁ ୨୫୦ ଛକା ମାରିବାର ରେକର୍ଡ ହାସଲ କରିବାରୁ ମାତ୍ର ୧୬ ଛକା ଦୂରରେ ଅଛନ୍ତି। ଚେନ୍ନାଇ ପାଇଁ ସେ କେବଳ ୨୩୪ ଛକା ମାରିଛନ୍ତି।

୪. ଆଇପିଏଲରେ ୱିକେଟ କିପର ଭାବରେ ସର୍ବାଧିକ କ୍ୟାଚ୍ ନେବାର ରେକର୍ଡ ଧୋନୀଙ୍କ ନାମରେ ଅଛି, ୧୫୮ଟି। ଗୋଟିଏ ଫ୍ରାଞ୍ଚାଇଜ୍ ପାଇଁ ୧୫୦ଟି କ୍ୟାଚ୍ ନେବାର ରେକର୍ଡ ହାସଲ କରିବାରୁ ସେ ମାତ୍ର ୧୦ଟି କ୍ୟାଚ୍ ଦୂରରେ। ତାଙ୍କର ୧୮ଟି କ୍ୟାଚ୍ ପୁନେ ପାଇଁ ଥିଲା।

୫.ଖାଲି ସେତିକି ନୁହେଁ, ଗୋଟିଏ ଫ୍ରାଞ୍ଚାଇଜ୍ ପାଇଁ ଖେଳାଳି ଭାବରେ ୧୫୦ଟି ମ୍ୟାଚ୍ ଜିତିବା ପାଇଁ ସେ ମାତ୍ର ୮ ପାଦ ଦୂରରେ ଅଛନ୍ତି। ଧୋନୀ ଏପର୍ଯ୍ୟନ୍ତ ସର୍ବାଧିକ ୧୫୬ଟି ମ୍ୟାଚ୍ ଜିତିଛନ୍ତି, ଯେଉଁଥିରୁ ୧୪ଟି ପୁନେ ପାଇଁ ଥିଲା।

୬.ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୧୦୦୦ ରନ୍ ପୂରଣ କରିବାରେ ପ୍ରଥମ ବ୍ୟାଟର ହେବାଠାରୁ ୯୪ ରନ୍ ଦୂରରେ ଅଛନ୍ତି ଏମଏସଡି। ସେ ୩୫ ଇନିଂସରେ ୯୦୬ ରନ୍ ସହିତ ଆରସିବି ବିପକ୍ଷରେ ସର୍ବାଧିକ ରନ୍ କରିଛନ୍ତି।

୭.ଯଦି ଧୋନୀ ଏହି ସିଜିନରେ ଗୋଟିଏ ବି ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଜିତନ୍ତି, ତେବେ ସେ ଏହି ସଫଳତା ହାସଲ କରିବାରେ ସବୁଠାରୁ ବୟସ୍କ ଖେଳାଳି ଭାବେ ନିଜ ରେକର୍ଡ ଭାଙ୍ଗିବେ। ବର୍ତ୍ତମାନ ଧୋନୀଙ୍କୁ ୪୪ ବର୍ଷ ୨୫୮ ଦିନ ବୟସ। ସେ ଗତ ସିଜିନରେ ୪୩ ବର୍ଷ ୨୮୧ ଦିନ ବୟସରେ ଏହି ରେକର୍ଡ କରିଥିଲେ।

# ଆଇପିଏଲ ପୂର୍ବରୁ ବିସିସିଆଇ ଉତ୍କର୍ଷ କେନ୍ଦ୍ରରେ ପହଞ୍ଚିଲେ ଯଶପ୍ରୀତ ବୁମରା




**ନୂଆଦିଲ୍ଲୀ**

ଆଇପିଏଲ-୧୯ ପୂର୍ବରୁ ୫ଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମରା ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀର ଉତ୍କର୍ଷ କେନ୍ଦ୍ରରେ ପହଞ୍ଚିବା ଖବର କ୍ରିକେଟ୍ ପ୍ରେମୀଙ୍କୁ ଚିନ୍ତାରେ ପକାଇ ଦେଇଛି। ସେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେବା ପୂର୍ବରୁ ବିସିସିଆଇ ଉତ୍କର୍ଷ କେନ୍ଦ୍ରରେ ଯୋଗ ଦେଇଥିଲେ। ଅବଶ୍ୟ ଏହା ପଛର କାରଣ ଜଣାପଡ଼ିନାହିଁ। ସେ ଆହତ ଥିବା ଭଳି ଖବର ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିସିସିଆଇ ପକ୍ଷରୁ ତାଙ୍କ ଫିଟ୍‌ନେସ୍ ଯାଞ୍ଚ କରାଯାଇଥିବା ଅନୁମାନ କରାଯାଉଛି। ଟି-ଟ୍ୱେଣ୍ଟି ବିଶ୍ୱକପ୍ ପରେ ବୁମ୍ରା ଭାରତୀୟ ଦଳର କୌଣସି ବିଜୟ ଉତ୍ସବରେ ଯୋଗ ଦେଇ ନଥିଲେ। ଏପରିକି ବିସିସିଆଇର ବାର୍ଷିକ ପୁରସ୍କାର ଉତ୍ସବରେ ମଧ୍ୟ ଅନୁପସ୍ଥିତ ଥିଲେ। ଗତ ଶନିବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସର 'ମିକ୍ସ' ଇଭେଣ୍ଟରେ ମଧ୍ୟ ସାମିଲ ହୋଇ ନଥିଲେ। ସୂଚନାଯୋଗ୍ୟ, ବୁମରା ଭାରତୀୟ ଦଳର ଏକମାତ୍ର ସବୁ ଫର୍ମାଟ୍ ପେସ୍ ବୋଲର। ପୂର୍ବରୁ ମଧ ସେ ଗୁରୁତର ଆହତ ହୋଇ ପାଖାପାଖି ବର୍ଷେ କାଳ କ୍ରିକେଟ୍‌ରୁ ଦୂରେଇ ରହିଥିଲେ। ତେଣୁ ବିସିସିଆଇ ନିୟମିତ ଭାବେ ତାଙ୍କ ଫିଟ୍‌ନେସ୍ ପରୀକ୍ଷା କରୁଛି।

କୋଲକାତା ନାଇଟ୍ ରାଇଡର୍ସ ଦଳର ପ୍ରମୁଖ ପେସ୍ ବୋଲର ଆକାଶ ଦୀପ ଆହତ ହୋଇ ଆଗାମୀ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ନାଇଟ୍ ରାଇଡର୍ସ ବିଦର୍ଭ ରଣଜୀ ଦଳର ବାମ ହାତି ପେସ୍ ବୋଲର ସୌରଭ ଦୁବେଙ୍କୁ ଚୁକ୍ତି କରିଛି। ସେ ଇତି ମଧ୍ୟରେ ଦଳ ସହ ଯୋଗ ଦେଇ ଅଭ୍ୟାସ ଆରମ୍ଭ କରିଛନ୍ତି। ଆକାଶ ଦୀପ ସମ୍ପ୍ରତି ଜାତୀୟ କ୍ରିକେଟ୍ ଏକାଡେମୀର ଉତ୍କର୍ଷ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଫିଟ୍ ହେବା ପାଇଁ ଅତି କମ୍‌ରେ ୩ ମାସ ସମୟ ଲାଗିବ। ସୌରଭ ମାତ୍ର ୧୧ଟି ଲିଷ୍ଟ ଏ' ମ୍ୟାଚ ଖେଳି ୧୭ଟି ୱିକେଟ୍ ନେଇଛନ୍ତି। ମାତ୍ର ସେ ଉଭୟ ଦିଗରେ ବଲ୍ ସୁଇଂ କରାଇବାର କ୍ଷମତା ରଖିଛନ୍ତି।

ଗତ ନିଲାମରେ ତାଙ୍କୁ କୌଣସି ଫ୍ରାଞ୍ଚାଇଜ କିଣିବା ପାଇଁ ଆଗ୍ରହ ଦେଖାଇ ନଥିଲେ। ତଥାପି ତାଙ୍କୁ ଚୁକ୍ତି କରି ନାଇଟ୍ ରାଇଡର୍ସ ଅନେକ ଆବଶ୍ୟକତା ପୂରଣ କରିଛି। ମୁସ୍ତାଫିଜୁର ରେହମାନ ବିଦା ହେବା ପରଠୁ ନାଇଟ ରାଇଡର୍ସ ଦଳରେ ବାମ ହାତି ପେସ୍ ବୋଲରଙ୍କ ଅଭାବ ରହିଥିଲା। ସୌରଭ ଏହି ସ୍ଥାନ ପୂରଣ କରିବେ ବୋଲି ନାଇଟ୍ ରାଇଡର୍ସ ଆଶା ବାନ୍ଧିଛି। ଅବଶ୍ୟ ମୁସ୍ତାଫିଜୁରଙ୍କ ସ୍ଥାନରେ ନାଇଟ୍ ରାଇଡର୍ସ ଜିମ୍ବାୱେର ବ୍ଲେସିଂ ମୁଜରବାନୀଙ୍କୁ ଚୁକ୍ତି କରିଛି।

# ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ଉଦ୍‌ଯାପିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ କହିଥିଲେ ଯେ, ଯଯାତି ମହୋତ୍ସବ ଯାଜପୁର ଜିଲ୍ଲାର ଜନ ଜୀବନର ଏକ ଜୀବନ୍ତ ପ୍ରତିଫଳନ ଏବଂ ଜିଲ୍ଲାର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ତଥା ପ୍ରଚାର ପ୍ରସାର କରିବାରେ ଜିଲ୍ଲା ମହୋତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଯାତି ମହୋତ୍ସବ ଯାଜପୁର ଜିଲ୍ଲାର ଜନ ଜୀବନର ଏକ ଜୀବନ୍ତ ପ୍ରତିଫଳନ ଏବଂ ଜିଲ୍ଲାର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଯଯାତି ମହୋତ୍ସବରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ମେଳା ଯୋଗୁଁ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବା ସହ ହସ୍ତଶିଳ୍ପର ପ୍ରସାର



ହୋଇପାରିବ। ଗଡ଼ମଧୁପୁରର କାଇଁଚ, ରୁଦ୍ରପୁରର ପଥର ଖୋଦେଇ କାରୁକାର୍ଯ୍ୟ, ହରିପୁରର ଚାନ୍ଦୁଆ, କଣ୍ଟାବଣିଆର ବେତ କାରୁକାର୍ଯ୍ୟ, ବୈଦ୍ୟରାଜପୁରର କଂସା ପିତଳ କାମ, ଗୋପାଳପୁରର ହସ୍ତତନ୍ତ ଇତ୍ୟାଦି ଏହି ମେଳାରେ ପ୍ରଦର୍ଶିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆମେ ଭୋକାଲ ଫର୍ ଲୋକାଲ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଯାଜପୁର ଜିଲ୍ଲାରେ ଜିଆଇ ଟ୍ୟାଗ ପ୍ରାପ୍ତ ଟସର ବସ୍ତ୍ର ଏବଂ ଏସିଆ ମହାଦେଶର ସର୍ବବୃହତ କ୍ରୋମାଇଟ ଖଣି ଜିଲ୍ଲାରେ ରହିଛି ବୋଲି କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ଜିଲ୍ଲାର ବିକାଶ ପାଇଁ ପ୍ରଶାସନର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟରେ ଆଲୋକପାତ କରିଥିଲେ।

ଏହି ଅବସରରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ରାଉତରାୟ, କଳାକାର ଡ. କୈଳାଶ ବେହେରା, ନାଟ୍ୟକାର ଡ. ଦୀପକ ଜେନା, କୁସ୍ତିଯୋଦ୍ଧା ପ୍ରଶାନ୍ତ ସାମଲଙ୍କୁ ଯଯାତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆମେ ଯାଜପୁରିଆ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଏବଂ କଳାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା। ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଉପସ୍ଥିତ ଥିଲେ। ଶେଷରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ରଜନୀରେ ତାଣ୍ଡବ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଫ୍ୟାସନ୍ ସୋ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ପରେ ପ୍ରସିଦ୍ଧ ନୃତ୍ୟ ଦଳ ପ୍ରିନ୍ସ ଡାନ୍ସ ଗ୍ରୁପ ଖୁବ୍ ସୁନ୍ଦର ରୋମାଞ୍ଚକର ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମଞ୍ଚକୁ ଆସିଥିଲେ ବଲିଉଡ ଗାୟକ ଡାନିସ ଏବଂ ତାଙ୍କ ଦମଦାର ଗୀତରେ ସମବେତ ଦର୍ଶକ ନାଚିଥିଲେ। ଡାନିସଙ୍କ ଚମତ୍କାର ପ୍ରଦର୍ଶନରେ କିଛି ସମୟ ପାଇଁ ଲୋକେ ପୁରା ମଜ୍ଜି ଯାଇଥିଲେ। ଟ୍ରାଫିକ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଚାରିଆଡ଼େ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ଏବଂ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରତ୍ନଭଣ୍ଡାର ଗଣତିମଣତି...

ସହ କେବଳ ଅଧିକୃତ ସଦସ୍ୟମାନେ ରତ୍ନଗଣତି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ସଦସ୍ୟ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜିଓର)ର ପ୍ରତିଟି ବିନ୍ଦୁକୁ ଗୁରୁତ୍ୱପୂର୍ବକ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅଳଙ୍କାର ଗଣତି ବେଳେ ଯେପରି ଦୈନନ୍ଦିନ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ସମସ୍ୟା ନହୁଏ, ଏହାକୁ ଦୃଷ୍ଟିରେ ରଖି ଏସ୍‌ଓପି ପ୍ରସ୍ତୁତ ହୋଇଛି। ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ପରେ ୧୯୭୮ ମସିହାର ତାଲିକା ସହ ମେଳକ କରାଯିବ। ମେଳକ ସହ ଏହାକୁ ଓଜନ କରାଯିବ। ଅଳଙ୍କାରକୁ ଚିହ୍ନଟ କରିବା ପାଇଁ ୨ ଜେମୋଲୋଜିଷ୍ଟ ନିୟୋଜିତ ହେବେ। ଅଳଙ୍କାରର ଡିଜିଟାଲ ଫଟୋଗ୍ରାଫି କରାଯିବ। ଚିହ୍ନଟ, ଗଣତି ଓ ଓଜନ ପରେ ୨-୩ ପରସ୍ତ ଗୁଡ଼ାଇ ସିନ୍ଦୁକରେ ସୁରକ୍ଷିତ ରଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗ୍ୟାସ୍ ସଙ୍କଟ ମଧ୍ୟରେ...

ବାଣିଜ୍ୟିକ ଗ୍ରାହକମାନଙ୍କୁ ପିଏନ୍‌ଜି ବାଛିବାକୁ ଉତ୍ସାହିତ କରୁଛନ୍ତି। ପିଏନ୍‌ଜି ଅଧିକ ସୁବିଧାଜନକ। ପିଏନ୍‌ଜି ନିରନ୍ତର ପାଇପ୍‌ଲାଇନ ମାଧ୍ୟମରେ ବର୍ଣ୍ଣରକୁ ଯୋଗାଣ କରାଯାଏ, ଯାହା ସିଲିଣ୍ଡର ବୁକିଂର ଆବଶ୍ୟକତାକୁ ଦୂର କରେ। ସରକାରୀ ନିର୍ଦ୍ଦେଶରେ କୁହାଯାଇଛି ଯେ, ଯଦି କୌଣସି ପରିବାର ପିଏନ୍‌ଜି ଉପଲବ୍ଧ ହେବା ପରେ ଗ୍ରହଣ କରନ୍ତି ନାହାନ୍ତି, ତେବେ ତିନି ମାସ ପରେ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ। ତଥାପି ଯେଉଁଠାରେ ପାଇପ ସଂଯୋଗ ସମ୍ଭବ ନୁହେଁ, ସେଠାରେ ନୋ ଅବଜେକ୍ସନ ସାର୍ଟିଫିକେଟ୍ ଆଧାରରେ ଏଲ୍‌ପିଜି ଯୋଗାଣ ଜାରି ରହିପାରିବ।

## ସୋନିଆ ଗାନ୍ଧୀ...

ଡା. ଅଜୟ ସ୍ୱରୂପ ଏକ ବିଜ୍ଞପ୍ତି ଜାରି କରି କହିଥିଲେ ଯେ ଡାକ୍ତରମାନେ ତାଙ୍କ ଅବସ୍ଥା ଉପରେ ଲଗାତାର ନଜର ରଖୁଛନ୍ତି। ତାଙ୍କର ବିସ୍ତୃତ ପରୀକ୍ଷା କରାଯାଉଛି, ଯେଉଁଥିରେ ପେଟ ଏବଂ ୟୁରିନାରି ଟ୍ରାକ୍ଟରେ ସମ୍ଭାବ୍ୟ ସଂକ୍ରମଣର ଯାଞ୍ଚ ମଧ୍ୟ ଅନ୍ତର୍ଭୁକ୍ତ। ଚିକିତ୍ସା ଭାବେ ତାଙ୍କୁ ଏଣ୍ଟିବାୟୋଟିକ୍ସ ଦିଆଯାଉଛି। ଏକ ବିଶେଷଜ୍ଞ ଡାକ୍ତର ଦଳ ତାଙ୍କୁ ନିରନ୍ତର ନଜରରେ ରଖି ଆବଶ୍ୟକ ଚିକିତ୍ସା ସେବା ପ୍ରଦାନ କରୁଛନ୍ତି।

## ବିଧାନସଭାରେ ଶ୍ୱେତପତ୍ର...

ହୋଇଛି। ସେହିପରି ୨୦୨୫ ମସିହାରେ ସର୍ବମୋଟ ୧୪୫ ଯୌତୁକ ଜନିତ ହତ୍ୟା ମାମଲା, ୭୭ଟି ଯୌତୁକ ଜନିତ ଆତ୍ମହତ୍ୟା ମାମଲା, ୪୩୬୧ ଯୌତୁକ ଜନିତ ନିର୍ଯାତନା ମାମଲା, ୫୪୧୯ ଅଣ ଯୌତୁକ ନିର୍ଯାତନା ସମ୍ବନ୍ଧୀୟ ମାମାଲା ଏବଂ ୧୬୪ ମହିଳା ଚାଲାଣ ଏବଂ ୫୩ ପୁରୁଷ ଚାଲାଣ ମାମଲା ରୁଜୁ ହୋଇଥିବା ଶ୍ୱେତପତ୍ରରେ ଦର୍ଶାଯାଇଛି।

## ମଧ୍ୟପ୍ରାଚ୍ୟ ସଙ୍କଟର ମୁକାବିଲା...

କରିଥିଲେ ଯେ, ସେ କେରଳରେ ଏକ କାର୍ଯ୍ୟକ୍ରମ ଯୋଗୁଁ ବୈଠକରେ ଯୋଗଦେବେ ନାହିଁ। ଏହି ସମୟରେ ସେ କେନ୍ଦ୍ର ସରକାରଙ୍କୁ ବୈଦେଶିକ ନୀତି ଉପରେ କଡ଼ା ସମାଲୋଚନା କରିଥିଲେ। ବୈଠକରେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଉପରେ ଆଲୋଚନା କରାଯିବ ଏବଂ ବିରୋଧୀଙ୍କ ପରାମର୍ଶକୁ ବିଚାରକୁ ନିଆଯିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସର୍ବଦଳୀୟ ବୈଠକର ଅଧ୍ୟକ୍ଷତା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାରେ କହିଛନ୍ତି ଯେ, ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧରୁ ସୃଷ୍ଟି ହୋଇଥିବା ପରିସ୍ଥିତିର ସମାଧାନ ପାଇଁ ସାତଟି ନୂତନ ସଶକ୍ତ ଗୋଷ୍ଠୀ ଗଠନ କରାଯାଇଛି ଏବଂ ସେମାନେ ନିୟମିତ ଭାବରେ ଏଲପିଜି, ଅତ୍ୟାବଶ୍ୟକୀୟ ସେବା ଏବଂ ବିଭିନ୍ନ କ୍ଷେତ୍ର ସହିତ ଜଡ଼ିତ ଅନ୍ୟାନ୍ୟ ପ୍ରସଙ୍ଗ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ପରାମର୍ଶ ପ୍ରଦାନ କରିବେ। ତଥାପି ସରକାର କହିଛନ୍ତି ଯେ, ଦେଶରେ ତେଲ ଏବଂ ଗ୍ୟାସର କୌଣସି ଅଭାବ ନାହିଁ। ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ ଏବଂ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଉପସ୍ଥିତ ଥିଲେ। ବିଜେଡିରୁ ସସ୍ମିତ ପାତ୍ର ସର୍ବଦଳୀୟ ବୈଠକ ପାଇଁ ପହଞ୍ଚିଛନ୍ତି। ଜେଡିୟୁରୁ ଲଲନ୍ ସିଂ ଏବଂ ସଞ୍ଜୟ ଝା, କଂଗ୍ରେସରୁ ତାରିକ ଅନୱର ଏବଂ ମୁକୁଲ ୱାସନିକ୍, ସିପିଆଇଏମରୁ ଜନ୍ ବ୍ରିଟାସ୍, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ପୁରୀ ବୈଠକ ପାଇଁ ପହଞ୍ଚିଛନ୍ତି। ସର୍ବଦଳୀୟ ବୈଠକ ସମ୍ପର୍କରେ ଟିଏମସି ସାଂସଦ ସୌଗତ ରାୟ କହିଛନ୍ତି, 'ଆମର ସମ୍ପୂର୍ଣ୍ଣ ଲଢ଼େଇ ବିଜେପି ସହିତ। ଆମେ ସେମାନଙ୍କ ସହିତ କାହିଁକି ଭେଟିବୁ ?' ସେ କହିଛନ୍ତି ଯେ ସେ ସର୍ବଦଳୀୟ ବୈଠକରେ ଯୋଗଦେବେ ନାହିଁ। ଏନଡିଏ ନେତାମାନେ ସର୍ବଦଳୀୟ ବୈଠକକୁ ଯଥାର୍ଥ କରିଛନ୍ତି। ସେମାନେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ ସବୁକିଛି ସ୍ପଷ୍ଟ କରିସାରିଛନ୍ତି। ସମସ୍ତ ନିଷ୍ପତ୍ତି ଜନହିତରେ ନିଆଯିବ।

## ବିରୋଧୀଙ୍କ ହଟ୍ଟଗୋଳ ନେଇ...

ଶ୍ରୀମତୀ ପାଢୀ ଗୃହ ଚଳାଇବା ସମ୍ଭବ ନହେବାରୁ ବାଧ ହୋଇ ୪ ମିନିଟ୍ ପରେ ଗୃହକୁ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଏହାପରେ ଶୂନ୍ୟକାଳରେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ ଗୃହ ମଝିରେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ସରକାରୀ ବିରୋଧୀ ନାରାବାଜି ତୀବ୍ରତର କରିଥିଲେ। ତେବେ ବାଚସ୍ପତି ଶ୍ରୀମତୀ ପାଢୀ ବିରୋଧୀ ଦଳ ବିଧାୟକମାନଙ୍କୁ ଗୃହରେ ଶୃଙ୍ଖଳା ରକ୍ଷା ସହ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ବାରମ୍ବାର ନିବେଦନ କରି ବିଫଳ ହୋଇଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତିଙ୍କ ଅନୁମତିକ୍ରମେ ଶାସକ ଦଳ ବିଧାୟକ ଟଙ୍କଧର ତ୍ରିପାଠୀ, ସୀମାରାଣୀ ନାୟକ, ଲକ୍ଷ୍ମଣ ବାଗ, ସରୋଜ ପାଢୀ, ବାବୁ ସିଂ, ପ୍ରତାପ ଚନ୍ଦ୍ର ନାୟକ, ପଦ୍ମଲୋଚନା ପଣ୍ଡା ପ୍ରମୁଖ ଜଣକ ପରେ ଜଣେ ବକ୍ତବ୍ୟ ରଖି ବିରୋଧୀ ଦଳର ଆଚରଣକୁ ନିନ୍ଦା କରିଥିଲେ। ଏହି କ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ ବିରୋଧୀ ଦଳ ଦ୍ୱାରା ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ସେମାନଙ୍କ ଆଚରଣକୁ ନିନ୍ଦା କରିଥିଲେ। ସେ କହିଥିଲେ ରାଜ୍ୟବାସୀଙ୍କ ଟିକସ ଅର୍ଥରେ ବିଧାନସଭା ଚାଲୁଥିବା ବେଳେ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ଦଳର ବିଧାୟକମାନେ ଅଯଥାରେ ଅଗଣତାନ୍ତ୍ରିକ ଭାବେ ଜାଣିଶୁଣି ଗୃହ ପରିଚାଳନାରେ ବାଧା ସୃଷ୍ଟି କରୁଛନ୍ତି। ରାଜ୍ୟବାସୀ ଏହାକୁ ଦେଖୁଛନ୍ତି, ସେମାନେ କଦାପି ଏହାକୁ ବରଦାସ୍ତ କରିବେ ନାହିଁ। ଦିନକୁ ୬୫ରୁ ୬୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଧାନସଭା ପାଇଁ ଖର୍ଚ୍ଚ ହେଉଛି। ୧୦ ଦିନ ଧରି ବିରୋଧୀ ଦଳ ଗୃହ ଚଳାଇ ନଦେବା ଫଳରେ ପ୍ରାୟ ୧୨ କୋଟି ଟଙ୍କା ବରବାଦ ହୋଇଗଲାଣି। ରାଜ୍ୟବାସୀ ଏମାନଙ୍କ ନାଟକବାଜି ଦେଖୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ହିତ ପାଇଁ ଆସନ୍ତୁ ମିଳିମିଶି କାମ କରିବା ଏବଂ ରାଜ୍ୟର ବିକାଶକୁ ଆଗେଇ ନେବା ବୋଲି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିରୋଧୀ ଦଳର ବିଧାୟକମାନଙ୍କୁ ନିବେଦନ କରିଥିଲେ। ଏହା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଅନୁରୂପ ଭାବେ ଗୃହରେ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ବଜାୟ ରଖିବା ପାଇଁ ବିରୋଧୀ ଦଳ ଗୃହ ପରିଚାଳନାରେ ସହଯୋଗ କରନ୍ତୁ ବୋଲି ନିବେଦନ କରିଥିଲେ।

## ଘଡ଼ଘଡ଼ି ସହ ଝଡ଼ ବର୍ଷା...

ରାୟଗଡ଼ା, କୋରାପୁଟକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ସହିତ ଘଣ୍ଟାକୁ ୪୦ରୁ ୫୦ କିମି ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଛି। ୨୮ ଓ ୨୯ ତାରିଖରେ ମଧ୍ୟ ଅଧିକାଂଶ ଜିଲ୍ଲାରେ ଝଡ଼ବର୍ଷା ହୋଇପାରେ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଝଡ଼ବର୍ଷା ପାଇଁ ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଛି।

## ପୁଣି ଯୁଦ୍ଧ ଆରମ୍ଭ...

ମଧ୍ୟରେ ଆସିବା ପାଇଁ ଅପେକ୍ଷା କରିବାର ବିଷୟ; ଏହା ଥରେ ଆସିଲେ, ଯୁଦ୍ଧଜାହାଜକୁ ତୁରନ୍ତ ଧ୍ୱଂସ କରାଯିବ। ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଇରାନ ବିରୁଦ୍ଧରେ ସାମରିକ ଚାପ ବୃଦ୍ଧି କରୁଛି ଏବଂ ଏହି ଅଞ୍ଚଳରେ ଅତିରିକ୍ତ ସୈନ୍ୟ ଏବଂ ଯୁଦ୍ଧଜାହାଜ ମୁତୟନ କରୁଛି। ସମକାଳୀନ ଭାବରେ ଟ୍ରମ୍ପଙ୍କ ଦ୍ୱାରା ଏକ ୧୫-ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବ ମଧ୍ୟ ଦିଆଯାଇଛି। ଇରାନ ନୌସେନା କମାଣ୍ଡର ଚେତାବନୀ ଦେଇଛନ୍ତି ଯେ କୌଣସି ଶତ୍ରୁତାପୂର୍ଣ୍ଣ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ସେ ଦୃଢ଼ତାର ସହିତ କହିଛନ୍ତି, "ଆମେ ଆମର ଭୂମି, ସାମୁଦ୍ରିକ ଅଞ୍ଚଳ ଏବଂ ସାର୍ବଭୌମତ୍ୱକୁ ରକ୍ଷା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ।"

## ପାକିସ୍ତାନ ବିଶ୍ୱର ସର୍ବାଧିକ...

ବିଶ୍ୱର ୧୦ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୫ଟି ସହର ରହିଛି। ସେଥିରେ ଉତ୍ତରପ୍ରଦେଶର ଲୋନି ବ୍ୟତୀତ ଗାଜିଆବାଦ, ଆସାମର ବର୍ନିହାଟ, ଜାତୀୟ ରାଜଧାନୀ ଦିଲ୍ଲୀ ଏବଂ ପଶ୍ଚିମବଙ୍ଗର ଉଲ୍ଲା ସହର ସାମିଲ ଅଛି। ଲୋନିର ହାରାହାରି ପିଏମ୍ ୨.୫ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଧାର୍ଯ୍ୟ କରିଥିବା ମାନଦଣ୍ଡ ଠାରୁ ୨୨ ଗୁଣ ଅଧିକ। ୧୦ ପ୍ରମୁଖ ପ୍ରଦୂଷିତ ସହର ତାଲିକାରେ ରହିଛି ଲୋନି (ଭାରତ), ହୋଟନ (ଚୀନ୍), ବର୍ଣ୍ଣିହାଟ (ଭାରତ), ଦିଲ୍ଲୀ (ଭାରତ), ଫୈସଲାବାଦ (ପାକିସ୍ତାନ), ରହିମ ୟାର ଖାନ୍ (ପାକିସ୍ତାନ), ଗାଜିଆବାଦ (ଭାରତ), ଲାହୋର (ପାକିସ୍ତାନ), ସୁକୁର (ପାକିସ୍ତାନ) ଏବଂ ଉଲ୍ଲା (ଭାରତ)। ରିପୋର୍ଟରେ ୧୪୩ଟି ଦେଶର ୯,୪୪୬ଟି ସହରର ତଥ୍ୟକୁ ନେଇ ସର୍ଭେ କରାଯାଇଥିଲା। ସେଥିରେ କୁହାଯାଇଛି କି ୫୪ଟି ଦେଶରେ ପିଏମ୍ ୨.୫ ସ୍ତର ବଢ଼ିଛି। କିନ୍ତୁ ୭୫ଟି ଦେଶରେ ଏହା ହ୍ରାସ ପାଇଛି। ଏହି ସମୟ ଭିତରେ ୨ଟି ଦେଶରେ କୌଣସି ପରିବର୍ତ୍ତନ ଘଟିନାହିଁ। ୨୦୨୫ରେ ୧୨ ନୂଆ ଦେଶ ଏଥିରେ ସାମିଲ ହୋଇଛି। ବିଶ୍ୱର ୧୪ ପ୍ରତିଶତ ସହରର ବାୟୁ ଗୁଣବତ୍ତା ଡବ୍ଲୁଏଚ୍‌ଓ ପକ୍ଷରୁ ଧାର୍ଯ୍ୟ ମାନଦଣ୍ଡ ପୂରଣ କରିଛନ୍ତି। ୨୦୨୫ରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଜଙ୍ଗଲରେ ନିଆଁ ଲାଗିବା ଫଳରେ ପ୍ରଦୂଷଣ ବୃଦ୍ଧି ପାଇଛି।

## ବିରୋଧୀଙ୍କୁ କଡ଼ା ଜବାବ...

ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ ଖର୍ଚ୍ଚ ଦାବିକୁ ସମର୍ଥନ କରି କହିଥିଲେ, ମୋର ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପର ଠାରୁ ଦୁଇବର୍ଷ ମଧ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି କରିଛି। ଓଡ଼ିଶାରେ ପୋଲିସ୍ ଆଧୁନିକୀକରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ବିରୋଧୀ ଦଳ ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ଏଠାରେ ମିଛ ନାଟକ କରୁଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାସକ ଦଳରୁ ବିଧାୟକ ସର୍ବଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ସନ୍ତୋଷ ଖଟୁଆ, ପଦ୍ମଲୋଚନା ପଣ୍ଡା, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଏବଂ ପ୍ରକାଶ ସେଠୀ ପ୍ରମୁଖ ଜଣକ ପରେ ଜଣେ ଖର୍ଚ୍ଚ ଦାବିକୁ ସମର୍ଥନ ଜଣାଇ ବକ୍ତବ୍ୟ ରଖିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର କ୍ଷମତାକୁ ଆସିବା ପରେ ମାଓବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୫ରୁ ୨୪.୦୩.୨୦୨୬ ମଧ୍ୟରେ, ଓଡ଼ିଶା ପୁଲିସ ନିରନ୍ତର ଆକ୍ରମଣାତ୍ମକ ଅଭିଯାନ ମାଧ୍ୟମରେ ଦୁଇ ଜଣ କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସମେତ ୨୭ ଜଣ ଦୁର୍ଦ୍ଧାନ୍ତ ସିପିଆଇ (ମାଓବାଦୀ) କ୍ୟାଡରଙ୍କୁ ନିପାତ କରିବାରେ ଅଭୂତପୂର୍ବ ସଫଳତା ହାସଲ କରିଛି। ଏହା ରାଜ୍ୟରେ ମାଓବାଦୀ ନେଟୱର୍କ ପ୍ରତି ଏକ ଶକ୍ତ ଧକ୍କା ଦେଇଛି।

ଚଳିତ ବର୍ଷ ମାର୍ଚ୍ଚ ପରେ ଏହା ଏକ ଇତିହାସ ହୋଇ ରହିଯିବ। ଓଡିଶାକୁ ନକ୍ସଲ ଓ ମାଓ ମୁକ୍ତ କରିବା ପାଇଁ ପୋଲିସ ପ୍ରଶାସନ ପାଇଁ ଯାହାସବୁ ଆବଶ୍ୟକ, ଆମ ସରକାର ସବୁକିଛି ପ୍ରଦାନ କରିବାକୁ ପ୍ରସ୍ତୁତ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନରେ ଆମ ସରକାର ମହିଳା ମାନଙ୍କ ସୁରକ୍ଷାକୁ ସଦାସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ବିଶେଷକରି ଦୁଷ୍କର୍ମର ଶିକାର ହେଉଥିବା ପୀଡିତା ମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଅପରାଧରେ ଶିକାର ହେଉଥିବା ପୀଡ଼ିତାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବା ଏବଂ ସମାଜରେ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି କରିବା ଆମ ସରକାରର ମୁଖ୍ୟ ଲକ୍ଷ୍ୟ। ଅପରାଧୀ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ତାଙ୍କ ବିରୁଦ୍ଧରେ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଆମ ସରକାର ଶାସନକୁ ଆସିବାର ୧୮ ମାସ ଅର୍ଥାତ ତା ୦୧.୦୭.୨୦୨୪ ରିଖରୁ ୩୧.୧୨.୨୦୨୫ ରିଖ ମଧ୍ୟରେ ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧରେ ମୋଟ ୪୮ ହଜାର ୭୮୯ ଟି ମାମଲା ପଞ୍ଜିକୃତ ହୋଇଥିବା ସ୍ଥଳେ ଏହାର ପୂର୍ବ ୧୮ ମାସ ଅର୍ଥାତ ତା: ୦୧.୦୧.୨୦୨୩ ରୁ ୩୦.୦୬.୨୦୨୪ ରିଖ ମଧ୍ୟରେ ୪୮ ହଜାର ୭୮୭ ଟି ମାମଲା ପଞ୍ଜିକୃତ ହୋଇଥିଲା । ଏଥିରୁ ସ୍ପଷ୍ଟ ଯେ, ପୂର୍ବବର୍ତ୍ତୀ ସମୟ ତୁଳନାରେ ମହିଳାଙ୍କ ବିରୁଦ୍ଧରେ ହୋଇଥିବା ଅପରାଧ ସାମଗ୍ରିକ ଭାବେ ପ୍ରାୟତଃ ସ୍ଥିର ରହିଛି। ଦୁଷ୍କର୍ମ ମାମଲା ୩.୫% ହ୍ରାସ ପାଇଛି, ଅସଦାଚରଣ ମାମଲା ୨.୨% ହ୍ରାସ ପାଇଛି, ସର୍ବସାଧାରଣରେ ନିର୍ବସ୍ତ୍ର ମାମଲାରେ ୨୬.୮% ହ୍ରାସ ଘଟିଛି, ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲା ୭୩.୩% ହ୍ରାସ ପାଇଛି, ଯୌତୁକ ଜନିତ ହତ୍ୟା ମାମଲା ୨୬.୧% ହ୍ରାସ ପାଇଛ, ଯୌତୁକ ନିର୍ଯାତନା ମାମଲା ୮.୩% ହ୍ରାସ ପାଇଛି, ଅଣ-ଯୌତୁକ ନିର୍ଯାତନା ମାମଲା ୧.୬% ହ୍ରାସ ପାଇଛି।

୨୦୨୫ ମସିହାର ପ୍ରଥମ ୬ ମାସରେ ମହିଳା ହିଂସା ଅପରାଧୀଙ୍କ ବିରୁଦ୍ଧରେ ଦଣ୍ଡ ବିଧାନହାର ୪୧ ପ୍ରତିଶତ ହୋଇଛି। ଜୁନ ମାସରେ ଏହା ୬୨ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଦଣ୍ଡବିଧାନ ହାର ବୋଧହୁଏ ସାରା ଦେଶରେ ସବୁଠାରୁ ଅଧିକ। ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଂଗଠିତ ସାଇବର ଅପରାଧ ନେଟୱର୍କକୁ ମୂଳପୋଛ କରିବା ଦିଗରେ ଓଡ଼ିଶା ପୁଲିସ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ୧୩ ଫେବୃଆରୀ ୨୦୨୬ ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଆରମ୍ଭ କରାଯାଇଥିଲା। ବିଶେଷକରି ଅନଲାଇନ୍ ଆର୍ଥିକ ଠକେଇ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଅପବ୍ୟବହାର କରୁଥିବା ଅପରାଧୀଙ୍କୁ ରୋକିବା, ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା ଏବଂ ଏଥିରେ ଓଡ଼ିଶା ପୋଲିସ ସଫଳ ହୋଇଛି। ଏହି ସାଇବର ଅପରାଧକୁ ରୋକିବା ପାଇଁ ସବୁଠାରୁ ବଡ ଅସ୍ତ୍ର ହେଉଛି ସଚେତନତା। ଦୁଃଖର ବିଷୟ ଯେ ଉଚ୍ଚ ଶିକ୍ଷିତ ବ୍ୟକ୍ତି, ଏପରିକି ପ୍ରଫେସର, ଡାକ୍ତର, ଇଞ୍ଜିନିୟର ମଧ୍ୟ ସାଇବର ଅପରାଧୀଙ୍କ ଠକାମିର ଶିକାର ହେଉଛନ୍ତି। ତେଣୁ, ସମସ୍ତେ ସଚେତନ ହୁଅନ୍ତୁ ଏବଂ ସାଇବର ସ୍ପେସ୍‌କୁ ବିଚାରବନ୍ତ ଏବଂ ଦାୟିତ୍ୱସମ୍ପନ୍ନତା ସହ ବ୍ୟବହାର କରନ୍ତୁ। କାରଣ, ସାଇବର ଅପରାଧ ଆଉ କୌଣସି ସୀମାରେ ଆବଦ୍ଧ ହୋଇ ନାହିଁ। ସାତ ସମୁଦ୍ର ପାରରେ ବସି ଅପରାଧୀ ଲୁଟି ନେଉଛନ୍ତି। ସବୁବେଳେ ରେସପନସିବିଲିଟି ଇଣ୍ଟରନେଟକୁ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ। କିନ୍ତୁ ମୁଁ କହିବାକୁ ଚାହେଁ ଯେ ଆମ ସରକାର ସଦା ସର୍ବଦା ଆପଣଙ୍କ ପାଇଁ ଛିଡ଼ା ହୋଇଛନ୍ତି। ପୁଲିସ ବାହିନୀକୁ ଅଧିକ ସୁଦୃଢ଼ କରିବା ପାଇଁ ତା: ୦୧.୦୭.୨୦୨୪ ରୁ ଅଦ୍ୟାବଧି ସରକାର ୩ଟି ଓଏସଏସଏଫ ବାଟାଲିୟନ (ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ), ୩ଟି ଓଆଇଏସଏଫ ବାଟାଲିୟନ, ୧୦ଟି ନୂତନ ଓଡ୍ରାଫ୍ ୟୁନିଟ୍, ଗୋଟିଏ ଟ୍ରାଫିକ ଏବଂ ସଡ଼କ ସୁରକ୍ଷା ୱିଙ୍ଗ୍, ଚଣ୍ଡିଖୋଲ ଠାରେ ଏକ ନୂତନ ଏସଡିପିଓ କାର୍ଯ୍ୟାଳୟ, ୨୦ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଏବଂ ଏକ ନୂତନ ପୁଲିସ ଜିଲ୍ଲା (ରାଇରଙ୍ଗପୁର ପୋଲିସ ଜିଲ୍ଲା) ସୃଷ୍ଟି କରିଛନ୍ତି। ସେହିପରି ତା: ୦୧.୦୭.୨୦୨୪ ରିଖରୁ ୩୧.୦୧.୨୦୨୬ ରିଖ ମଧ୍ୟରେ ସିଧାସଳଖ ନିଯୁକ୍ତି ଓ ପୁନଃ ଥଇଥାନ ଯୋଜନାରେ ସମୁଦାୟ ୫ ହଜାର ୭୯୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ୧ ହଜାର ୮୫୮ ଜଣଙ୍କୁ କନଷ୍ଟେବଳ ଓ ସିପାହୀ ଭାବେ, ୧୩୫ ଜଣଙ୍କୁ ଗୁର୍ଖା ସିପାହୀ ଭାବେ, ୪୦୪ ଜଣଙ୍କୁ ଡ୍ରାଇଭର ଭାବେ, ୧୬୦ ଜଣଙ୍କୁ କନିଷ୍ଠ କିରାଣୀ ଭାବେ ଏବଂ ୨ ହଜାର ୮୮୫ ଜଣ ପୂର୍ବତନ ସେନାକର୍ମଚାରୀଙ୍କୁ ଓଏସଏସଏଫ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପୁନଃଥଇଥାନ ଯୋଜନାରେ ୩୪୮ ଜଣ ପ୍ରାର୍ଥୀଙ୍କୁ ଗୃପ-ସି ଏବଂ ଗୃପ-ଡି ପଦବୀରେ ନିଯୁକ୍ତି ଦିଆଯାଇ ପୁଲିସ ବିଭାଗକୁ ସଶକ୍ତ ଓ ସମୃଦ୍ଧ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ।

# ରାଜ୍ୟରେ ରେକର୍ଡ ଧାନ ସଂଗ୍ରହ : ମଣ୍ଡିକୁ ଆସିଲାଣି ୭୫ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଧାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚଳିତ ଖରିଫ ଋତୁରେ ୨୦୨୫-୨୬ ବର୍ଷ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଂଚିଛି। ସରକାରୀ ସୂତ୍ରରୁ ମିଳିଥିବା ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ମଣ୍ଡିକୁ ପ୍ରାୟ ୭୫,୪୫,୩୮୧ ମେଟ୍ରିକ ଟନ୍ ଧାନ ଆସିଥିବା ବେଳେ ସେଥିମଧ୍ୟରୁ ୭୫,୨୦,୨୧୨ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି।

ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ମୋଟ ୧୮,୧୧,୯୮୮ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିଛନ୍ତି। ସଂଗୃହୀତ ଧାନ ମଧ୍ୟରୁ ପ୍ରାୟ ୭୩,୪୬,୨୨୬ ମେଟ୍ରିକ ଟନ୍ ଧାନ ମିଲରମାନେ ମଣ୍ଡିରୁ ଉଠାଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଏମଏସପି ସହାୟକ ହୋଇଛି, ଯାହା ଦ୍ୱାରା ଚାଷୀଙ୍କୁ ସେମାନଙ୍କ ଶସ୍ୟର ଉଚିତ ମୂଲ୍ୟ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ୨୨,୩୩୭.୬୦ କୋଟି ଟଙ୍କାର ଏମଏସପି ଓ ଇନପୁଟ ସହାୟତା ପ୍ରଦାନ କରାଯାଇଛି। ଧାନ ସଂଗ୍ରହ କ୍ଷେତ୍ରରେ ବରଗଡ଼ ଜିଲ୍ଲା ସବୁଠାରୁ ଆଗରେ ରହିଛି, ଯେଉଁଠାରେ ସର୍ବାଧିକ ୭,୭୦,୧୫୭ ମେଟ୍ରିକ ଟନ୍ ଧାନ ମଣ୍ଡିକୁ ଆସିଛି ଓ ୭,୬୯,୮୩୮ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଏହା ପଛକୁ ରହିଛି କଳାହାଣ୍ଡି ଜିଲ୍ଲା, ସେଠାରେ ୬,୪୩୧୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲାରେ ୫,୫୮,୦୧୨ ମେଟ୍ରିକ ଟନ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୩,୭୯,୦୪୫ ମେଟ୍ରିକ ଟନ୍ ? ଧାନ ସଂଗ୍ରହ କରାଯାଇଛି। ସରକାରୀ ସୂଚନା ମୁତାବକ, ଧାନ ବିକ୍ରି କରିଥିବା ସମସ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି। ମାର୍ଚ୍ଚ ୨୪ ତାରିଖ ସୁଦ୍ଧା ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ଖରିଫ ଧାନ ସଂଗ୍ରହ ୨୦୨୩-୨୪ ମସିହାରେ ୫୮,୦୩,୬୬୪ ମେଟ୍ରିକ ଟନ୍ ହୋଇଥିବା ବେଳେ ୨୦୨୪-୨୫ ମସିହାରେ ୭୩,୦୨,୭୮୨ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିଲା। ୨୦୨୫-୨୬ ମସିହାରେ ବୃଦ୍ଧି ପାଇ ୭୪,୯୨,୮୯୩ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ଧାନ ସଂଗ୍ରହ ପରିମାଣରେ ପ୍ରାୟ ୧୬ ଲକ୍ଷ ମେଟ୍ରିକ ଟନରୁ ଅଧିକ ବୃଦ୍ଧି ହୋଇଛି। ଏହା ରାଜ୍ୟର କୃଷି ଅର୍ଥନୀତି ପାଇଁ ଏକ ସକାରାତ୍ମକ ସଙ୍କେତ।

# ବିଏମ୍‌ସିକୁ ମିଳିଲା ଗ୍ଲୋବାଲ ସଷ୍ଟେନେବିଲିଟି ଆଣ୍ଡ ଇନୋଭେସନ୍ ପୁରସ୍କାର ୨୦୨୬

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ମିଳିଲା ଗ୍ଲୋବାଲ ସଷ୍ଟେନବିଲିଟି ଆଣ୍ଡ ଇନୋଭେସନ ପୁରସ୍କାର-୨୦୨୬। ଜଳବାୟୁ ଅନୁକୂଳ ନବୀକରଣଯୋଗ୍ୟ ଜଳ ଭିତ୍ତିଭୂମି କ୍ଷେତ୍ରରେ ଉତ୍କର୍ଷତା ଏବଂ ମଳପଙ୍କ ପ୍ରକ୍ରିୟାକରଣରୁ ସମ୍ବଳ ପୁନଃଉଦ୍ଧାର କରିବା କ୍ଷେତ୍ରରେ ଅଭିନବ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି । ସ୍ୱୀକୃତିପ୍ରାପ୍ତ ସ୍ଥାୟୀ ଭିତ୍ତିଭୂମି ଏବଂ ଦକ୍ଷ ବର୍ଜ୍ୟ ଜଳ ପରିଚାଳନାରେ ବିଏମ୍ ସିର ପ୍ରଗତିଶୀଳ ଆଭିମୁଖ୍ୟ ପାଇଁ ଏହି ସମ୍ମାନ ଜନକ ପୁରସ୍କାର ମିଳିଛି। ନୂଆଦିଲ୍ଲୀ ଶାମଭେଟ୍ ଅଡିଟୋରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଏମ୍ ସିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ପ୍ରଦତ୍ତ ଏହି ପୁରସ୍କାରକୁ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍, ଓରେଡାର ଉପ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ତରାଇ ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବିଶ୍ୱସ୍ତରରେ ଏହି ପୁରସ୍କାର ମିଳୁଥିବାରୁ ମେୟର ଓ କମିଶନର ଖୁସି ବ୍ୟକ୍ତ କରିବା ସହ ଏହା ବିଏମ୍ ସିବାସୀଙ୍କର ବିଜୟ ଓ ଶ୍ରେୟ ସେହିମାନଙ୍କୁ ଯାଉଛି ବୋଲି କହିଛନ୍ତି। ଟିମ୍ ବିଏମ୍‌ସି ସହ ସମସ୍ତ ଅଧିକାରୀ, କର୍ମଚାରୀ, କର୍ପୋରେଟର, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀଙ୍କ ସହ ଏହି ଶ୍ରେୟ ଭୁବନେଶ୍ୱରବାସୀଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ସେମାନେ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ବାସୀଙ୍କ ସହଯୋଗ ଆମ ବିକାଶ ପ୍ରକ୍ରିୟାକୁ ଆଗେଇ ନେଉଛି, ଏହିଭଳି ସମ୍ମାନ ଆମ ଭୁବନେଶ୍ୱରର ବାସପୋଯୋଗୀତା ମୂଲ୍ୟ ବୃଦ୍ଧି କରୁଛି ବୋଲି କହିଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ ଏବଂ କମିଶନର ଚଞ୍ଚଳ ରାଣା ।

# ବିଦ୍ୟୁତ ଚୋରି ଜରିମାନା ବାବଦକୁ ଆଦାୟ ହୋଇଛି ୬୨୨ କୋଟି ଟଙ୍କା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦ୍ୟୁତ୍ ବିତରଣ କମ୍ପାନୀ ମାନେ ବିଦ୍ୟୁତ୍ ଯୋଗାଣର ଅପବ୍ୟବହାର ଏବଂ ବିଦ୍ୟୁତ୍ ଚୋରି କରିଥିବା ଉପଭୋକ୍ତାଙ୍କ ଠାରୁ ପ୍ରାୟ ୬୨୨ କୋଟି ଟଙ୍କାର ଜୋରିମାନା ଆଦାୟ କରିଛନ୍ତି । ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆଦାୟ ହୋଇଥିବା ଜୋରିମନାକୁ ଡିସକମ୍ ମାନେ ରଖନ୍ତି ନାହିଁ ବରଂ ଓଇଆରସି ଟାରିଫ୍ ନିୟମାବଳୀ ଅନୁଯାୟୀ ନନ୍ ଟାରିଫ୍ ରେଭେନ୍ୟୁ ଅଧୀନରେ ଏଆରଆର ମାଧ୍ୟମରେ ଗ୍ରାହକମାନଙ୍କୁ ପାସ ଅନ କରନ୍ତି।

# ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ବରିଷ୍ଠ ଉପଦେଷ୍ଟା ସ୍ୱର୍ଗତ ଅରବିନ୍ଦ ମିତ୍ରଙ୍କ ଶୋକସଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଗତ ରବିବାର ଦିନ ଓଡ଼ିଶା ଅବସର ପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବରିଷ୍ଠ ଦିଗ ଦର୍ଶକ ଓ ଅବସରପ୍ରାପ୍ତ ଦୁର୍ଗପତି ଅରବିନ୍ଦ ମିତ୍ରଙ୍କର ଅକାଳ ବିୟୋଗରେ ୟୁନିଟ୍-୧ କାର୍ଯ୍ୟାଳୟରେ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଅରବିନ୍ଦ ମିତ୍ର ୧୫-୦୬-୧୯୪୮ ରିଖରେ ଖୋର୍ଦ୍ଧାରେ ଜନ୍ମଗ୍ରହଣ କରି ୧୯୭୪ ମସିହାରେ ଓଡ଼ିଶା ପୋଲିସରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବରେ ପୋଲିସ ବିଭାଗରେ ଯୋଗଦାନ କରି ୩୦-୦୬ ୨୦୦୬ ରିଖରେ ସେବା ନିବୃତ୍ତ ହୋଇଥିଲେ। ତାଙ୍କର ଚାକିରି କାଳରେ ଓଡ଼ିଶା ସଶସ୍ତ୍ର ବାହିନୀର ଦୁର୍ଗପତି, ପୋଲିସ ତାଲିମ କେନ୍ଦ୍ର, ଡେପୁଟି କ୍ରୀଡା ଡାଇରେକ୍ଟର ଆଦି ବିଭିନ୍ନ ବିଭାଗରେ ଅତି ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ସର୍ବ ଭାରତୀୟ ସ୍ତରରେ ବନ୍ଧୁକ ଚାଳନା, କ୍ରୀଡା ସଂଗଠକ, ଆଇନ୍ ଶୃଙ୍ଖଳା, ପୁରୀ ରଥଯାତ୍ରାରେ ଅତି ଦକ୍ଷତାର ସହ କାର୍ଯ୍ୟକରି ପୋଲିସ ବିଭାଗରେ ସୁନାମ ଅର୍ଜନ କରିଥିଲେ। ସେ ଜଣେ ସାହିତ୍ୟିକ, ସମାଜ ସେବୀ ଭାବରେ ଜଣାଶୁଣା ବ୍ୟକ୍ତିତ୍ୱ ଭାବରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଶ୍ରୀ ତ୍ରିପାଠୀ, ସାଧାରଣ ସଂପାଦକ ବିଜୟକୃଷ୍ଣ ମହାନ୍ତି, ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଉପସଭାପତି ଦେବେନ୍ଦ୍ର ନାଥ ଶତପଥି, କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, ବରିଷ୍ଠ ସଭ୍ୟ ଓ ସଭ୍ୟା ଶଚିନ୍ଦ୍ର ନାଥ ଦାସ, ସୁଖେନ୍ଦୁ କୁମାର ଦାସ, ଅରବିନ୍ଦ ବେହେରା, ରବିନ୍ଦ୍ରନାଥ ପ୍ରଧାନ, ଦେବ ପ୍ରସାଦ ମଜୁମଦାର, ଦେବିଦତ୍ତ ବିଶ୍ୱରଞ୍ଜନ ମିଶ୍ର, ପ୍ରମିଳା ନାଏକ, ସୁବାସ ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ସାହୁ ଆଦି ବହୁ ସଭ୍ୟ ସ୍ୱର୍ଗତ ମିଶ୍ରଙ୍କର ଗୁଣଜ୍ଞାନ କରିଥିଲେ। ବିମଳ ମହାନ୍ତି, ଗୁରୁଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ନିତ୍ୟାନନ୍ଦ ନାୟକ, ତପସ୍ୱୀନୀ ଆରୁଖ ଆଦି ବହୁ ସଭ୍ୟ ସହାୟତା କରିଥିଲେ ବୋଲି ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।

# ଶରତ ଦେବ ସ୍ମୃତି ସମ୍ମାନ ପାଇଲେ କବି ନିରାକାର ଦାସ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ପୂର୍ବତନ ସାଂସଦ ଓ ମନ୍ତ୍ରୀ ରାଜାସାହେବ ସ୍ୱର୍ଗତଃ ଶରତ ଦେବଙ୍କ ୩୮ ତମ ଶ୍ରାଦ୍ଧ ଉତ୍ସବ ଅବସରରେ ମଙ୍ଗଳବାର ସଂଧ୍ୟାରେ ଆଳିର ଅନ୍ନପୂର୍ଣ୍ଣା ପଡିଆଠାରେ ଆୟୋଜିତ ଏକ ଭବ୍ୟ ସମାବେଶରେ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ ବରିଷ୍ଠ କବି ତଥା ସ୍ତମ୍ଭକାର ନିରାକାର ଦାସଙ୍କୁ ସ୍ୱର୍ଗତଃ ଶରତ ଦେବ ସ୍ମୃତି ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଆଠଗଡର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତଥିଭାବେ ଯୋଗଦାନ କରି ଏହି ସମ୍ମାନ ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ଦାସ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସାହିତ୍ୟ ସାଧନାରରେ ନିଜକୁ ନିମଗ୍ନ ରଖିଛନ୍ତି। ତାଙ୍କର ପ୍ରକାଶିତ ପୁସ୍ତକ ଭିନ୍ନ ଇଲାକାର ସ୍ୱର, ଏ ଯୁଦ୍ଧ ନୁହେଁ ତୁମର, ମହରଗ ପାଦେ ମାଟିର ସ୍ୱପ୍ନ, ବିଦୀର୍ଣ୍ଣ ବସୁଧା, ଅସରନ୍ତି ଯାତ୍ରା, ମୁଁ ସର୍ବହରାର କବି, ସ୍ୱର ସମୟର, ଅନ୍ଧକାର ଯାତ୍ରା ଇତ୍ୟାଦି ବହୁ ପୁସ୍ତକ ପ୍ରକାଶିତ ହେବା ସହ ଅଧୁନା ନିୟମିତ ଭାବେ ବିଭିନ୍ନ ସମ୍ବାଦ ପତ୍ରରେ ସ୍ତମ୍ଭ ଓ ପ୍ରବନ୍ଧ ଲେଖିବାରେ ନିଜକୁ ନିୟୋଜିତ ରଖିଛନ୍ତି। ଜଣେ ଜନ ଦରଦୀ ଓ ସାମ୍ୟବାଦୀ ଚେତନାର କବି ଭାବେ ତାଙ୍କର ସୁନାମ ରହିଛି। ନିକଟରେ କବି ଶ୍ରୀ ଦାସ ଭାରତୀୟ ରେଳପଥର ପୂର୍ବତଟ ରେଳ ଜୋନ୍‌ରୁ ବରିଷ୍ଠ ଜନ ସଂପର୍କ ଅଧିକାରୀ ଭାବେ ଅବସର ନେଇ ସାହିତ୍ୟ ଓ ସମାଜ ସେବାରେ ସମସ୍ତ ସମୟ ବିନିଯୋଗ କରୁଛନ୍ତି।

## ତିନି ବର୍ଷରେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି ୨୧୦ ଜଣ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଗତ ତିନି ବର୍ଷରେ ରାଜ୍ୟରେ ବିଦ୍ୟୁତ ଆଘାତଜନିତ କାରଣରୁ ୨୧୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି ଏବଂ ଯେଉଁ ମାନଙ୍କର ମାମଲା ସମାଧାନ ହୋଇଛି, ସେହି ପରିବାରଙ୍କୁ ମୋଟ ୫,୩୭,୦୭,୦୯୧ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏନେଇ ଗୃହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଉତ୍ତର ରଖିଛନ୍ତି ।

**BPMU, CHC, Manamunda** 10001/145/2526

**O/o-The Superintendent, CHC Manamunda, Boudh, PIN-762016**

**Advt. No. 80** **Date: 24/03/2026**

**TENDER CALL NOTICE FOR HIRING OF VEHICLES FOR BPMU CHC Manamunda**

Sealed tenders are invited from registered travel agencies/sole proprietor for hiring of commercial light vehicles on a **monthly basis**. Details regarding eligibility criteria, terms & conditions and the formats of submission of tender (Technical & Price bid) are mentioned in the tender document which may be downloaded from the website: **www.boudh.odisha.gov.in** Interested agencies/sole proprietor may submit their tenders through **Registered/Speed Post/ Courier only** in a sealed envelope super- scribing on the top of the sealed envelope as "**Tender for Hiring of Vehicles on Monthly Basis for BPMU in reference to Advertisement No. 80 dtd. 24.03.26 A** pre-bid meeting shall be held on **06.04.2026, at 11 A.M.** Any amendments in the tender document due to decision in the pre-bid meeting shall only be notified in the website mentioned above.

The tenders should reach the office of the Superintendent CHC Manamunda on or before **15.04.2026 (5PM)** The tenders will be opened at **11 A.M. on 16.04.2026.** The Superintendent of CHC, Manamunda reserves the right to reject any or all the tenders without assigning any reason thereof.

**OIPR-10001/10177/1/25-26/0001**

**Superintendent, CHC, Manamunda**

ଉତ୍କଳ ଦୀପିକା

ଭୁବନେଶ୍ୱର,
୨୬ମାର୍ଚ୍ଚ, ଗୁରୁବାର,
୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27



ପୁରୀ : ଶ୍ରୀମନ୍ଦିରରେ ପହଞ୍ଚିଲା ଦ୍ୱିତୀୟ ଦଫା ରଥ କାଠ । ଘୁମୁସର ନର୍ଥ ବନଖଣ୍ଡରୁ ଆସିଲା ଏକଗୋଟି ଟ୍ରକ୍‌ରେ ୧୫ ଗୋଟି ୨୦ ଫୁଟିଆ ଧଉରା କାଠ । (ଫଟୋ : ସମ୍ବାଦ କଳିକା)

# ଆଜି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଶ୍ୱପ୍ରସିଦ୍ଧ ରକୁଣା ରଥଯାତ୍ରା

**ଭୁବନେଶ୍ୱର, ୨୫/୦୩**
**ନ୍ୟୁଜ ବ୍ୟୁରୋ**

ଗୁରୁବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଶ୍ୱପ୍ରସିଦ୍ଧ ଅଶୋକାଷ୍ଟମୀ ବା ରକୁଣା ରଥଯାତ୍ରା । ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଏକାମ୍ର କ୍ଷେତ୍ର । ସେବାୟତମାନେ ଦିନରାତି ଏକ କରି ରଥ ନିର୍ମାଣ କାର୍ଯ୍ୟରେ ମଗ୍ନ ରହିଥିବା ବେଳେ ରଥରେ ଶେଷ ସ୍ପର୍ଶ ଦେଇଥିଲେ ୩ ସେବକ ଦଳ । ରଙ୍ଗ ତୂଳି ସ୍ପର୍ଶରେ ରଥ ଜୀବନ୍ତ ହେଉଥିବା ବେଳେ ବୁଧବାର ରାତି ସୁଦ୍ଧା ଅର୍ଥାତ ନେତ୍ର ଉତ୍ସବ ପୂର୍ବରୁ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ମହାରଣା ସେବାୟତ । ତେବେ ଅଶୋକାଷ୍ଟମୀର ନୀତିକାନ୍ତି ଗୁରୁବାର ଭୋର ୪ଟାରୁ ଆରମ୍ଭ ହେବ। ପ୍ରଥମେ ଅବକାଶ ଓ ମଙ୍ଗଳ ଆଳତି ନୀତିରୁ ଆରମ୍ଭ ହେବାକୁ ଥିବା ବେଳେ ଅପରାହ୍ନ ୩ ଟାରେ ରଥ ଟଣା ହେବ ବୋଲି ସମୟ ନିର୍ଘଣ୍ଟ ହୋଇଥିବା କହିଛନ୍ତି ବ୍ରାହ୍ମଣ ନିଯୋଗ । ଗୁରୁବାର ରଥାରୁଢ଼ ହୋଇ ପ୍ରଭୁ ଲିଙ୍ଗରାଜ ମାଉସୀ ମା' ଘରକୁ ଯାତ୍ରା କରିବେ । ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଇଁ ନିର୍ମାଣ ହୋଇଛି ପ୍ରାୟ ୫୦ ଫୁଟ୍ ଉଚ୍ଚର ଭବ୍ୟ ରକୁଣା ରଥ । ଚଳିତ ବର୍ଷ ରଥ ନିର୍ମାଣରେ ଦେଖିବାକୁ ମିଳିଛି ଏକ ସ୍ୱତନ୍ତ୍ର ନିପୁଣତା। ପାର୍ଶ୍ୱଦେବତା, ଘୋଡା, ତତ୍‌ସଂଲଗ୍ନ କାଠ ଭଳି ଅନେକ ନୂଆ କାଠ ଲାଗିଥିବା ବେଳେ ଚିତ୍ରକରମାନେ ସେଥିରେ ନିଜ କାରିଗରୀର ଚତୁରତା ଦେଖାଇଛନ୍ତି । ସେପଟେ ରକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ପଞ୍ଚଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ମାର୍ଚ୍ଚ ୨୬ ରୁ ୩୧ ପର୍ଯ୍ୟନ୍ତ ୬ ଦିନ ଧରି ଆୟୋଜିତ ହେବ। ଏହି ଉତ୍ସବରେ ୭ ଶହରୁ ଅଧିକ କଳାକାର ଯୋଗଦେଇ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ବିଭିନ୍ନ ପାରମ୍ପରିକ ଓ ଆଧୁନିକ ନୃତ୍ୟ ପରିବେଷଣ କରିବେ। ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡାଙ୍କ ନେତୃତ୍ୱରେ ଓଡ଼ିଶା କଳାବିକାଶ କେନ୍ଦ୍ର ସହ ଅନ୍ୟାନ୍ୟ ପ୍ରସିଦ୍ଧ ସଂସ୍ଥାମାନେ ଯୋଗଦେବେ । ମୋଟ ୩୬ଟି ଦଳ ଏଥିରେ ଅଂଶଗ୍ରହଣ କରିବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁରେଶ କୁମାର ରାଉତରାୟ କହିଛନ୍ତି । ସେହିପରି କେଦାରନାଥ ମହାରଣା କହିଛନ୍ତି, 'ଅଖ, ଚକ, ଚାରି ନାହାକା ପୋଟଳୀ, ଉପର ଭାଡା ତଳ ଭାଡା ଓ ଦଧିନଉତି କାର୍ଯ୍ୟ ଶେଷ ହୋଇଥିବା ବେଳେ ବିଗ୍ରହ କାଠ ସ୍ଥାପନା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୁଧବାର ରାତି ସୁଦ୍ଧା ଶେଷ ହୋଇଯାଇଛି । ମାର୍ଚ୍ଚ ୫ରେ ରଥ ଅନନୁକୂଳ ହୋଇ ୬ରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ୨୦ ଦିନ ଧରି ଅକ୍ଳାନ୍ତ ପରିଶ୍ରମ କରି ରଥ ନିର୍ମାଣ ହୋଇଛି । ୬୫ ଜଣ ସେବାୟତ ଦିନରାତି ପ୍ରଭୁଙ୍କ ରଥ ନିର୍ମାଣରେ ନିୟୋଜିତ ହୋଇ ରଥ କାର୍ଯ୍ୟ କରୁଥିବା ବେଳେ ସେ ତାଙ୍କ କାର୍ଯ୍ୟ କରୁଛନ୍ତି । ଏନେଇ ଆମକୁ କେବେ କଷ୍ଟ ହୋଇନି । ସେହିପରି ଏହି ରଥ ନିର୍ମାଣ ପାଇଁ ବିଶେଷ ଭାବେ ପୁରୀରୁ ପ୍ରାୟ ୮ ଜଣ ଅଭିଜ୍ଞ କାରିଗର ଆସିଛନ୍ତି । ଯେଉଁମାନେ ପ୍ରତିବର୍ଷ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥ ତିଆରି କରନ୍ତି । ଏହି ୮ ଜଣ କାରିଗର ଦିନରାତି ଏକ କରି ପରିଶ୍ରମ କରୁଛନ୍ତି। ଯେପରି ପ୍ରଭୁଙ୍କ ରକୁଣା ରଥ ସବୁଠାରୁ ସୁନ୍ଦର ଓ ମଜଭୁତ ହୋଇପାରିବ ।'

# ହିନ୍ଦୁ, ବୌଦ୍ଧ କିମ୍ବା ଶିଖ ଧର୍ମ ବ୍ୟତୀତ ଅନ୍ୟ ଧର୍ମକୁ ପରିବର୍ତ୍ତନ କଲେ ଏସ୍‌ସି ମାନ୍ୟତା ରଦ୍ଦ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୫/୦୩**

ସୁପ୍ରିମକୋର୍ଟ କହିଛନ୍ତି ଯେ, ହିନ୍ଦୁ ଧର୍ମ, ଶିଖ ଧର୍ମ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମକୁ ପରିବର୍ତ୍ତନ କରିବା ଦ୍ୱାରା ଅନୁସୂଚିତ ଜାତିର ମାନ୍ୟତା ହରାଇବାକୁ ପଡ଼ିବ। ସୁପ୍ରିମକୋର୍ଟ ଆନ୍ଧ୍ର ପ୍ରଦେଶ ହାଇକୋର୍ଟଙ୍କ ଏକ ଆଦେଶକୁ ସମର୍ଥନ କରି ଏହି ମନ୍ତବ୍ୟ ଦେଇଛନ୍ତି ଯେ, ଯେଉଁ ବ୍ୟକ୍ତି ଖ୍ରୀଷ୍ଟ ଧର୍ମ ଗ୍ରହଣ କରନ୍ତି ଏବଂ ଖୋଲାଖୋଲି ଭାବେ ବିଶ୍ୱାସ କରନ୍ତି ଏବଂ ଅଭ୍ୟାସ କରନ୍ତି, ସେ ବ୍ୟକ୍ତି ଅନୁସୂଚିତ ଜାତି ସମ୍ପ୍ରଦାୟର ସଦସ୍ୟ ନୁହନ୍ତି । ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ଗଠିତ ଏକ ଖଣ୍ଡପୀଠ ଏହି ନିଷ୍ପତ୍ତି ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନର ମାମଲାରେ, ଆବେଦନକାରୀ ଖ୍ରୀଷ୍ଟ ଧର୍ମରୁ ତାଙ୍କର ମୂଳ ଧର୍ମକୁ ଫେରି ନାହାନ୍ତି କିମ୍ବା ମଦିକା ସମ୍ପ୍ରଦାୟରେ ପୁନର୍ବାର ଗ୍ରହଣ କରାଯାଇ



ନାହାନ୍ତି । ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ, ଆବେଦନକାରୀ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଆସୁଛନ୍ତି ଏବଂ ଏକ ଦଶନ୍ଧିରୁ ଅଧିକ ସମୟ ଧରି ପାଦ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି, ଗ୍ରାମ ଘରେ ନିୟମିତ ରବିବାର ପ୍ରାର୍ଥନା କରୁଛନ୍ତି। ଖଣ୍ଡପୀଠ ଏହା ମଧ ସ୍ୱୀକାର କରିଛନ୍ତି ଯେ, ଅଭିଯୋଗ ହୋଇଥିବା ଘଟଣା ସମୟରେ ସେ ଘରେ ପ୍ରାର୍ଥନା ସଭା ପରିଚାଳନା କରୁଥିଲେ । ଏହି ପୃଷ୍ଠଭୂମି ବିରୁଦ୍ଧରେ ଖଣ୍ଡପୀଠ କହିଛନ୍ତି ଯେ, ସେ ଘଟଣା ତାରିଖ ପର୍ଯ୍ୟନ୍ତ ଜଣେ ଖ୍ରୀଷ୍ଟିଆନ ଥିଲେ। ଖଣ୍ଡପୀଠ କହିଛନ୍ତି ଯେ ହିନ୍ଦୁ ଧର୍ମ, ଶିଖ ଧର୍ମ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ ଗ୍ରହଣ କରୁଥିବା କୌଣସି ବ୍ୟକ୍ତିଙ୍କୁ ଅନୁସୂଚିତ ଜାତିର ସଦସ୍ୟ ଭାବେ ବିବେଚନା କରାଯାଇପାରିବ ନାହିଁ । ଖଣ୍ଡପୀଠ କହିଛନ୍ତି ଯେ, ଅନ୍ୟ କୌଣସି ଧର୍ମ ଗ୍ରହଣ କଲେ ଅନୁସୂଚିତ ଜାତିର ମାନ୍ୟତା ହରାଇବ । ଏହି ମାମଲାର ବିସ୍ତୃତ ନିର୍ଦ୍ଦେଶ ପରେ ଅପଲୋଡ୍ କରାଯିବ । ମାମଲାଟି ଜଣେ ବ୍ୟକ୍ତିଙ୍କୁ ନେଇ ଗଠିତ, ଯିଏ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ପାଦ୍ରୀ ଭାବେ କାର୍ଯ୍ୟ କରିଥିଲେ । ସେ ତାଙ୍କ ଉପରେ ଆକ୍ରମଣ କରିଥିବା କିଛି ବ୍ୟକ୍ତିଙ୍କ ବିରୁଦ୍ଧରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଅନୁଯାୟୀ ଏକ ମାମଲା ଦାୟର କରିଥିଲେ । ବ୍ୟକ୍ତି ଜଣକ ଏସସି ଆଣ୍ଡ ଏସଟି ଆଇନ ଅନୁଯାୟୀ ସୁରକ୍ଷା ଦାବି କରିଥିଲେ । ଅଭିଯୁକ୍ତ ବ୍ୟକ୍ତିମାନେ ଏହାକୁ ଚ୍ୟାଲେଞ୍ଜ କରି କହିଥିଲେ ଯେ, ପାଦ୍ରୀ ଧର୍ମ ପରିବର୍ତ୍ତନ କରିଥିଲେ ଏବଂ ସକ୍ରିୟ ଭାବେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ଏପ୍ରିଲ ୨୦୨୫ରେ, ଆନ୍ଧ୍ର ପ୍ରଦେଶ ହାଇକୋର୍ଟ କହିଥିଲେ ଯେ, ଜାତି ବ୍ୟବସ୍ଥା ଖ୍ରୀଷ୍ଟିଆନ ଧର୍ମ ପାଇଁ ପରକୀୟା ଏବଂ ଫଳସ୍ୱରୂପ ବ୍ୟକ୍ତିଙ୍କୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନର ବ୍ୟବସ୍ଥାଗୁଡ଼ିକୁ ବ୍ୟବହାର କରିବାରୁ ନିଷେଧ କରାଯାଇଛି ।

# ଆର୍ଟ ଅଫ୍ ଗିଭିଂ ୨୦୨୬ର ଥିମ୍ ଉନ୍ମୋଚିତ

**ଭୁବନେଶ୍ୱର, ୨୫/୦୩**
**ନ୍ୟୁଜ ବ୍ୟୁରୋ**

ଆର୍ଟ ଅଫ୍ ଗିଭିଂର ଚଳିତ ବର୍ଷର ଥିମ୍ ବୁଧବାର ଉନ୍ମୋଚନ ହୋଇଛି। ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହାକୁ ଉନ୍ମୋଚନ କରିଥିଲେ। ଆର୍ଟ ଅଫ୍ ଗିଭିଂ ଚଳିତ ବର୍ଷର ଥିମ୍ ରଖାଯାଇଛି 'ସେୟାର ଟୁ ସାଇନ୍'। ସୂଚନାଯୋଗ୍ୟ, ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ୨୦୧୩ ମସିହାରେ ଆର୍ଟ ଅଫ୍ ଗିଭିଂ ଆରମ୍ଭ ହୋଇଥିଲା। ଆର୍ଟ ଅଫ୍ ଗିଭିଂ ମାଧ୍ୟମରେ ସମାଜରେ ସହଭାଗିତା, ସହଯୋଗ ଓ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିବା ସହ ସମାଜରେ ଦାନ ଓ ସେବା ମାଧ୍ୟମରେ ସମାଜରେ ଶାନ୍ତି, ସଦଭାବନା ଓ ଭାଇଚାରର ପ୍ରଚାର ପ୍ରସାର ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ଡ. ସାମନ୍ତ ଏହି ଅଭିଯାନ ମାଧ୍ୟମରେ ମନୁଷ୍ୟ ମଧ୍ୟରେ ମାନବିକତା, ସହାନୁଭୂତି ଓ ନିଷ୍କାମ ସେବାର ଭାବନାକୁ ଜାଗ୍ରତ କରିବାରେ ଜୋର ଦେଇ ଆସୁଛନ୍ତି। ଏହାକୁ ଉନ୍ମୋଚନ କରି ଡ. ସାମନ୍ତ କହିଲେ, ଏହି ଅଭିଯାନ ଆଜି ଏକ ବିଶ୍ୱସ୍ତରରେ ପହଞ୍ଚି ପାରିଛି। ବିଭିନ୍ନ ଦେଶର ଅଂଶଗ୍ରହଣକାରୀମାନେ ପ୍ରତିବର୍ଷ ଏହାର କାର୍ଯ୍ୟକଳାପରେ ସକ୍ରିୟ ଭାବରେ ସାମିଲ




ହେଉଛନ୍ତି। ପ୍ରତିବର୍ଷ ଏହି ଅଭିଯାନ ଏକ ନୂତନ ଥିମ୍ ନେଇ ଆସିଥାଏ, ଯାହା ମାଧ୍ୟମରେ ଲୋକମାନେ ନିଜର ସମୟ, ସଂପଦ, ଜ୍ଞାନ ଓ ସ୍ନେହ ଅନ୍ୟଙ୍କ ସହିତ ବାଣ୍ଟିବାକୁ ପ୍ରେରିତ ହୋଇଥାନ୍ତି। ଚଳିତବର୍ଷର ଥିମ୍ 'ସେୟାର ଟୁ ସାଇନ୍'ର ମୂଳ ବାର୍ତ୍ତା ହେଉଛି— ବାଣ୍ଟିବାରେ ଅଛି ସତ୍ୟ ସଫଳତା ଓ ଆନନ୍ଦ। ବିଶ୍ୱବ୍ୟାପୀ ଆର୍ଟ ଅଫ୍ ଗିଭିଂର ଅନୁଗାମୀ ଏବଂ ଶୁଭେଚ୍ଛୁଙ୍କୁ ଏଥିରେ ସାମିଲ ହେବା ପାଇଁ ପ୍ରତିବର୍ଷ ମଇ ୧୭ ତାରିଖରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନର ଦୁଇ ମାସ ପୂର୍ବରୁ ଏହି ବିଷୟବସ୍ତୁ ଉନ୍ମୋଚିତ ହୋଇଥାଏ। ଆର୍ଟ ଅଫ୍ ଗିଭିଂ ଅଭିଯାନରେ ଛାତ୍ରଛାତ୍ରୀ, ସମାଜସେବୀ ଓ ସାଧାରଣ ଲୋକମାନଙ୍କର ବ୍ୟାପକ ସହଭାଗିତା ଦେଖିବାକୁ ମିଳୁଛି। ଏହା ଆଜି କେବଳ ଓଡ଼ିଶାରେ ସୀମିତ ହୋଇ ରହିନାହିଁ, ବରଂ ଭାରତ ସମେତ ବିଶ୍ୱର ୨୨୦ଟି ଦେଶରେ ଆଦୃତ ଲାଭ କରିଛି। ଖାଦ୍ୟ, ବସ୍ତ୍ର ଦାନ, ଶିକ୍ଷା ସହାୟତା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିପାରିଛି। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କ ସମେତ କିଟ୍‌ର ପଦାଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କଟକ ଦହିବରାକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ସହଯୋଗ ମାଗିଲେ ସରକାର

**ଭୁବନେଶ୍ୱର, ୨୫/୦୩**
**ନ୍ୟୁଜ ବ୍ୟୁରୋ**

କଟକ ଦହିବରାକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବିଭିନ୍ନ ସଂସ୍ଥା, ସଂଗଠନ, ବ୍ୟକ୍ତି ବିଶେଷ ଓ ଆଇନ ବିଶାରଦ ମାନଙ୍କୁ ଆଗେଇ ଆସିବା ଲାଗି ଅପିଲ କରିଛନ୍ତି ରାଜ୍ୟ ସରକାର। ନିୟମ ଅନୁଯାୟୀ ଜିଆଇ ଟ୍ୟାଗିଙ୍ଗ ପାଇଁ ରାଜ୍ୟ ସରକାର ସିଧାସଳଖ ଆବେଦନ କରି ପାରିବେନି । ତେଣୁ ବିଭିନ୍ନ ସଂଗଠନକୁ ଆବେଦନ ପାଇଁ ଅପିଲ କରିଛନ୍ତି ରାଜ୍ୟ ସରକାର। ଯଦି କୌଣସି ସଂସ୍ଥା, ସଂଗଠନ, ବ୍ୟକ୍ତି ବିଶେଷ କିମ୍ବା ଆଇନ ବିଶାରଦ ମାନେ ଜିଆଇ ଟ୍ୟାଗିଙ୍ଗ ପାଇଁ ଆବେଦନ କରିବେ ରାଜ୍ୟ ସରକାର ସହଯୋଗ କରିବେ ବୋଲି ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାର ଲିଖିତ ଉତରରେ ଦର୍ଶାଇଛନ୍ତି।




ଭୁବନେଶ୍ୱର : ବୁଦ୍ଧ ମନ୍ଦିର ପରିସରରେ ସ୍ୱର୍ଗତ ଫକିର ମୋହନ ନନ୍ଦଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳନ ଅବସରରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ରବିନାରାୟଣ ନନ୍ଦଙ୍କ ଲିଖିତ କବିତା ସଂକଳନ "ଡେଣା" ଏବଂ ଗଳ୍ପ ସଂକଳନ "ଏ ମନ ଭାବୁଥାଇ ଯାହା" ଦୁଇଟି ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ବିଚାରପତି ବିମଳ ପ୍ରସାଦ ଦାସ, ମୁଖ୍ୟବକ୍ତା କଥାକାର ଦାଶ ବେନହୁର, ସମ୍ମାନିତ ଅତିଥି କୃଷ୍ଣଚନ୍ଦ୍ର ନନ୍ଦ, ଆଡଭୋକେଟ ଉମାକାନ୍ତ ନନ୍ଦ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ବିଜେଡିରେ ଯୋଗ ଦେଲେ ରଘୁନାଥ ମହାନ୍ତି ଓ ଜୀବନ ପ୍ରଦୀପ ଦାସ

**ଭୁବନେଶ୍ୱର, ୨୫/୦୩**
**ନ୍ୟୁଜ ବ୍ୟୁରୋ**

ଆଜି ବାଲେଶ୍ୱର ଜିଲ୍ଲାର ଦୁଇ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଉଭୟ ଶ୍ରୀ ମହାନ୍ତି ଓ ଶ୍ରୀ ଦାସଙ୍କୁ ବିଜୁ ଜନତା ଦଳକୁ ସ୍ୱାଗତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏ ଦୁଇ ନେତାଙ୍କ ଯୋଗଦାନ ଦ୍ୱାରା ବିଜେଡି ବାଲେଶ୍ୱର ଜିଲ୍ଲାରେ ଆହୁରି ମଜଭୁତ ହେବ। ଜିଲ୍ଲାରେ ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ଶ୍ରୀ ପଟ୍ଟନାୟକ ଉଭୟଙ୍କୁ ପରାମର୍ଶ ଦେଇଥିଲେ। ବିଜେଡିରେ ସେମାନଙ୍କୁ ଗ୍ରହଣ କରିଥିବାରୁ ଶ୍ରୀ ମହାନ୍ତି ଓ ଶ୍ରୀ ଦାସ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାର ଆଠ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସେମାନେ କାମ କରିବେ ବୋଲି ଘୋଷଣା କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡି ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଗଣ ସର୍ବଶ୍ରୀ ପ୍ରତାପ କେଶରୀ ଦେବ, ଅଶ୍ୱିନୀ ପାତ୍ର, ଅରୁଣ



ସାହୁ, ମାଧବ ଧଡା, ଗୌତମ ବୁଦ୍ଧ ଦାସ, ପୂର୍ବତନ ମନ୍ତ୍ରୀ ସର୍ବଶ୍ରୀ ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ଭୃଗୁ ବକ୍ସିପାତ୍ରଙ୍କ ସମେତ ଜିଲ୍ଲାର ବିଜେଡି ନେତୃବୃନ୍ଦ ଓ ଶହ ଶହ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ରଘୁନାଥ ମହାନ୍ତି ପୂର୍ବରୁ ବିଜେଡି ସରକାରରେ ଦୀର୍ଘ ଦିନ ଧରି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ନିକଟରେ ବିଜେପିରୁ ଇସ୍ତଫା ଦେଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୫/୦୩/୨୦୨୬
୫,୦୦,୨୭୮/- ଟଙ୍କା
ସୁନା:-ଶୂନ୍ୟ
ରୂପା:-ଶୂନ୍ୟ

# ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍ : ୨ ଅଟକ

**ପୁରୀ, ୨୫/୦୩**
**ନ୍ୟୁଜ ବ୍ୟୁରୋ**

ପୁଣି ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । ଆଜି ଶ୍ରୀମନ୍ଦିର ଉପରେ ଉଡ଼ିଛି ଡ୍ରୋନ । ଶ୍ରୀମନ୍ଦିରର ବାନା ପରିବର୍ତ୍ତନ ବେଳେ ଏହାକୁ ଦୁଇଟି ଡ୍ରୋନ ଭିଡିଓ ସୁଟ୍ କରୁଥିବା ନଜରକୁ ଆସିଛି । ସନ୍ଧ୍ୟା ୫ଟା ୨୫ ମିନିଟରୁ ଦୀର୍ଘ ୩୦ ମିନିଟ୍ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚୂଡ଼ାରେ ଚକ୍କର କାଟିଥିଲା ୨ଟି ଡ୍ରୋନ୍। ତେବେ ଏହାକୁ ନେଇ ଭକ୍ତମାନେ ଉଦବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ଡ୍ରୋନ ଉଡାଇ ଥିବା ଦୁଇ ଜଣଙ୍କୁ ଅଟକ ରଖିଛି ପୁରୀ ପୋଲିସ । ଶ୍ରୀମନ୍ଦିର ଭଳି ଏକ ହାଇ ସିକ୍ୟୁରିଟି ଜୋନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଡ୍ରୋନ ଉଡ଼ିବା ଅତ୍ୟନ୍ତ ବିପଦଜନକ ବୋଲି ଭକ୍ତ ଅଭିଯୋଗ କରିଛନ୍ତି । ଜଣେ ଶ୍ରଦ୍ଧାଳୁ ପରମା ବୋଷ କହିଛନ୍ତି, 'ଶ୍ରୀମନ୍ଦିର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥଳରେ ୨ଟି ଡ୍ରୋନ ଉଡ଼ିବା ସୁରକ୍ଷା ଦୃଷ୍ଟି କୋଣରୁ ଠିକ୍ ନୁହେଁ । ଶ୍ରୀମନ୍ଦିରକୁ ହଜାର ହଜାର ଭକ୍ତ ଆସୁଛନ୍ତି। ଯଦି ଡ୍ରୋନରେ କେହି ବିସ୍ଫୋରକ ସାମଗ୍ରୀ ଆଣି ଆକ୍ରମଣ କରେ ତେବେ ବହୁତ କ୍ଷତି ଘଟିବ । ଏଣୁ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପୋଲିସ୍ କଡା କାର୍ଯ୍ୟାନୁଷ୍ଠାନ ନେଉ । ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଣ ବନ୍ଦ ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର ହେଉ ।' ସେପଟେ ପୁରୀ ପୋଲିସ୍ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖାଯାଇଛି । ତଦନ୍ତ କରାଯାଉଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜ୍ୟ ସରକାର ଆଣ୍ଟି ଡ୍ରୋନ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଘୋଷଣା କରିଥିଲେ ମଧ ଆଜି ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ କରିନାହାନ୍ତି । ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଓଏମ୍‌ସି ଓ ଟେକ୍ସମିନ୍ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

# ଆଧୁନିକ ଜ୍ଞାନକୌଶଳରେ ସମୃଦ୍ଧ ହେବ ଓଡ଼ିଶାର ଖଣି କ୍ଷେତ୍ର



**ଭୁବନେଶ୍ୱର, ୨୫।୩**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଖଣି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ନୂତନ ଜ୍ଞାନକୌଶଳର ବିନିଯୋଗ ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଓଡ଼ିଶା ଖଣି ନିଗମ ଏବଂ ଆଇଆଇଟି ଧନବାଦର 'ଟେକ୍ସମିନ୍' ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଏହି ସହଭାଗିତା ମୁଖ୍ୟତଃ ନିରାପଦ, ସ୍ଥାୟୀ ଏବଂ ଡିଜିଟାଲ୍ ଖଣି କାର୍ଯ୍ୟ ଉପରେ ଗୁରୁତ୍ୱ ଦେବ । ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଏମସି କର୍ମଚାରୀମାନଙ୍କ ପାଇଁ ଅତ୍ୟାଧୁନିକ ପ୍ରଶିକ୍ଷଣ ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି । ଖଣି କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ଗବେଷଣା ପାଇଁ ମିଳିତ ସହଯୋଗ । ଖଣି କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଡିଜିଟାଲ୍ ଟେକ୍ନୋଲୋଜିର ବ୍ୟବହାର । ପରିବେଶ ସୁରକ୍ଷା ସହିତ ସୁରକ୍ଷିତ ଖଣି କାର୍ଯ୍ୟ ପ୍ରଣାଳୀକୁ ପ୍ରୋତ୍ସାହନ । ଓଏମସି ପକ୍ଷରୁ ନିର୍ଦ୍ଦେଶକ ଶ୍ରୀ ଆଲୋକ କୁମାର ପାଲ ଏବଂ ଆଇଆଇଟି ଧନବାଦର ଡେପୁଟି ଡିରେକ୍ଟର ତଥା ଟେକ୍ସମିନ୍ ଫାଉଣ୍ଡେସନର ପ୍ରୋଜେକ୍ଟ ଡିରେକ୍ଟର ପ୍ରଫେସର ଧୀରଜ କୁମାର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଏମସି କର୍ତ୍ତୃପକ୍ଷ କହିଛନ୍ତି, 'ଏହି ସହଭାଗିତା ଓଏମସିର କାର୍ଯ୍ୟଦକ୍ଷତାକୁ ଆହୁରି ମଜବୁତ କରିବା ସହ ଭବିଷ୍ୟତର ଆହ୍ୱାନକୁ ସାମ୍ନା କରିବା ପାଇଁ ଏକ ଦକ୍ଷ କର୍ମଚାରୀ ଗୋଷ୍ଠୀ ପ୍ରସ୍ତୁତ କରିବାରେ ସହାୟକ ହେବ ।' ଓଡ଼ିଶା ସରକାରଙ୍କ ଏକ 'ଗୋଲ୍ଡ କ୍ୟାଟେଗୋରୀ' ସଂସ୍ଥା ଭାବେ ଓଏମସି ରାଜ୍ୟର ଶିଳ୍ପ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବର୍ତ୍ତମାନ ଓଡ଼ିଶାରେ ଏହାର ୧୯ଟି ସକ୍ରିୟ ଖଣି ରହିଛି, ଯେଉଁଠାରେ ଲୁହାପଥର, କ୍ରୋମାଇଟ୍ ଏବଂ ବକ୍ସାଇଟ୍ ପରି ଖଣିଜ ଦ୍ରବ୍ୟର ଉତ୍ତୋଳନ କରାଯାଉଛି ।

# ଏପ୍ରିଲ୍ ୨ରୁ ଯୁକ୍ତ ଦୁଇ ଖାତା ଦେଖା

**ଭୁବନେଶ୍ୱର, ୨୫/୦୩**
**ନ୍ୟୁଜ ବ୍ୟୁରୋ**

ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଶେଷ ହୋଇଛି । ପରୀକ୍ଷା ସରିବା ମାତ୍ରେ ଖାତା ଦେଖି ଶୀଘ୍ର ପରୀକ୍ଷା ଫଳ ପ୍ରକାଶ କରିବାକୁ ଅଣ୍ଟା ଭିଡ଼ିଛି ସିଏଚ୍‌ଏସ୍‌ଇ । ସିଏଚ୍‌ଏସ୍‌ଇର ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଆସନ୍ତା ଏପ୍ରିଲ୍ ୨ ତାରିଖରୁ ଯୁକ୍ତ ଦୁଇ ଖାତା ଦେଖା ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ । ଏପ୍ରିଲ୍ ମାସ ଶେଷ ସୁଦ୍ଧା ଖାତା ଦେଖା ଶେଷ ହେବ। ମେ' ମାସରେ ପରୀକ୍ଷା ଫଳ ପ୍ରକାଶ ପାଇବ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଗ୍ୟାସ୍ ସଙ୍କଟ ଯୋଗୁଁ ଆହାର କେନ୍ଦ୍ର ମୁହାଁ ରାଜଧାନୀବାସୀ : ଘଣ୍ଟାକ ଭିତରେ ହାଣ୍ଡି ଖାଲି

**ଭୁବନେଶ୍ୱର, ୨୫/୦୫**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ଗ୍ୟାସ୍ ସଙ୍କଟ ଜଟିଳ ହେବାରେ ଲାଗିଛି । ପ୍ରତିଦିନ ଯେତିକି କମରସିଆଲ ଗ୍ୟାସ୍ ଆବଶ୍ୟକତା ପଡୁଥିଲା ତାର ଗୋଟିଏ ଭାଗ ମିଳିବା କଷ୍ଟ । ଏହା ସହ ଡୋମେଷ୍ଟିକ ଗ୍ୟାସ୍ ୩ ଗୁଣା ଦରରେ ବ୍ଲାକ୍‌ରେ ବିକ୍ରି ହେଉଛି । ଏପରିକି ବିଭିନ୍ନ ହଷ୍ଟେଲ, କଲେଜ ମେସ୍ରେ ରୋଷେଇ ବନ୍ଦ ହେଲାଣି । ହୋଟେଲ ବନ୍ଦ ହେଲାଣି । କର୍ମଚାରୀ ଛଟେଇ ହେଲେଣି । ଆଉ ଯେଉଁ ହାତ ଗଣତି ହୋଟେଲ ରହିଛି ସେମାନେ ଦର ବଢ଼ାଇ ଦେଇଛନ୍ତି । ଫଳରେ ଏବେ ଶ୍ରମିକ ଏବଂ ଛାତ୍ରଛାତ୍ରୀମାନେ ଆହାର କେନ୍ଦ୍ର ମୁହାଁ ହେଲେଣି ।

କିଛି କଲେଜକୁ ବିଏମସି ଯୋଗାଣ ବିଭାଗ ପକ୍ଷରୁ ଗ୍ୟାସ୍ ଯୋଗାଇ ଦିଆଯାଉଛି । ହେଲେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମେସ୍ରେ ରହୁଥିବା ଛାତ୍ରଛାତ୍ରୀ। ଗ୍ୟାସ୍ ସଙ୍କଟ ଯୋଗୁ ଛୋଟ ୫ କିଗ୍ରା ଗ୍ୟାସ୍ ଭର୍ତ୍ତି କରିବାରେ ଅସୁବିଧା ଉପୁଜୁଛି। ତେଣୁ ଛାତ୍ରଛାତ୍ରୀମାନେ ଏବେ ଆହାର କେନ୍ଦ୍ର ମୁହାଁ ହେଲେଣି। ଖାଲି ଛାତ୍ରଛାତ୍ରୀ ନୁହେଁ, ଶ୍ରମିକ ଏବଂ ଅନ୍ୟ ଛୋଟ ଚାକିରି କରିଥିବା ଲୋକେ ଏବେ ସିଧା



ଆହାର କେନ୍ଦ୍ରରେ ମାଡ଼ ହେଉଛନ୍ତି । ରାଜଧାନୀରେ ବିଏମ୍ସିର ୧୪ଟି ଆହାର କେନ୍ଦ୍ର ରହିଛି। ପ୍ରତିଦିନ ଏହି ଆହାର କେନ୍ଦ୍ରରେ ୯୬୦୦ ମିଲ୍ ପରିବେଷଣ କରାଯାଉଛି । ଏବେ ଲୋକ ସଂଖ୍ୟା ବଢ଼ି ଗଲେଣି । ଏମ୍ସ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଅନ୍ୟ ସ୍ଥାନମାନଙ୍କରେ ଥିବା ଆହାର କେନ୍ଦରେ ବି ଲୋକଙ୍କ ସଂଖ୍ୟା ବଢ଼ିଛି। ପ୍ରତିଦିନ ୧୧ଟା ରେ ଖାଇବା ମିଳୁଥିବା ବେଳେ ମାତ୍ର ଘଣ୍ଟାକ ଭିତରେ ମିଲ୍ ସରୁଛି । ପ୍ରତି ଆହାର କେନ୍ଦ୍ରରୁ ଦୈନିକ ଏବଂ ୨୦୦ରୁ ଊର୍ଦ୍ଧ୍ୱ ଲୋକେ ଫେରୁଛନ୍ତି । ସେପଟେ ଗ୍ୟାସ୍ ସଙ୍କଟରୁ ବର୍ତ୍ତିବା ପାଇଁ ବିଭିନ୍ନ କାଠ ଗୋଲା ଏବଂ କୋଇଲା ଡିପୋରେ ବେଶ୍ ଭିଡ଼ ଜମୁଛି । ସେହିପରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବ୍ୟାବସାୟିକ ରନ୍ଧନ ଗ୍ୟାସ୍ ସିଲିଣ୍ଡର ସଙ୍କଟ ଦେଖାଦେଇଥିବାବେଳେ ଏଥିରେ ହୋଟେଲ ଶିଳ୍ପ ପ୍ରଭାବିତ ହୋଇଛି । ହେଟେଲ୍, ରେଷ୍ଟୁରାଣ୍ଟ, ଢାବା ମାଲିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଅଧିକାଂଶ ହୋଟେଲରେ ଆଇଟମ୍ କମିଗଲାଣି । ଠେଲା ଏବଂ ଚା' ଦୋକାନୀ ଭଳି କ୍ଷୁଦ୍ର ବ୍ୟବସାୟୀମାନେ ବ୍ୟବସାୟ ବନ୍ଦ କରିବାକୁ ଚିନ୍ତା କଲେଣି ।